## ଜିସୁ ଇର୍‌ୱୁଡ଼୍‌ କାନାଲଡ଼୍‌କିଙ୍ଗ୍‌ ଉଡ଼ାନ୍‌ ଶକ୍ତି ହିତ୍‌ତଣ୍ଡ୍‌

୨୭ ଜିସୁ ଆଗାଙ୍ଗ୍‌ ୱାଦାନ୍‌ ୱେଲେ ଇର୍‌ୱୁଡ଼୍‌ କାନାଲଡ଼୍‌କ୍‌ ଅଣ୍ଡ୍‌ ସୁସ୍ଥ
ମାଡ଼୍‌ତଡ଼୍‌ । ଅଡ଼୍‌ ଗାଟି ଲେଙ୍ଗ୍‌ଦେ କେତ୍‌ତଡ଼୍‌, “ହୋ ଦାଉଦ୍‌ ବଂଶତଣ୍ଡ୍‌,
ମାକିଂଙ୍ଗ୍‌ ଦୟା ମାଡ଼େ ।”
୨୮ ଅଡ଼୍‌ ଜିସୁନ୍‌ ପେର୍କେପେର୍କେ ଆଞ୍ଜ୍‌ ଅଣ୍ଡ୍ରୟ୍‌ ଲୋନ୍‌ ହସ୍‌ତଡ଼୍‌ ।
ଆଗେ ଜିସୁ ଅଡ଼୍‌କିଂଙ୍ଗ୍‌ ପାଡ୍ରାମାଡ଼ତଣ୍ଡ୍‌, “ନାନ୍‌ ମିକିଂଙ୍ଗ୍‌ ସୁସ୍ଥ ମାଡ଼ିତାନ୍‌
ଇଞ୍ଜ ମିଡ଼୍‌ ବିଶ୍ୱାସ୍‌ ମାଡ଼ଡ଼ିଡ଼୍‌ କି ?” ଅଡ଼୍‌ ଉତ୍ତର୍‌ ହିତ୍‌ତଡ଼୍‌, “ହୋ ପ୍ରବୁ
।”
୨୯ ଆସୁଟେ ଜିସୁ ଅଡ଼ାୱୁ କଣ୍ଡାଙ୍ଗ୍‌ ଇଟି ମିକା କେତ୍‌ତଣ୍ଡ୍‌, “ନିମ୍‌
ବେଲା ବିଶ୍ୱାସ୍‌ ମାଡ଼ଡ଼ିନ୍‌ ଆଦେରକମ୍‌ ଆୟି ।”
୩୦ ଆସୁଟେ ସାଙ୍ଗେ ସାଙ୍ଗେ ଅଡ଼୍‌ କଣ୍ଡା ଉଡ଼୍‌ତଡ଼୍‌ । ଜିସୁ ଅଡ଼୍‌କିଂଙ୍ଗ୍‌
କଡ଼ା ଗଟ୍‌ ଇସ୍‌ କେତ୍‌ତଣ୍ଡ୍‌, “ସାବ୍‌ଦାନ୍‌ ! ବେନମେଣ୍ଡ୍‌ ଇଦ୍‌ ଗଟ୍‌
ପୁନ୍‌ମାକି ।”
୩୧ ବାତେଙ୍ଗ୍‌ ଇଡ଼୍‌କେ ଅଡ଼୍‌ ଆଗାଙ୍ଗ୍‌ ଆଞ୍ଜ୍‌ ଜିସୁନ୍‌ ଗଟି ସାରେଏକାମ୍‌
ପ୍ରଚାର୍‌ ମାଡ଼୍‌ତଡ଼୍‌ ।

## ଜିସୁ ୱେରଣ୍ଡ୍‌ କନ୍ଦାଙ୍ଗ୍‌ ତିରିୟାନ୍‌ ଶକ୍ତି ହିତ୍‌ତଣ୍ଡ୍‌

୩୨ ଅଡ଼୍‌ ଆଦାନ୍‌ ୱେଲେ ବେସ୍‌କ୍‌ତୁଡ଼୍‌ ନାରୁଡ଼୍‌ ୱେରଣ୍ଡ୍‌ କନ୍ଦାଙ୍ଗ୍‌
ଜିସୁନ୍‌ ଗାର୍‌ରେ ତାତ୍‌ତଡ଼୍‌ । ଅଂକିଙ୍ଗ୍‌ ବୁତ୍‌ ପଇସ୍‌ ମାତ୍‌ତାଙ୍ଗ୍‌ ଅଣ୍ଡ୍‌
କନ୍ଦାଲ୍‌ ଆସ୍‌ ମାତ୍‌ତଣ୍ଡ୍‌ ।
୩୩ ଜିସୁ ଅନ୍‌ ମେନ୍ଦୁଲ୍‌ତେ କନ୍‌ସ୍‌ ବୁତ୍‌ତିଙ୍ଗ୍‌ ପେସ୍ତ୍‌ତେ ସାଙ୍ଗେ ସାଙ୍ଗେ
ଅଣ୍ଡ୍‌ ଗଟି ତିରିୟାଙ୍ଗ୍‌ ପସ୍‌ପ୍‌ତଣ୍ଡ୍‌ । ସାରେତଡ଼୍‌ ବାକ୍‌ୱା ଆସ୍‌ କେତ୍‌ତଡ଼୍‌,
“ଇସ୍ରାଏଲ୍‌ ଦେଶ୍‌ତାଗ୍‌ ମାମ୍‌ମେ ଇଦ୍‌ରକମ୍‌ ପାଡ଼୍‌ୟି ବେସୁଙ୍ଗ୍‌ ଉଡ଼୍‌ୱେ
ମାତ୍‌ତମ୍‌ ।”
୩୪ ✡ବାତେଙ୍ଗ୍‌ ଇତ୍‌କେ ପାରୁଶୀଡ଼୍‌ କେତ୍‌ତଡ଼୍‌, “ଇଣ୍ଡ୍‌ ନାରୁଡ଼୍‌
ବୁତ୍‌ପତି ଶକ୍ତିତଡ଼୍‌ ବୁତ୍‌କ୍‌ ୱିଡ଼୍‌ସ୍‌ପୁତଣ୍ଡ୍‌ ।”

## ନାରୁଡ଼୍‌କିଂଙ୍ଗ୍‌ ଜିସୁ ଦୟା ମାଡ଼୍‌ତଣ୍ଡ୍‌

୩୫ ✡ଜିସୁ ଉଡିଉଡି ନାର୍‌ଗେ ସହର୍‌ ନୁ ନାର୍‌କିନାଗ୍‌ ଆତ୍‌ତଣ୍ଡ୍‌
। ସାରେ ପଡ଼ିୟେତାଗ୍‌ ଅଣ୍ଡ୍‌ ପ୍ରାର୍ଥନା ଲୋକିନାଗ୍‌ ଶିକ୍ଷା ହିତ୍‌ତଣ୍ଡ୍‌,

---

✡ **୯:୩୪** ମାତିଉ ୧୦:୨୫; ୧୨:୨୪; ମାର୍କ 3:୨୨; ଲୁକ ୧୧:୧୫. ✡ **୯:୩୫** ମାତିଉ ୪:23; ମାର୍କ ୧:3୯; ଲୁକ ୪:୪୪.

ସ୍ୱର୍ଗରାଜ୍ୟତେ ସାଏତ୍ କବର୍ ପ୍ରଚାର୍ ମାଡ୍‌ତଣ୍ଡ୍ ନୁ ନାର୍‌ଗେ ରଗ୍‌ତେ
ନୁ ରୋଗି ନାରୁଡ଼୍‌କ୍ ସୁସ୍ଥ ମାଡ୍‌ତଣ୍ଡ୍ ।
୩୬ ✡ନାରୁଡ଼୍‌କିଂଙ୍କ୍ ଉଡ଼ି ଅଣ୍ଡ୍ ଦୟା ମାଡ୍‌ତଣ୍ଡ୍, ବାତେଙ୍କ୍ ଇଡ୍‌କେ
ମେୟିତାନଣ୍ଡ୍ ଇଲ୍‌ୱେ ମେଣ୍ଢାନ୍ ରକମ୍ ଅଡ଼୍ ଗାଟିଦାନ୍ଦେ ଆସ୍‌ସ
ମାଡ୍‌ତଡ଼୍ ।
୩୭ ✡ଆଦିଙ୍କ୍ ଅଣ୍ଡ୍ ଶିଷ୍ୟଡ଼କିଙ୍କ୍ କେଡ୍‌ତଣ୍ଡ୍, "ପସଲ୍ ନାର୍‌ଗେ
ଆସ୍‌ମିନ୍ତେ, ବାତେଙ୍କ୍ ଇଡ୍‌କେ ଆୱିଙ୍କ୍ ଜତନ୍ ଅଦାନ୍ ସେଙ୍ଗେ କୁଲିକି
ସୁକୁକ୍ ମିନ୍ଦେ ।
୩୮ ନାର୍‌ଗେ କୁଲି ନାରୁଡ଼୍‌କିଂଙ୍କ୍ ରହସ୍ କେଡ୍ କଇସ୍ ଆଦାନ୍
ମାଇଦିଙ୍କ୍ ୱାୟେ ମାଲିକ୍‌ତିଙ୍କ୍ ଅନୁରଦ୍ ମାଡ଼ି କେଲ୍‌ମୁଟ୍ ।"

# ୧୦

## ବାରଜାନ୍ ଶିଷ୍ୟଡ଼୍

*(ମାର୍କ ୩:୧୩-୧୯; ଲୁକ ୬:୧୨-୧୬)*

୧ ଜିସୁ ତାନ୍ ବାରଜାନ୍ ଶିଷ୍ୟଡ଼୍‌କିଂଙ୍କ୍ କାର୍‌ଙ୍ଗି ବୁତ୍ ୱିଡ଼୍‌ସ୍‌ପାନ୍
ସେଙ୍ଗେ ନୁ ସାରେ ଲେକାମ୍ ଦୁଃକାମ୍ କନ୍‌ସ୍ ସୁସ୍ଥ ମାଡ଼ାନ୍ ସେଙ୍ଗେ
ଶକ୍ତିଇସ୍ ଅଡ଼୍‌କିଂଙ୍କ୍ ରହସିଡ୍‌ତଣ୍ଡ୍ ।
୨ ଅଡ଼୍ ବାରଜାନ୍ ପ୍ରେରିତ୍ ଶିଷ୍ୟଡ଼୍ ପେଦେର୍ ଶିମୋନ୍ ନୁ ତାନ୍
ତାମୁଣ୍ଡ୍ ଆନ୍ଦ୍ରିୟ; ଯେବଦିନ୍ ଇର୍‌ୱୁଡ଼୍ ମାର୍‌କ୍ ଯାକୁବ୍ ନୁ ଯୋହନ୍;
୩ ପିଲିପ୍, ବର୍ତଲମି, ତୋମା ନୁ କରଆଦାୟକାରି ମାତିଉ; ତଦ୍ଦିୟ,
ଆଲ୍‌ଫିତେ ମାର୍ ଯାକୁବ୍;
୪ ଦେଶ୍‌ପ୍ରେମି ଶିମୋନ୍ ନୁ ଜିସୁଙ୍କ୍ ବିଶ୍ୱାସଗାତକତା ମାଡ଼ିମାନ୍ଦାନ୍
ଇଷ୍କାରିୟୋତିୟ ଯିହୁଦା ।

## ବାର୍‌ଜାନ୍ ଶିଷ୍ୟଡ଼୍‌କିଂଙ୍କ୍ ଇସ୍‌ମାନ୍ଦାନ୍ ପାଡ଼ିୟିଦାଗ୍ ଦାୟିତ୍

*(ମାର୍କ ୬:୭-୧୩; ଲୁକ ୯:୧-୬)*

୫ ଅଣ୍ଡ୍ ଅଡ଼୍‌କିଂଙ୍କ୍ ରଡ୍‌ତାନ୍ ୱେଲେ ଆଦେଶ୍ ଇସ୍ କେଡ୍‌ତନ୍ ମିଡ଼୍,
"ଅଣଇହୁଦୀଡ଼୍ ଦେଶ୍‌ତାଗ୍ ଆନ୍‌ମାଟ୍ । ବେନ୍ ଶମିରୋନିୟ ସହର୍
ତା ମିକା ଆନ୍‌ମାଟ୍ ।"
୬ ମାଇ ମାନ୍ଦାନ୍ ମେଣ୍ଢାନ୍‌ଲେକେ ଇଶ୍ରାଲୀୟଡ଼୍ ପାକେ ଆନୁଟ୍ ।

✡ **୯:୩୬** ମାର୍କ ୬:୩୪. ✡ **୯:୩୭** ଲୁକ ୧୦:୨.

୭ ଅଡ଼୍‌ଲୋପେ ଆଞ୍ଜ୍ ପ୍ରଚାର୍ ମାଡ଼ି କେଲ୍‌ମୁଟ୍, "ସ୍ୱର୍ଗରାଜ୍ୟ
ଆଦାନାଦ୍ !"
୮ ରୋଗି ନାରୁଡ଼୍‌କ୍ ସୁସ୍ଥ ମାଡ଼ାଟ୍, ଡଲ୍‌ତେ ନାରିଡ଼୍‌କ୍ ମେଣ୍ତେ ଜିୱେ
ମାଡ଼ାଟ୍, କୁଷ୍ଠି ନଡ଼କ୍ ରୋଗ୍ ମୁକ୍ତ ମାଡ଼ାଟ୍, ବୁତ୍ ୱିର୍‌ସ୍‌ପାଟ୍ ।
ବାତ୍ ଆସମ୍ ଡାବ୍‌ତେ ଦର୍‌କ୍‌ତେ, ଆଦ୍ ବାଗାତ୍ ନାରୁଡ଼୍‌କ୍ ଆସାମ୍
ପାଇସାନେ ଦାନ ମାଡ଼ାଟ୍ ।
୯ ଆର୍କେ ସୁନା, ରୁପା ନୁ ଡାବ୍‌କ୍ ଅୟ୍‌ମାଟ୍,
୧୦ ✡ ବିକ୍ ତାଲି ପଇସ୍ ଉଡ଼୍‌ମାଟ୍ । ଅଣ୍ତୟ୍ ମିକା ସିଲେ ଅଦିକ୍
ଅୟ୍‌ମାଟ୍, ହେର୍‌ପୁକ୍ ନୁ ଟେଙ୍ଗା ମିକା ଅୟ୍‌ମାଟ୍ । ପାଡ଼ିୟିମାଡ଼ାନଡ଼୍
ତାମାଦ୍ ମଜୁରି ଦର୍‌କାନ୍ ସେଙ୍ଗେ ହକ୍‌ଦାର୍ ।
୧୧ "ଅଣ୍ତୟ୍ ସହର୍ ବା ନାର୍‌ଦାଗ୍ ହେଉତେ ୱେଲେ ମିକିଂଙ୍କ୍ ଆଗେ
ବେନ ସେବା ମାଡ଼ିତନ୍, ଆଦ୍ ଗଟ୍ ବୁଜେମ୍ ଆସ୍ ମେଣ୍ତନ୍ ପାକେ
ଆଦାନ୍ ଯାକ ଆଦେ ଲୋନ୍ ମାନୁଟ୍ ।"
୧୨ ଅଣ୍ତୟ୍ ଲୋନ୍ ଅସ୍‌ତେ ୱେଲେ ଆଗେମାନ୍ଦାନ୍ ନାରୁଡ଼୍‌କିଂଙ୍କ୍
ନମସ୍କାର୍ ମାଡ଼ି କେଲାଟ୍, "ମିୟାଦ୍ ଶାନ୍ତି ଆୟି ।"
୧୩ ଅଡ଼୍ ଯଦି ମିକିଂଙ୍କ୍ କାର୍ଗଂତଡ଼୍, ଅଡ଼୍ ସେଙ୍ଗେ ମିୟାଦ୍ ଆଶିର୍ବାଦ୍
ସାରେ ଆଦ୍‌ତେ । ବାତେଙ୍କ୍ ଇଡ଼୍‌କେ ମିକିଂଙ୍କ୍ ଯଦି କାର୍ଗଂଡ଼୍, ମିଡ଼୍ ମିଇ
ଆଶିର୍ବାଦ୍ ମାଲ୍‌ପି ଅୟ୍‌ମୁଟ୍ ।
୧୪ ✡ଯଦି ବେନ ମିକିଙ୍କ୍ ଗ୍ରହନ୍ ମାଡ଼ଣ୍ତ ବା ମିୟାଦ୍ ଗଟ୍ କେଞ୍ଜଣ୍ତ,
ଆଦ୍ ଲୋନ୍ ବା ନାର୍‌ତାଗାଙ୍କ୍ ପେୟ୍‌ସ୍ ଆଦାନ୍ ୱେଲେ ଡେକେତ୍
ମାଣ୍ତଲ୍ଲୁ କାହିସିସ୍ ଆଦ୍‌ପଡ଼ିୟେ ୱିଡ଼୍‌ସିନ୍ ।
୧୫ ✡✡ନାନ୍ ନିକିଂଙ୍କ୍ ନିଜାମ୍ କେତୁତନ୍, ବିଚାର୍ ଦିନାତେ ହିଡ଼ାକଞ୍
ସଦୋମ୍ ନୁ ଗମୋରାତେ ନାରୁଡ଼୍‌କିଂଙ୍କ୍ ଇଶ୍ୱର୍ ଅଦିକ୍ ଅନୁଗ୍ରହ
ମାଡ଼ିତନ୍ ।

## ୱାଦାନ୍ ଦିନାଡ଼୍ କଷ୍ଟ
(ମାର୍କ ୧୩:୯-୧୩; ଲୁକ ୨୧:୧୨-୧୭)

୧୬ ✡"କେଞ୍ଜାଟ୍, ମେଣ୍ଢାଙ୍କ୍ କୁକାଲ୍ ପାୟୁର୍‌ତାଦ୍ ତୁର୍‌ସିଡ଼୍‌ତେ
ଲେକାମ୍ ନାନ୍ ମିକିଂଙ୍କ୍ ରଡୁତାନ୍ । ଆଦିଙ୍କ୍ ମିଡ଼୍ ତାଡ଼ାମ୍ ଲେକାମ୍

---

✡ **୧୦:୧୦** ୧ କରନ୍ଥିୟ ୯:୧୪; ୧ ତୀମତି ୫:୧୮. ✡ **୧୦:୧୪** ପ୍ରେରିତ ୧3:୫୧.
✡ **୧୦:୧୫** ମାତିଉ ୧୧:୨୪. ✡ **୧୦:୧୫** ଲୁକ ୧୦:୪-୧୨. ✡ **୧୦:୧୬** ଲୁକ ୧୦:3.

ତିଆର୍‌ତେ ମାନୁଟ୍, ବାତେଙ୍କ୍ ଇତ୍‌କେ ମିଡ଼୍‌ ବଡେ ବେଲା ବେନଙ୍କ୍
ଇଂସା ମାଡ଼୍, ମିଡ଼୍‌ ଆଦ୍‌ଲେକାମ୍ ଆୟ୍‌ମୁଟ୍ ।”
୧୭ ✡ତିଆର୍‌ତେ ମାନୁଟ୍, ବାତେଙ୍କ୍ ଇକ୍ଵେ ନାରୁଡ଼୍‌ ମିକିଂଙ୍କ୍ ଗିରାପ୍
ମାଡ଼ି ବିଚାର୍‌ଲଡ଼୍‌ତାଗ୍ ଅଦ୍‌ତଡ଼୍‌ । ପ୍ରାର୍ତନା ଲୋକିନାଗ୍ ଅଡ଼୍‌ ମିକିଂଙ୍କ୍
ଚାବୁକ୍ ତଡ଼୍‌ ରେହେତିତଡ଼୍‌ ।
୧୮ “ନା ସେଙ୍ଗେ ମିଡ଼୍‌ ରାଜା ନୁ ଶାସନ୍ କର୍ତାଲଡ଼୍‌ ମୁନେ ଅସ୍ ବିଚାର୍
ମାଡ଼ିତଡ଼୍‌ । ଇଦିନ୍ ତଡ଼୍‌ ଅଡ଼୍‌କିଂଙ୍କ୍ ନୁ ବିଜାତିଡ଼୍‌ ନାରୁଡ଼୍‌କିଂଙ୍କ୍ ଚାୟେତ୍
କବର୍ ଇଦାନ୍ ମାଇଦିଙ୍କ୍ ସାକ୍ଷି ଆଦ୍‌ତିଡ଼୍‌ ।
୧୯ ମିକିଂଙ୍କ୍ ବିଚାର୍ ମାଡ଼ାନ୍ ୱେଲେ ବାତ୍ କେତିତିଡ଼୍‌ ନୁ
ବେଲାକେତିତିଡ଼୍, ହିଦ୍ ବିଷୟ୍‌ତେ ଚିନ୍ତେ ମାଡ଼୍‌ମାଟ୍ । ଟିକ୍ ସମୟ୍‌ତେ
ଆଦ୍ ମିକିଂଙ୍କ୍ କେସ୍‌ସିଦ୍‌ତଡ଼୍‌ ।
୨୦ ବାତେଙ୍କ୍ ଇତ୍‌କେ ମିକିଂଙ୍କ୍ ନିଜେ ବାତ୍‌ମିକା କେତାଙ୍କ୍ ୱେୟ୍
। ବାବାଲ୍ ଇଶ୍ଵର୍‌ତାଦ୍ ପବିତ୍ର ଆତ୍ମା ମିଇ ପାୟୁର୍‌ତେ ଆଲାଇତ୍‌କେ
ଗଟ୍‌କେତ୍‌ତିତ୍ ।”
୨୧ ✡“ନାରୁଡ଼୍‌ ନିଜେତ୍ ତାମୁଣ୍ଡ୍‌କିଡ଼୍‌କ୍ ଡଲାନ୍‌ଦଣ୍ଡ୍ ହିଦାନ୍ ମାଇଦିଙ୍କ୍
ପସ୍‌ପିଦ୍‌ତଡ଼୍‌ । ବାବାଲ୍ ମିକା ନିଜେତ୍ ପିଲାନ୍ ସେଙ୍ଗେ ଆଦ୍‌ଲେକାମ୍
ବେବ୍ୟହାର୍ ମାଡ଼ିତନ୍ । ପିଲା ତାମ୍ ୟାୟ୍ ବାବାନ୍ ବିରୁଦ୍‌ତେ ଆଞ୍ଜ୍,
ଅଡ଼୍‌କିଂଙ୍କ୍ ଆୱକିତଡ଼୍‌ ।
୨୨ ✡ନା ସେଙ୍ଗେ ସାରେତଡ଼୍‌ ମିକିଂଙ୍କ୍ ପାସ୍‌କି ତଡ଼୍; ବାତେଙ୍କ୍
ଇତ୍‌କେ ବେନହାୟି ପେର୍କେଆଇନା ଶକ୍ତିତଡ଼୍‌ ପଇସ୍ ମାନ୍‌ତଣ୍ଡ୍, ଅଣ୍ଡ୍
ମୁକ୍ତି ଆଦ୍‌ତନ୍ ।
୨୩ ୱେରଡ଼୍‌ ସହର୍ ତାଗ୍ ମିକିଂଙ୍କ୍ କଷ୍ଟ ଆତ୍‌କେ ମେଣ୍ଡ୍‌ନ୍ ସହର୍
ତାଗ୍ ମିରାଟ୍ । ନାନ୍ ମିକିଂଙ୍କ୍ ନିଜାମ୍ ଗଟ୍ ଇସ୍ କେତୁତାନ୍, ମିଡ଼୍‌
ଇଶ୍ରାୟେଲ୍ ତେ ସାରେ ସହର୍‌ତାଗ୍ ପାଡ଼୍‌ୟି ତେର୍‌ସ୍ବାନ୍ ମୁନେଙ୍କ୍
ନାରୁନ୍‌ପିଲେ ମାଲ୍‌ସ୍ ୱାଦ୍‌ତନ୍ ।”
୨୪ ✡“ଶିଷ୍ୟଡ଼୍‌ ଗୁରୁନାଗା କଞ୍ଜ୍ ବେଡ଼ିୟନ୍ ଆୟ୍‌ୟଣ୍ଡ୍ । ମାଲିକ୍
ତାଗାଙ୍କ୍ ଚାକର୍ ବେଡ଼ିୟନ୍ ଆୟ୍‌ୟଣ୍ଡ୍ ।

✡ **୧୦:୧୭** ମାର୍କ ୧୩:୯-୧୧; ଲୁକ ୧୨:୧୧,୧୨; ୨୧:୧୨-୧୫. ✡ **୧୦:୨୧** ମାର୍କ ୧୩:୧୨; ଲୁକ ୨୧:୧୬. ✡ **୧୦:୨୨** ମାତିଉ ୨୪:୯; ମାର୍କ ୧୩:୧୩; ଲୁକ ୨୧:୧୭; ମାତିଉ ୨୪:୧୩; ମାର୍କ ୧୩:୧୩. ✡ **୧୦:୨୪** ଲୁକ ୬:୪୦; ଯୋହନ୍ ୧୩:୧୬; ୧୫:୨୦.

୨୫ ☆ଆଦିଙ୍କ୍ ଶିଷ୍ୟ ଗୁରୁନ୍‌ଲେକେମ୍ ନୁ ଚାକର୍ ମାଲିକ୍ ଲେକାମ୍
ଆଦ୍‌ପାର୍କେ ଅଡ୍ ଆସର୍‌ତେ ଶାନ୍ତି ଆଦାନ୍ ଦର୍‌କାର୍ । ୱେରଡ୍
ଲୋଡ୍‌ତେ ମୁକିୟାଙ୍କ୍ ନାରୁଡ୍ ଯଦି ବାଲ୍‌ଜିବୁଲ୍ ହିଞ୍ଜ କେତିତଡ୍,
ଲୋଡ୍‌ତେ ମେଣ୍ଡେ ବାଗାତଡ୍‌କିଙ୍କ୍ ବେସର୍ ଅଦିକ୍ କେଲଡ୍?"

### ବେନଙ୍କ୍ ୱେର୍‌ଦ୍‌ତିଡ୍
### *(ଲୁକ ୧୨:୨-୭)*

୨୬ ☆"ଆଦିନ୍ ସେଙ୍ଗେ ନାରୁଡ୍‌କିଂଙ୍କ୍ ୱେର୍‌ମାଟ୍ । ବାଡ୍ ଇଞ୍ଜେ
ମୁସିଆଡ୍‌ତେ, ଆଦ୍ ତେର୍‌ସ୍‌ଆଦ୍‌ତେ ମେଣ୍ଡେ ସାରେ ମିଞ୍ଜିମାନ୍ଦାନ୍
ଗଟି ପେଇତିତା ।"
୨୭ ନାନ୍ ମିକିଂଙ୍କ୍ ବାଡ୍ ଇକାଡ୍‌ତାଗ୍ କେସମିନ୍ଦେନ୍, ଆଦ୍
ୱେଇସ୍‌ତାଗ୍ କେଡ୍‌ୱେଇତିଡ୍ ମେଣ୍ଡେ ବାଡ୍ ମିଞ୍ଜିମାଞ୍ଜ୍ କେଞ୍ଜ୍‌ତିଡ୍,
ଆଦ୍ ଲୋଡ୍‌ତେ ମୁସର୍ନାଗାଙ୍କ୍ କେଲ୍‌ମୁଟ୍ ।
୨୮ ବେନଡ୍ ମାତର୍ ମେନ୍ଦୁଲ୍‌ତିଙ୍କ୍ ନଷ୍ଟ ମାଡ଼ିତଡ୍, ବାତେଙ୍କ୍
ଇଡ୍‌କେ ଆମ୍ବାତିଙ୍କ୍ ବାଡ୍ କ୍ଷତି ମାଡେ ପାର୍‌ୱଡ୍, ଅଡ୍‌କିଂଙ୍କ୍ ୱେର୍‌ମାଟ୍
। ବେଲାନ୍ ବେନ୍ ଈଶ୍ୱର୍ ମିଇ ମେନ୍ଦୁଲ୍ ନୁ ଆମ୍ବାତିଙ୍କ୍ ରେଣ୍ଡିଙ୍କ୍
ନର୍‌କତାଗ୍ ଦସଂ ମାଡ୍‌ପାର୍‌ଦ୍‌ତଣ୍ଡ୍, ଅଂକିଙ୍କ୍ ୱେର୍‌ମୁଟ୍ ।
୨୯ ଅଣ୍ଡୟ୍ ପାଇସା ଇସ୍ ରେଣ୍ଡ୍ ଆନାପିଟେ ଆସ୍ ପାର୍‌ଦ୍‌ତିନ୍,
ବାତେଙ୍କ୍ ଇଡ୍‌କେ ବାବାଲ୍ ଈଶ୍ୱର୍‌ତେ ବିନା ଅନୁମତିତେ ଅଣ୍ଡୟ୍
ଆନାପିଟେ ନେଲ୍ ରାୟ୍‌ୟ ।
୩୦ ହେର୍କା ମାଡ଼ାଟ୍, ମିଇ ତାଲେଡ୍ କେଲ୍‌କ୍ ମିକା ଲେକାଆସ୍
ମିନ୍ଦେ ।
୩୧ ୱେର୍‌ମାଟ୍, ପିନା ଆନାପିଟେ ନାଗାଙ୍କ୍ ମିୟାଦ୍ ମୁଲ୍ୟ
ଗାଟିନାର୍ଗେ ।

### ଜିସୁ କ୍ରିଷ୍ଟଙ୍କ୍ ସ୍ୱୀକାର୍ ନୁ ଅସ୍ୱୀକାର୍ ମାଡ଼ାନଡ଼ି
### *(ଲୁକ ୧୨:୮-୯)*

୩୨ "ବେନଆଇ ଗଟ୍‌ତେ ନାକିଂଙ୍କ୍ ପ୍ରବୁ ଇଞ୍ଜ ସ୍ୱୀକାର୍ ମାଡ଼ିତନ୍,
ନା ସ୍ୱର୍ଗତଣ୍ଡ୍ ବାବାନ୍ ମୁନ୍‌ନେ ନାନ୍ ଅଂକିଙ୍କ୍ ନା ଶିଷ୍ୟ ଇଞ୍ଜ ସ୍ୱୀକାର୍
ମାଡ଼ିତାନ୍ ।

---

☆ **୧୦:୨୫** ମାତିଉ ୯:୩୪; ୧୨:୨୪; ମାର୍କ ୩:୨୨; ଲୁକ ୧୧:୧୫. ☆ **୧୦:୨୬** ମାର୍କ ୪:୨୨; ଲୁକ ୮:୧୭.

୩୩ ✡ବାତେଙ୍ଗ୍ ଇଦ୍‌କେ ବେନଆଇ ଗଟ୍‌ତେ ନାକିଂଙ୍ଗ୍ ଅସ୍ୱୀକାର୍ ମାଡ଼ିତନ୍, ଅଂକିଙ୍ଗ୍ ନାନ୍ ମିକା ନା ବାବାନ୍ ମୁନ୍‌ନେ ଅସ୍ୱୀକାର୍ ମାଡ଼ିତାନ୍ ।"

## ଶାନ୍ତି ବାଦୁଲ୍‌ତେ ତାଲ୍‌ୱାର୍
*(ଲୁକ ୧୨:୫୧-୫୩; ୧୪:୨୬-୨୭)*

୩୪ "ନାନ୍ ଜଗତ୍‌ତାଗ୍ ଶାନ୍ତି ମାଡ଼ାଙ୍ଗ୍ ୱାତ୍‌ତାନ୍ ଇଞ୍ଜ ଏର୍କା ମାଡ଼୍‌ମାଟ୍
। ଇଲେ, ନାନ୍ ଶାନ୍ତି ପଇସ୍ ୱାଡ଼ନ୍, ତାଲ୍‌ୱାର୍ ପଇସ୍ ୱାତ୍‌ତାନ୍ ।
୩୫ ନା ମାଇଦିଙ୍ଗ୍ ମାର୍ ବାବାନ୍ ବିରଦ୍ଧ ମାଡ଼ିତନ୍, ମାୟାଡ଼୍‌ୟାୟାନ୍
ବିରୁଦ୍ ମାଡ଼ିତ୍ ମେଣ୍ଡ୍ରେ ପୟେନ୍ ବିରୁଦ୍‌ତେ କଡ଼୍‌ୟାଡ଼୍‌ତେଦିତ୍ ।
୩୬ ନିଜେଡ୍ ପରିବାର୍‌ତେ ନାରୁଡ଼୍ ୱେରଙ୍ଗ୍ ସାରେତିଙ୍ଗ୍ ବେଡ଼୍‌ୟେ
ଶତ୍ରୁଡ଼୍ ଆଦ୍‌ତଡ଼୍ ।"
୩୭ "ବେନଆଇ ନିଜେଡ୍ ବାବାଙ୍ଗ୍ ବା ୟାୟାଙ୍ଗ୍ ନାକିଂଙ୍ଗ୍ ୱିଡ଼୍‌ସି
ଅଦିକ୍ ପ୍ରେମ ମାଡ଼ିତନ୍, ଅଣ୍ଡ୍ ନା ଶିଷ୍ୟ ଆଦାନଙ୍ଗ୍ ଯୋଗ୍ୟ ଆୟ୍‌ୟଣ୍ଡ୍
। ବେନଆଇ ନିଜେଡ୍ ମାର୍ ବା ମାୟାଡ଼୍‌ତିଙ୍ଗ୍ ଅଦିକ୍ ପ୍ରେମ ମାଡ଼ିତନ୍,
ଅଣ୍ଡ୍ ନା ଶିଷ୍ୟ ଆଦାନଙ୍ଗ୍ ଯୋଗ୍ୟ ଆୟ୍‌ୟଣ୍ଡ୍ ।
୩୮ ✡ବେନଆଇ ନିଜେଡ୍ କ୍ରୁଶ କାଞ୍ଜି ନାକିଂଙ୍ଗ୍ ଲେକାମ୍ ମାଡ଼୍‌ଣ୍ଡ୍, ଅଣ୍ଡ୍
ନା ଶିଷ୍ୟ ଆଦାନଙ୍ଗ୍ ଯୋଗ୍ୟ ଆୟ୍‌ୟଣ୍ଡ୍ ।
୩୯ ✡ବେନଆଇ ନିଜେଡ୍ ଜିୱୁନ୍ ରକ୍ଷା ମାଡ଼ାନଙ୍ଗ୍ ଆଲ୍‌ସି ମାତ୍‌ତନ୍,
ଅଣ୍ଡ୍ ଆଦ୍ ଆରା ମାଡ଼ିତନ୍; ବେଲାନ୍ ବେନ ନା ମାଇଦିଙ୍ଗ୍ ନିଜେଡ୍
ଜିୱୁଣ୍ଡ୍ ହିଦ୍‌ତଣ୍ଡ୍, ଅଣ୍ଡ୍ ମୁନେଙ୍ଗ୍‌ତେ ଆଦ୍ ରକ୍ଷା ମାଡ଼ିତନ୍ ।"

## ପୁରସ୍କାର୍
*(ମାର୍କ ୯:୪୧)*

୪୦ ✡"ବେନ ମିକିଂଙ୍ଗ୍ କାଙ୍ଗର୍ତଣ୍ଡ୍, ଅଣ୍ଡ୍ ନା ସେଙ୍ଗେ ଆଦ୍ ମାଡ଼ିତନ୍
ମେଣ୍ଡ୍ରେ ବେନ ନାକିଂଙ୍ଗ୍ କାଙ୍ଗର୍ତଣ୍ଡ୍, ଅଣ୍ଡ୍ ନା ୱାଦାନଡ଼୍‌ସେଙ୍ଗେ ଆଦ୍
ମାଡ଼ିତନ୍ ।

---

✡ **୧୦:୩୩** ୨ ତୀମତି ୨:୧୨. ✡ **୧୦:୩୮** ମାତିଉ ୧୬:୨୪; ମାର୍କ ୮:୩୪; ଲୁକ ୯:୨୩. ✡ **୧୦:୩୯** ମାତିଉ ୧୬:୨୫; ମାର୍କ ୮:୩୫; ଲୁକ ୯:୨୪; ୧୭:୩୩; ଯୋହନ୍ ୧୨:୨୫. ✡ **୧୦:୪୦** ଲୁକ ୧୦:୧୬; ଯୋହନ୍ ୧୩:୨୦; ମାର୍କ ୯:୩୭; ଲୁକ ୯:୪୮.

୪୧ ବେନଆଇ ୱେରଣ୍ଡ୍ ବାବବାଦିଙ୍କ୍ ଇଶ୍ୱର୍‌ତେ ଦୂତ୍ ଲେକାମ୍
କାଙ୍ଗର୍ତଣ୍ଡ୍, ଅଣ୍ଡ୍ ଆଦ୍ ବାବବାଦୀନ୍ ପୁରସ୍କାର୍‌ତାଗ୍ ତଡ଼୍ ଆଦ୍‌ତନ୍;
ମେଣ୍ଡେ ବେନଆଇ ୱେରଣ୍ଡ୍ ଦାମର୍କ୍ ନାରୁଙ୍କ୍ ଅନ୍‌ୱାଦ୍ ସାଦୁତା
ସେଙ୍ଗେ ସମ୍ବନ୍ଦ୍ ମାଡ଼ିତନ୍, ଆଦ୍ ନାରୁନ୍ ପୁରସ୍କାର୍‌ତାଗ୍ ଅଣ୍ଡ୍
ବାଗିଦାର୍ ଆଦ୍‌ତନ୍ ।
୪୨ ବେନଆଇ ନାରୁଣ୍ଡ୍ ୱେରଣ୍ଡ୍ ସାରେତିଙ୍କ୍ ସୁଦୁନଣ୍ଡ୍ ଶିଷ୍ୟଙ୍କ୍
ଗିନେନ୍ କିଡ଼ଙ୍ଗ୍‌ତେ ଏର୍ ହିଦ୍‌ତଣ୍ଡ୍, ନାନ୍ ମିକିଂଙ୍କ୍ ସତ୍ କେତୁତାନ୍,
ଅଣ୍ଡ୍ ନିଜାମ୍ ପୁରସ୍କାର୍ ପାଏମ୍ ଆଦ୍‌ତନ୍ ।”

# ୧୧

## ବାପ୍ତିସ୍ମ ଯୋହନ୍‌ତେ ଇଚ୍ଛା
## (ଲୁକ ୭:୧୮-୩୫)

୧ ଜିସୁ ତାନ୍ ବାରଜାନ୍ ଶିଷ୍ୟଡ଼୍‌କିଂଙ୍କ୍ ସାରେ ଆଦେଶ୍‌କେସ୍
ତେର୍‌ସ୍ତାନ୍ ଆଦ୍ ସପେଡେ ସହର୍‌ତାଗ୍ ଆଞ୍ଜ୍ ଶିକ୍ଷା ଇଡ୍‌ତନ୍ ।
୨ ଆସୁଙ୍କ୍ ବାପ୍ତିସ୍ମ ଯୋହନ୍ ଜଇଲ୍‌ତାଗ୍ ମାଡ୍‌ତନ୍ । କ୍ରିଷ୍ଟ
ବେନ୍‌ସାରେ ମାଡ଼୍‌ମାଡ୍‌ତନ୍, ଆଦିନାଦ୍ କବର୍ ପୁଞ୍ଜ୍ ଅଣ୍ଡ୍ ନିଜେତ୍
ଇର୍‌ୱୁଡ଼୍ ଶିଷ୍ୟଡ଼୍‌କିଂଙ୍କ୍ ଜିସୁନ୍ ଗାର୍‌ରେ ରହତନ୍ ।
୩ ଅଡ଼୍ ଆଞ୍ଜ୍ ଜିସୁଙ୍କ୍ ପାଚ୍‌ରିଞ୍ଜ୍‌ତଡ଼୍, “ବେନ୍ ନାରୁଡ଼୍ ୱାଦ୍‌ତନ୍
ଇଞ୍ଜ୍ ଯୋହନ୍ କେସ୍‌ମାଡ୍‌ତନ୍, ନିମ୍ ଅଣ୍ଡେ କି ? ନା, ମାମ୍‌ମେ
ମେଣ୍ଡ୍‌ଅର୍‌ତିଙ୍କ୍ କେପିତମ୍ ?”
୪ ଜିସୁ ଉତ୍ତର୍ ହିଡ୍‌ତଣ୍ଡ୍, “ମିଡ଼୍ ମାଲ୍‌ସ୍ ଆନୁଟ୍ ବାଡ୍‌ସାରେ ଉଡ଼ତୁଡ଼୍
ନୁ କେଞ୍ଜୁତିଡ଼୍, ଆଦ୍ ଯୋହନ୍ ତିଙ୍କ୍ କେଲାଟ୍ ।
୫ କାନାଲଡ଼୍ କଣ୍ଡା ଉଡ଼୍‌ତଡ଼୍, କୁଟାଲଡ଼୍ ତାକୁତଡ଼୍, କୁଷ୍ଠିରଗିଡ଼୍
ସୁସ୍ଥଆଦୁତଡ଼୍, ବାଇରା ଲଡ଼୍ କେଞ୍ଜୁତଡ଼୍, ଡଲ୍‌ତେ ନଡ଼୍ ମେଣ୍ଡ୍ରନ୍ ଦାମ୍
ଜିୱୁନ୍ ଆଦୁତଡ଼୍ ନୁ ଦରିଦ୍ର ନାରିଡ଼ାଗ୍ ସୁସମାଚାର୍ ପ୍ରଚାର୍ ମାଡ଼ତୁଡ଼୍ ।
୬ ମେଣ୍ଡେ ବେନେ ନାରୁଣ୍ଡ୍ ନାକିଂଙ୍କ୍ ବାଦା ଆୟଣ୍ଡ୍, ଅଣ୍ଡ୍ ଦନ୍ୟ ।”
୭ ଯୋହନ୍‌ତେ ଶିଷ୍ୟଡ଼୍ ମାଲ୍‌ସ୍ ଆଦାନ୍ ୱେଲେ ଜିସୁ ନାରିଡ଼୍‌କିଙ୍କ୍
ଯୋହନ୍ ବିଷୟ୍‌ତେ କେଡ୍‌ତନ୍, “ମିଡ଼୍ ଯୋହନ୍‌ତିଙ୍କ୍ ଉଡ଼ାନଙ୍କ୍
ବେସୁଙ୍କ୍ ଉଚ୍‌କ ଲେକେଦାଗ୍ ଆଞ୍ଜ୍‌ମାଡ୍‌ତିଡ଼୍, ବାତ୍ ଉଡାଙ୍କ୍
ଆଶେମାଡ଼ି ମାଡ୍‌ତିଡ଼୍ ? ଗାଲ୍‌ତଡ଼୍ ଉଙ୍ଗାନ୍ ଗାଡ୍‌ତିଙ୍କ୍ ?”

୮ ବେନଙ୍କ୍ ଉଡାଙ୍କ୍ ଆଞ୍ଜ୍ ମାଡ୍‌ତିଡ୍ ? ସୁନ୍ଦର୍‌ତାଉ ଚକାସିଲେ
କେର୍‌ସ୍ ମାନ୍ଦାନ୍ ୱେରନ୍ ନାରୁଙ୍କ୍ ? ଆଦ୍‌ଲେକାମ୍ ଚକାସିଲେ
କେର୍‌ସ୍ ମାନ୍ଦାନଡ୍ ରାଜ୍ ପ୍ରସାଦ୍‌ତାଗ୍ ମାନ୍‌ତଡ୍ ।
୯ ନାକିଂଙ୍କ୍ କେଲାଟ୍, ବାଡ୍ ଉଡାଙ୍କ୍ ଆଞ୍ଜ୍ ମାଡ୍‌ତିଡ୍ । ୱେରନ୍
ବାବବାଦୀଙ୍କ୍ କି ? ଆଦ୍‌ତ ନିଜାମ୍, ବାତେଙ୍କ୍ ଇଡ୍‌କେ ବାବବାଦି
ନାଗାଙ୍କ୍ ୱେରନ୍ ଅଦିକ୍ ମହାନ୍ ନାରୁଙ୍କ୍ ଉଡ୍‌ତିଡ୍ ।
୧୦ ବେନନ୍ ବିଷୟ୍ ଇଦ୍ ଶାସ୍ତ୍ରତାଗ୍ ଲେକାମିନ୍ଦେ, “ଇଶ୍ୱର୍
କେଡ୍‌ତାନ୍ ମିଇ ସେଙ୍ଗେ ଆର୍ ତିଆର୍ ମାଡ଼ାଙ୍କ୍ ନାନ୍ ମୁନେନ୍ ନା
ଦୂତକିଙ୍କ୍ ରହତିତାନ୍ ।”
୧୧ ନାନ୍‌ନେ ମିକିଂଙ୍କ୍ ସତ୍ କେତୁତାନ୍, ମୁନେନ୍ କଞ୍ଜ୍ ନେଣ୍ଡ୍ ଆଇନା
ଇଦ୍ ଜଗତ୍ ତାଗ୍ ବେସ୍‌ତୁଡ୍ ଜନମ୍ ଆଦ୍‌ତଡ୍, ଅଡ୍ ସାର୍‌ତଡ଼ା କଞ୍ଜ୍
ଯୋହନ୍ ମହାନ୍ ବା ଲେକେଡ୍ । ବାତେଙ୍କ୍ ଇଡ୍‌କେ ସ୍ୱର୍ଗରାଜ୍ୟତାଗ୍
ବେନ ସାର୍‌ତିଙ୍କ୍ ସୁଦୁନନ୍, ଅଣ୍ଡ୍ ଯୋହନ୍ ତାଗାଙ୍କ୍ ମହାନ୍ ।
୧୨ ✡ଯୋହନ୍ ତାନ୍ ଗଟ୍ ପ୍ରଚାର୍ ମାଡ଼ାନ୍ ଦିନ୍ କଞ୍ଜ୍ ନେଣ୍ଡ୍ ଆଇନା
ସ୍ୱର୍ଗରାଜ୍ୟତ୍ ପରୁ ନାର୍ଗେ ଆକ୍ରମଣ ମାଡ଼ି ୱାଦୁତଡ୍ । ଚିଟିରମନ୍
ମାଡ଼ାନଡ୍ ଆଗେ ଶକ୍ତି ମାଡ଼ି ଅସାନଙ୍କ୍ ଆଲ୍‌ସି ମାଡ଼ତୁଡ୍ ।
୧୩ ଯୋହନ୍ ୱାଦାନ୍ ଦିନାଯାକ ମୋଶାନ୍ ବେବସ୍ଥା ନୁ
ବାବବାଦୀଡ଼ାଦ୍ ଗଟ୍ ଆଦ୍ ରାଜ୍ୟ ବିଷୟ୍‌ତେ କେସମାଡ୍‌ତଡ୍ ।
୧୪ ✡ଯଦି ଅଡ଼ାଦ୍ ଗଟ୍ ବିଶ୍ୱାସ୍ ମାଡ଼ିତିଡ୍, ଆଲେକେ ଯୋହନ୍
ଆଦୁତନ୍ ଏଲିୟ, ବେନ ମୁନେ ୱାଦାନାଦ୍ ମାଡ୍‌ତେ ।
୧୫ ବେନନାଦ୍ କେୱୁ ମିନ୍ଦେ, ଅଣ୍ଡ୍ କେଞ୍ଜାଟ୍ ।
୧୬ “ହିଦ୍ ଯୁଗ୍‌ତେ ନାରୁଡ଼କ୍ ବେନନ୍ ତଡ୍ ସାମାନ୍ ମାଡ଼ିତାନ୍ ? ଅଡ୍
ହାଟିନ୍ ନାଡ୍‌ମେ କୁଦି କାର୍‌ସାନ୍ ପିଲାନ୍ ଲେକେ । ୱେରଡ୍ ମାନ୍ଦେଡ୍
ପେକଡ୍ ମେଣ୍ଡ୍‌ନ୍ ଦଲ୍‌ଦିଙ୍କ୍ କେତିତଡ୍,”
୧୭ “ମାମ୍‌ମେ ପେଣ୍ଡ୍‌ଲୁ ଉଓଲା ପେଞ୍ଜ୍‌ତମ୍, ଇଡ୍‌କେ ମିଡ୍
ହେନ୍ଦ୍‌ୱିଡ୍ । ମାମ୍‌ମେ ଦୁଃକାମ୍ ପାଟ୍ ପାର୍‌ତମ୍, ବାତେଙ୍କ୍ ଇଡ୍‌କେ
ମିଡ୍ କେୟ୍‌ୱିଡ୍ ।”
୧୮ ଯୋହନ୍ ୱାସ୍ ଉପବାସ୍ ମାଡ୍‌ତଣ୍ଡ୍ ନୁ ଅଣ୍ଡ୍ କାଲ୍‌ଉନ୍‌ୱେ
ମାଡ୍‌ତଣ୍ଡ୍ । ସାରେତଡ୍ କେଡ୍‌ତଡ୍, “ଅଂକିଙ୍କ୍ ବୁଡ୍ ପୟିଡ୍‌ତେ ।”

---

✡ **୧୧:୧୨** ଲୁକ ୧୬:୧୬. ✡ **୧୧:୧୪** ମାତିଉ ୧୭:୧୦-୧୩; ମାର୍କ ୯:୧୧-୧୩.

୧୯ ବେସୁଟ୍ ନାରୁନ୍‌ପିଲେ ୱାସ୍ କାଦି ତିନ୍ଦାନଙ୍କ ମନା ମାଡ଼ଣ୍ତ୍,
ସାରେତଡ଼୍ କେଡ୍‌ତଡ଼୍, “ଇଣ୍ତ୍ ନାରୁଙ୍କ୍ ଉଡ଼ାଟ୍ । ଅଣ୍ତ୍ ୱେରଣ୍ତ୍ ପେଟୁ
ନୁ ମାଡ୍‌ୱାରୀ, କରଆଦାୟ୍ ନଡ଼୍ ନୁ ସମାଜଚ୍ୟୁତ ନାରୁଡ଼୍‌ତେ ସାଙ୍ଗ
। ଅଣ୍ତ୍ ବାଡ୍‌ଆଇ, ଇଶ୍ୱର୍‌ତେ ବିଚାର୍ ମାଡ଼୍‌ତେୱେଲେ, ଆଦ୍ ପୁନ୍ଦାଙ୍କ୍
ଆଦ୍‌ତେ ।”

## ବିଶ୍ୱାସ୍ ଇଲ୍‌ୱେ ସହର୍‌ତେ ନାରୁଡ଼୍
## (ଲୁକ ୧୦:୧୩-୧୫)

୨୦ ବେନ୍ ସହର୍‌କିନାଗ୍ ଜିସୁ ଅନ୍‌ୱାଦ୍ ନାର୍‌ଗେ ବାକ୍‌ୱା ପାଡ଼୍‌ୟି
ମାଡ଼ି ମାଡ୍‌ତଣ୍ତ୍, ଆଦ୍ ପଡ଼ିୟେଡ୍ ନାରୁଡ଼୍ ଅଡ଼ାଦ୍ ପାପ୍ ସେଙ୍ଗେ
ହେର୍କେ ମାଡ଼୍‌ୱାଦ୍ ଉଡ଼ି, ଜିସୁ ଆଦ୍ ଶହର୍‌କିଙ୍କ୍ ପରିହାସ୍ ମାଡ଼ି
କେଡ୍‌ତଣ୍ତ୍,
୨୧ “ହୋ କୋରାଜିନ୍, ମିଡ଼୍ ଦସଂ ଆଦ୍‌ତିଡ଼୍ ! ବେଡ୍‌ସାଇଦା ମିଡ଼୍
ମିକା ଦସଂ ଆଦ୍‌ତିଡ଼୍ । ମିଇ ଲୋପେ ବେନ୍ ସାରେ ଆଶର୍ଯ୍ୟ ପାଡ଼୍‌ୟି
ମାଡ଼୍‌ତଡ଼୍, ଆୱୁସାରେ ଯଦି ସିଦୋନ୍ ନୁ ସୋରତାଗ୍ ମାଡ଼ିମାନେଡ଼୍,
ଆଗେଡ୍ ନାରୁଡ଼୍ ମେନ୍ଦୁଲ୍‌ତାଗ୍ ନିର୍ ଆକି ବାସ୍ତା କେର୍‌ସ୍ ଅନୁତାପ୍
ମାଡ଼େଡ଼୍ ।”
୨୨ “ନାନ୍ ନିଜାମ୍‌ତେ କେଡୁତାନ୍, ଇଶ୍ୱର୍ ବିଚାର୍ ମାଡ଼ାନ୍ ଦିନାତେ
ମିକିଂଙ୍କ୍ ଅନ୍ ସୋର ନୁ ସିଦନ୍ ନାରୁଡ଼୍‌କିଂଙ୍କ୍ ଅଦିକ୍ ଅନୁଗ୍ରହ ତଅତିତଣ୍ତ୍
।”
୨୩ “କପର୍ନାହୁମ୍ ! ନିୟାଦ୍ ବାଡ୍ ଦଷ୍ ଆଦ୍‌ତେ ! ନିମ୍ ବାଡ୍
ନିଜେତିଙ୍କ୍ ସ୍ୱର୍ଗତାଗ୍ ଆଦାନ୍ ମାଇଦିଙ୍କ୍ ଆଲ୍‌ସି ମାଡ଼ତ୍ରି ? ନିମ୍
ନର୍କତାଗ୍ ରାଲିତି । ମିଇ ଲୋପେ ବେନ୍ ଆଶର୍ଯ୍ୟ ପାଡ଼୍‌ୟି ମାଡ଼୍‌ତଡ଼୍,
ଆଦ୍ ଯଦି ସଦୋମ୍‌ତାଗ୍ ମାଡ଼ିମାନେଡ଼୍, ଆଦ୍ ନାର୍ ନେଣ୍ତ୍ ଅନ୍‌ପାକେ
ସାୟେ ମାନ୍‌ନେଡ଼୍ ।”
୨୪ ✡ନାନ୍ ମିକିଂଙ୍କ୍ ସଡ୍ କେଡୁତାନ୍, “ଇଶ୍ୱର୍ ବିଚାର୍ ମାଡ଼ାନ୍
ଦିନାତେ ମିୟାଗ୍ କନ୍‌ସ୍ ସଦୋମ୍‌ତିଙ୍କ୍ ଅଦିକ୍ ଦୟା ମାଡ଼ିତନ୍ ।”

## ନା ଗାର୍‌ରେ ୱାସ୍ ରମାଟ୍
## (ଲୁକ ୧୦:୨୧-୨୨)

---

✡ **୧୧:୨୪** ମାତିଉ ୧୦:୧୫; ଲୁକ ୧୦:୧୨.

²⁵ ଆସୁଟେ ଜିସୁ ପ୍ରାର୍ଥନା ମାଡ଼ି କେଡ଼ତଣ୍ଡ୍, “ହଁ ବାବା, ସ୍ୱର୍ଗ
ନୁ ପୃତିବିତ୍ ପ୍ରବୁ, ଇଦ୍ ସାରେ ଗଟ୍ ବୁଦ୍ଧିମାନ୍ ନୁ ଶିକିତ୍ ନାରୁଡ଼୍
ମିଞ୍ଜ୍ସ୍ତିମାଞ୍ଜ୍ କାର୍‌ୱେ ନାରୁଡ଼ାଗ୍ କେସ୍‌ମାନ୍ଦାନ୍ ମାଇଦିଙ୍କ୍ ନାନ୍ ନିକିଂଙ୍କ୍
ଦନ୍ୟବାଦ୍ ଇଦୁତାନ୍ ।
²⁶ ହଁ ବାବା, ନିୟାଦ୍ ଇଚ୍ଛା ଲେକାମ୍ ଇଦ୍ ସାରେ ଗଟେମ୍
ଆଦୁଡ଼ତେ ।”
²⁷ ✡“ମା ବାବାଲ୍ ନାକିଂଙ୍କ୍ ସାରେ ଇସ୍ ମିନ୍ଦେଣ୍ଡ୍ । ବାବାଙ୍କ୍
ୱିଡ଼ସ୍‌କେ ମାର୍‌ରିଙ୍କ୍ ମେଣ୍ଡ୍ରେ ବେନ ପୁନଣ୍ଡ୍ ମେଣ୍ଡ୍ରେ ମାର୍‌ରିଙ୍କ୍
ୱିଡ଼ସ୍‌କେ ବାବାଙ୍କ୍ ମେଣ୍ଡ୍ରେ ବେନ ପୁନଣ୍ଡ୍ । ମାର୍ ବେନ ଗାର୍‌ରେ
ବାବାନ୍ ଗଟି କେଡିତଣ୍ଡ୍, ମାତର୍ ଅଡ଼୍ ବାବାଙ୍କ୍ ପୁନ୍‌ତଡ଼୍ ।”
²⁸ “ଗୁରୁ ଦାୟିତ୍ୱ କାଞ୍ଜି ଆୟିତ୍‌ତେ ନାରୁଡ଼୍, ନା ଗାର୍‌ରେ ୱାଡ଼ାଟ୍,
ନାନ୍ ମିକିଂଙ୍କ୍ ରମାଙ୍କ୍ ହିଦ୍‌ତାନ୍ ।
²⁹ ନାୱାଦ୍ ଜୁୱାଡ଼୍ କାଞ୍ଜି ନାୟାଗାଙ୍କ୍ ଶିକ୍ଷା ଆୟମୁଟ୍ । ବାତେଙ୍କ୍
ଇଦ୍‌କେ ନାନ୍ ନିଜେ ନମ୍ର ନୁ ସରଲ୍ ଆସ୍‌ମାନ୍ଦାଙ୍କ୍ ମିଡ଼୍ ନା ଗାର୍‌ରେ
ରମିତିଡ଼୍ ।
³⁰ ନାନ୍ ମିକିଂଙ୍କ୍ ବେନ୍ ଜୁୱାଡ଼୍ ହିଦ୍‌ତାନ୍ ଆଦ୍ କାଞ୍ଜାନଙ୍କ୍ ସହଜ୍ ।
ମେଣ୍ଡ୍ରେ ବେନ୍ ଦାୟିତ୍ୱ ହିଦ୍‌ତାନ୍ ଆଦ୍ ମିକା ଗାଟି ହାଲ୍‌କା ।”

# ୧୨

## ବିଶ୍ରାମ୍‌ଦିନେ ପାଲନ୍

*(ମାର୍କ ୨:୨୩-୨୮; ଲୁକ ୬:୧-୫)*

¹ ଇଦିନ୍ ବେସ୍‌କ୍ ଦିନାଡ଼୍ ପେର୍କେ ୱେରଡ଼୍ ବିଶ୍ରାମ୍‌ଦିନ୍ ଜିସୁ
ୱିତି ମାନ୍ଦାନ୍ ୱାୟେତାଲାନ୍ ଆଞ୍ଜମାଡ଼ତଣ୍ଡ୍ । ତାନ୍ ଶିଷ୍ୟନଡ଼୍‌କ୍
କାର୍‌ପୟିତାଙ୍କ୍ ଅଡ଼୍ ୱିଡ଼ତାଗାଙ୍କ୍ କେଡ଼୍ ଦେହେସ୍ ତିନ୍ଦାଙ୍କ୍
ପସ୍‌ପ୍‌ଡ଼ତଡ଼୍ ।
² ପାରୂଶୀନଡ଼୍ ଆଦ୍ ଉଡ଼ି ନାରୁଡ଼୍‌କ୍ କେଡ଼ତଡ଼୍, “ଉଡ଼ାଟ୍, ବିଶ୍ରାମ୍
ଦିନ୍ ମିଇ ଶିଷ୍ୟନଡ଼୍ ବେଦ୍‌ଲେକାମ୍ ଶାସ୍ତ୍ର ବିରୁଦ୍ଧତେ ପାଡ଼ୟି
ମାଡ଼ତୁଡ଼୍ ?”

---

✡ **୧୧:୨୭** ଯୋହନ୍ 3:3୫; ଯୋହନ୍ ୧:୧୮; ୧୦:୧୫.

୩ ଜିସୁ ଅଡ଼୍‌କିଂଙ୍କ୍ ଉତ୍ତର୍ କେଡ୍‌ତନ୍, “ଅନ୍ ଦିନ୍ ଦାଉଦ୍ ନୁ ତାନ୍
ଶିଷ୍ୟନଡ଼୍ କାର୍‌ୱିନ୍ ମାନ୍ଦାନ୍ ୱେଲେ ଦାଉଦ୍ ବାତ୍ ବାତ୍ ମାଡ଼ି
ମାଡ଼୍‌ତଣ୍ଡ୍, ମିଡ଼୍ ଶାସ୍ତ୍ରତାଗ୍ କାର୍‌ୱିଡ଼୍ ?
୪ ଅଡ଼୍ ବେଲାନ୍ ଇଶ୍ୱର୍‌ତେ ମନ୍ଦିର୍ ତେ ଲୋପେ ଆଞ୍ଜ୍ ଇଶ୍ୱର୍‌ତିଙ୍କ୍
ଇଡ୍‌ତେ ରୂଟି ତିଡ୍‌ତଡ଼୍ । ଶାସ୍ତ୍ର ଲେକାମ୍ ପୁରହିତ୍‌ତିଙ୍କ୍ ୱିଡ଼୍‌ସି ଆଉ
ରୋଟି ତିନ୍ଦାନ୍ ସେଙ୍ଗେ ବେନନାଦ୍ ମେଣ୍ଡେ ଅଦିକାର୍ ଇଲ୍‌ୱେ
ମାଡ଼୍‌ତେ ।
୫ ମିଡ଼୍ ବାତେଏ କାର୍‌ୱିଡ଼୍ ? ମୋଶାନ୍ ବେବସ୍ଥା ଲେକାମ୍
ପୁରହିତ୍‌ନଡ଼୍ ବିଶ୍ରାମ୍ ବାର୍‌ତେ ମନ୍ଦିର୍ ଲୋପେ ପୁରୋହିତ ନଡ଼୍
ବିଶ୍ରାମ୍‌ଦିନ୍ ନିୟମ୍ ବିରୁଦ୍ ମାଡ଼୍‌ମାଡ଼୍‌କେ ମିକା ଆଦିନ୍ ସେଙ୍ଗେ ଅଡ଼୍
ଦଷ୍ ପୁନ୍ଦାଙ୍କ୍ ଆୟ୍‌ୟଡ଼୍ ?
୬ ନାନ୍ ମିକିଂଙ୍କ୍ କେଡୁତାନ୍, ମନ୍ଦିର୍‌ତାଦ୍ ମହତ୍ ବିଷୟ ନେଣ୍ଡ୍
ଇଗେମିନ୍ଦେ ।
୭ ✡ଶାସ୍ତ୍ର କେଡିଡ଼୍, ‘ନାନ୍ ଦୟା, ବଲିଦାନ୍ ଆୟ୍‌ୟ,’ ଇଦ୍ ଗଟ୍ ତେ
ଇଡ୍‌କେ ଯଦି ବୁଜେମ୍ ଆଦ୍‌ତିଡ଼୍, ଇଡ଼୍ ଆଦେଶ୍‌ତେ ନାରୁଡ଼୍‌କ୍ ମିଡ଼୍
ଦଷ୍ ମାଡ଼୍‌ୱିଡ଼୍ ଆୟେଡ଼ି ।
୮ ପୁଞ୍ଜ୍ ମାନୁଟ୍, ନାରୁନ୍ ପିଲେ ସ୍ୱୟଂ ବିଶ୍ରାମ୍ ବାର୍‌ତେ ପ୍ରଭୁ ।”

## ୱାସ୍‌ତେ କାୟ୍ ନାରୁନ୍ ସୁସ୍ଥତା
## (ମାର୍କ ୩:୧-୬; ଲୁକ ୬:୬-୧୧)

୯ ଜିସୁ ଆଦ୍ ପଡ଼ିୟେ ତାଗାଙ୍କ୍ ଆଞ୍ଜ୍ ପ୍ରାର୍ତନା ଲୋନ୍ ଅସ୍‌ତନ୍ ।
୧୦ ୱେରନ୍ ୱାସ୍‌ତେ କାଇତେନଣ୍ଡ୍ ଆଗେ ମାଡ଼୍‌ତଣ୍ଡ୍ । ଜିସୁନ୍ ଦଷ୍
ପୟିତାନ୍ ସେଙ୍ଗେ ମାନ୍ଦେ ନାରୁଡ଼୍ ଆଗେ କେପିମାଡ଼୍‌ତଡ଼୍ । ଅଡ଼୍
ଜିସୁଙ୍କ୍ କେଡ୍‌ତଡ଼୍, ବିଶ୍ରାମ୍ ଦିନ୍ ସୁସ୍ଥ ମାଡ଼ାନାଦ୍ ଶାସ୍ତ୍ର ବିରୁଦ୍ ଆୟ୍‌ୟ
କି ?
୧୧ ✡ଜିସୁ ଉତ୍ତର୍ ଇସ୍ କେଡ୍‌ତଣ୍ଡ୍, “ବିଶ୍ରାମ୍‌ଦିନ୍ ଯଦି ମିୟାଦ୍ ମେଣ୍ଢା
ୱେରଡ଼୍ ଗୁଇନ୍ଦେତାଗ୍ ରାଲିଡ୍, ମିଡ଼୍ ଆଦିଙ୍କ୍ ତେସ୍ ତାଡ଼୍‌ୱିଡ଼୍‌କି ?
୧୨ ୱେରନ୍ ନାରୁନ୍ ମୁଲ୍ୟ ୱେରଡ଼୍ ମେଣ୍ଢେତ୍ ମୁଲ୍ୟତ୍ ୱିଡ଼୍‌ସି ଗାଟି
ଅଦିକ୍ । ଆଲେକେ ବିଶ୍ରାମ୍‌ଦିନ୍ ମେଣ୍ଡ୍‌ଅର୍‌ତିଙ୍କ୍ ସାହାଯ୍ୟ ମାଡ଼ାନାଦ୍
ମାୟାଦ୍ ଶାସ୍ତ୍ରତାଗ୍ ପାଡ଼୍‌ୟି ।”

✡ **୧୨:୭** ମାତିଉ ୯:୧୩. ✡ **୧୨:୧୧** ଲୁକ ୧୪:୫.

୧୩ ଆଦ୍ କେସ୍ ଅଣ୍ଡ୍ କାୟ୍ ୱାତିମାନ୍ଦାନ୍ ନାରୁଙ୍କ୍ କେତ୍ତଣ୍ଡ୍, "କାୟ୍
ତିନାଙ୍କ୍ ମାଡେ ।" ନାରୁନ୍ କାୟ୍ ତିନାଙ୍କ୍ ମାଡ଼ାନ୍ ସାଙ୍ଗେ ସାଙ୍ଗେ ଆଦ୍
କାୟ୍ ମେଣ୍ଡନ୍ କାୟ୍ ଇନା ସୁସ୍ଥ ଆତ୍ତେ ।
୧୪ ତାନ୍ପେର୍କେ ପାରୂଶୀଡ଼୍ ଆଦ୍ ପଡ଼ିୟେତାଗାଙ୍କ୍ ପେଇସ୍ ଆଞ୍ଜ୍
ଜିସୁଙ୍କ୍ ଆୱୁକାନ୍ ସେଙ୍ଗେ ଷଡ଼ଯନ୍ତ୍ର ମାଡ଼୍ତଡ଼୍ ।

## ଇଶ୍ୱର୍ ହେଞ୍ଜିମାନ୍ଦାନ୍ ଦାସ

୧୫ ତାନ୍ ବିରୁଦ୍ଧ୍ତେ ଆସମାନ୍ଦାନ୍ ଷଡ଼ଯନ୍ତ୍ର ଗଟ୍ କେଞ୍ଜି ଜିସୁ ଆଦ୍
ଟାଉନ୍ ୱିଡ଼୍ସି ମେଣ୍ଡନ୍ ପାକେ ଆତ୍ତନ୍ । ଇତ୍କେ ନାର୍ଗେ ନାରୁଡ଼୍
ଅନ୍ ପେର୍କେ ଆତ୍ତଡ଼୍ ।
୧୬ ଜିସୁ ରୋଗି ନାରୁଡ଼୍କ୍ ସୁସ୍ଥ ମାଡ଼ମାତ୍ତନ୍, ବାତେଙ୍କ୍ ଇତ୍କେ
ତାନ୍ ବିଷୟ୍ତେ ବାଗାତଡ଼୍କିଙ୍କ୍ ବାତେଏ କେଲ୍ମାଟ୍ ଇଞ୍ଜ ଗଟ୍
ହିସମାତ୍ତନ୍ ।
୧୭ ହିଦିନ୍ ତଡ଼୍ ବାବବାଦୀ ଯିଶାୟତେ ତଡ଼୍ ଇଶ୍ୱର୍ ବେନ୍ଗଟ୍
କେଞ୍ଜ୍ପିମାତ୍ତନ୍, ଆଦ୍ ସାରେ ଆତ୍ତେ;
୧୮ "ହିଣ୍ଡ୍ ନା ପ୍ରିୟ ଦାସ,
ଅଂକିଙ୍କ୍ ନାନ୍ ପ୍ରେମ ମାଡ଼ତ୍ତାନ୍, ଅନ୍ ସେଙ୍ଗେ ନାନ୍ ଶାନ୍ତି ।
ନାୱାଦ୍ ଆତ୍ମା ଅନ୍ ପରୁ ଡିଗିତ୍ତେ;
ସାରେ ବିଜାତିନ୍ ଗାର୍ରେ ଅନ୍ ନା ନ୍ୟାୟ ବିଚାର୍ ଗଷନା
ମାଡ଼ିତନ୍ ।
୧୯ ଅଣ୍ଡ୍ ରାମ୍କ୍ ଆୟନ୍ କି ମର୍ରେ ଆୟନ୍,
ରୋଟ୍ ନାଡ଼୍ମେ ନିସ୍ ଗାଟିଲେଙ୍କ୍ଦେ ଗଟି କେଲ୍ଲନ୍ ।
୨୦ ଦୁର୍ବଲ୍ମାନ୍ଦାନଡ଼୍ ସେଙ୍ଗେ ଅଣ୍ଡ୍ କମଲ୍ ବ୍ୟବହାର୍ ମାଡ଼ିତନ୍ ନୁ
ରୋଗ୍ତେ ମାନ୍ଦାନଡ଼୍କ୍ ଦୟା ମାଡ଼ିତନ୍ ।
ନ୍ୟାୟ ଶାନ୍ତି ଆଦାନ୍ ଯାକ ଅଣ୍ଡ୍ ଅନ୍ ସାଦନାକଞ୍ଜ୍ ତଡ଼୍ ଆୟନ୍ ।
୨୧ ଅନ୍ ପର୍ର ସାରେ ଜାତିନ୍ ନାରୁଡ଼୍ ଆଶେ ୱାଟିତଡ଼୍ ।"

## ଜିସୁ ନୁ ବାଆଲ୍ଜିବୁଲ୍

*(ମାର୍କ ୩:୨୦-୩୦; ଲୁକ ୧୧:୧୪-୨୩)*

୨୨ ତାନ୍ ପେର୍କେ ଅନ୍ ଦିନ୍ ନାରିଡ଼୍ ୱେରଙ୍କ୍ କାନାଙ୍କ୍ ନୁ କନ୍ଦାଙ୍କ୍
ତାତ୍ତଡ଼୍ । ଅଙ୍କ୍ ବୁତ୍ ପୟ୍ତାଙ୍କ୍ ଗଟି ତିର୍ୟାନଙ୍କ୍ ପାର୍ୱେମାତ୍ତନ୍

। ଜିସୁ ଅଂକିଙ୍କ୍ ସୁସ୍ଥ ମାଡ଼୍ତଣ୍ଡ୍ । ଅଣ୍ଡ୍ ଉଡ଼େପାର୍ତନ୍ ନୁ ତିର୍ୟାଙ୍କ୍
ପାର୍ତନ୍ ।
୨୩ ଜିସୁନ୍ ଆଦ୍ ପାଡ଼୍ୟି ଉଡ଼ି ନାରୁଡ଼୍ ବାକ୍ୱା ଆସ୍ ଅଂକିଙ୍କ୍
କେତ୍ତଡ଼୍, "ଇଣ୍ଡ୍ ବାତେଏ ଆ ଦାଉଦ୍ ତେ ବଂଶତଣ୍ଡ୍ ?"
୨୪ ✡ପାରୂଶୀଡ଼୍ ଆଦେକେଞ୍ଜି କେତ୍ତଡ଼୍, "ଅଣ୍ଡ୍ ପ୍ରେତପତି
ବାଆଲ୍‌ଜିବୁଲ୍ ତାଗାଙ୍କ୍ ଶକ୍ତି ଦର୍ସ୍‌କି ବୁତ୍ ୱିର୍ସ୍‌ପୁତନ୍ ।"
୨୫ ଅଡ଼୍ ବାତେଚିନ୍ତା ମାଡ଼୍ତୁଡ଼୍ ଜିସୁ ପୁଞ୍ଜ୍ କେତ୍ତନ୍, "ୱେରଡ଼୍
ଦେଶ୍‌ତେ ନାରୁଡ଼୍ ୱେରେ ମାନ୍ଦେତାଗ୍ ୱିରି ତାମ୍‌ତାମ୍ ଲୋପେ
ଲଡ଼େମ୍ ଆଡ଼୍‌କେ, ଆଦ୍ ଦେଶ୍ ଗାଟି ଦିନ୍ ସାୟେ ମାନ୍ଦେପାର୍ୱ ।
ବେନ୍‌ଆଇ ଟାଉନ୍‌ତାଗ୍ ବା ପରିବାର୍ ଲୋପେ ୱେରେ ମାନ୍ଦେ ଆସ୍
ରାମ୍‌କ୍ ଆଡ଼୍‌କେ, ଅଡ଼୍ ଯାପେ ଦଂସ ଆଦ୍‌ତଡ଼୍ ।"
୨୬ ଆଲେକେ, ଶୟ୍‌ତାନ୍ ରାଜ୍ୟତାଗ୍ ଯଦି ୱେରଡ଼୍ ମାନ୍ଦେ ମେଣ୍ଡ୍‌ନ୍
ମାନ୍ଦେତ୍ ବିରୁଦ୍ଧ୍‌ତେ ଲଡ଼େମ୍ ଆଦ୍‌ତେ, ପୁନ୍ଦାଙ୍କ୍ ଆଦ୍‌ତେ ଯେ ଆଦ୍
ଦୁଡ଼ା ବିକଣ୍ଡ ଆସ୍ ସାରେଦିନାମ୍ ସେଙ୍ଗେ ଦଂସ ଆଦ୍‌ତେ ।
୨୭ ମିଡ଼୍ କେତୁତିଡ଼୍, ନାନ୍ ବାଆଲ୍‌ଜିବୁଲ୍ ଶକ୍ତିତେ ପ୍ରେତାମ୍ନାକିଂଙ୍କ୍
ୱିର୍ସ୍‌ପୁତାନ୍ । ଆଲେକେ ଆୱିଙ୍କ୍ ତଲାନ୍ ସେଙ୍ଗେ ମିଇ ଶିଷ୍ୟନଡ଼୍
ଇଦ୍ ପାଡ଼ିୟ୍‌ଦେନଡ଼୍ ମିଇ ଅବିଯଗ୍ ବୁସାଇଞ୍ଜ ପ୍ରମାନ୍ ଆଦୁତ୍‌ତେ ।
୨୮ ବୁତ୍ ୱିର୍ସ୍‌ପାନ୍ ଶକ୍ତି ନାନ୍ ବାଆଲ୍‌ଜିବୁଲ୍ ତାଗାଙ୍ଗ୍ ଦର୍ସ୍‌କନ୍
। ଇଶ୍ୱର୍‌ତେ ଆମ୍ନା ତାଗାଙ୍କ୍ ଆଦ୍ ନାନ୍ ଦର୍କ୍ସ୍ୱତାନ୍ । ହିଦିନ୍ ତଡ଼୍
ମେଣ୍ଡେ ୱେରଡ଼୍ ପ୍ରମାନ୍ ଆଦୁତ୍, ସ୍ୱର୍ଗରାଜ୍ୟ ମିଇ ପାକେ ୱାସ୍‌ମିନ୍ଦେ
।
୨୯ "ୱେରନ୍ ଶକ୍ତିମାନ୍ଦାନ୍ ନାରିଙ୍କ୍ ମୁନେଙ୍କ୍ ତୱେମାଡ଼୍‌କେ,
ବେନ ତାନ୍ ଲୋତାଗାଙ୍କ୍ ଜବର୍‌ଦସ୍ତ ନେଙ୍ଗି ତାନ୍ ସମ୍ପତି ୱିର୍ସ୍‌ପି
ଅଦେପାର୍ୱନ୍ ।"
୩୦ ✡"ବେନ ନା ତଡ଼୍ ଇଲାଣ୍ଡ୍, ଅଣ୍ଡ୍ ସାରେତିଙ୍କ୍ ନା ବିରୁଦ୍ଧ୍‌ତେ
ମିନ୍ଦେନ୍ । ବେନ ନା ତଡ଼୍ କାହିଲି ଗୁଡ଼୍‌ପନ୍, ଅଣ୍ଡ୍ ବାସ୍ତବିକ ନା ବିରୁଦ୍
ମାଡ଼୍ତୁଣ୍ଡ୍ ।"
୩୧ ଆଲେକେ ନାନ୍ ମିକିଂଙ୍କ୍ କେତୁତାନ୍, ନାରୁଡ଼୍ ଯେ ବାତ୍‌ଆଇ
ପାପ୍ ମାଡ଼ିତନ୍ ବା ସାରେ ଗଟି କେଲିନ୍ ଆଦିନ୍ ସେଙ୍ଗେ ଅଂକିଙ୍କ୍

---

✡ **୧୨:୨୪** ମାତିଉ ୯:୩୪; ୧୦:୨୫. ✡ **୧୨:୩୦** ମାର୍କ ୯:୪୦.

କ୍ଷମା ଇଦାଙ୍କ୍ ଆଦ୍‌ତେ । ବାତେଙ୍କ୍ ଇତ୍‌କେ ଯଦି ବେନ୍ ପବିତ୍ରଆତ୍ମା
ବିରୁଦ୍ଧ୍‌ତେ ବାତେଏ କେତିତନ୍, ଅନାଦ୍ କ୍ଷମା ଇଲେ ।
୩୨ ✡ବେନ୍ ନାରୁନ୍‌ପିଲେ ବିରୁଦ୍ଧ୍‌ତେ ବାତେଏ ପାପ୍ ମାଡ଼୍‌କେ
ବା କେତ୍‌କେ, ଅଂକିଙ୍କ୍ କ୍ଷମା ଦର୍‌କିତ୍ । ବାତେଙ୍କ୍ ଇତ୍‌କେ ଯେ
ବେନ ପବିତ୍ରଆତ୍ମା ବିରୁଦ୍ଧ୍‌ତେ ବାତ୍ କେତିତନ୍, ଅଂକିଙ୍କ୍ ଇଞ୍ଜେ ବା
ବବିଷ୍ୟତ୍‌ତେ ବେସୁଙ୍କ୍ ବା କ୍ଷମା ଦର୍‌କ ।

## ମାଡ଼େ ନୁ ତାନ୍ କାୟା
## (ଲୁକ ୬:୪୩-୪୫)

୩୩ ✡"ଲେକେତ୍ କାୟା ଆଦାନ୍ ସେଙ୍ଗେ ମାଡ଼େ ଲେକାମ୍ ଆଦାନ୍
ଦର୍‌କାର୍ । ପିନ୍ଦଲାଉ ମାଡ଼େତାଗ୍ ପିନ୍ଦଲାଉ କାୟା ଆଦ୍‌ଦିତ୍‌ତା ।
ମାଡ଼େ ବେଦ୍‌ଲେକାମ୍, ତାନ୍ କାୟାନ୍ ତଡ଼୍ ପୁନ୍ଦାଙ୍କ୍ ଆଦ୍‌ତେ ।"
୩୪ ✡ଆରେ ତାଡ଼ାମ୍ ବଂଶତ୍ କପାତ୍ ନାରୁଡ଼ି ! ନିଜେ କପାମ୍ ଆସ୍
ମିଡ଼୍ ବାତେଏ ସାୟେ ଗଟ୍ କେତ୍‌ପାର୍‌ତିଡ଼୍ ? ହୃଦୟ୍‌ତେ ହେର୍କା ମକମ୍
ଇସ୍ ପେହିତିତ୍ ।
୩୫ ୱେରନ୍ ଲେକେତ୍ ନାରୁନ୍ ଲେକାମ୍ ବର୍ତ୍ତେ ଆସ୍‌ମାନ୍ଦାନ୍ ତାନ୍
ସାୟେତ୍ ବଣ୍ଡାର୍ ତାଗାଙ୍କ୍ ସାୟେତ୍ ଜିନିଷ୍ ପେସ୍‌ପିତଣ୍ଡ୍ । ୱେରନ୍
କାରାପ୍ ନାରୁନ୍ ତାନାଦ୍ କାରାପ୍ ଜିନିଷ୍‌ତେ ବର୍ତ୍ତେ ଆସ୍‌ମାନ୍ଦାନ୍
କାରାପ୍ ବଣ୍ଡାର୍‌ତାଗାଙ୍କ୍ କାରାପ୍ ଜିନିଷ୍ ପେସ୍ପିତନ୍ ।
୩୬ "ମିଡ଼୍ କେସ୍‌ମାନ୍ଦାନ୍ ସାରେ ମୁଲ୍ୟ ଇଲ୍‌ୱେ ଗଟ୍ ସେଙ୍ଗେ ବିଚାର୍
ଦିନେତେ ମିକିଂଙ୍କ୍ ସାକ୍ଷି ହିଦାଙ୍କ୍ ଆଦ୍‌ତେ ।
୩୭ ମିଇ ଗଟ୍‌ତେ ସେଙ୍ଗେ ମିଡ଼୍ ବିଚାରିତ ଆସ୍ ନିର୍ଦୋଷ୍ ବା ଦଷି
ଶାବ୍ୟସ୍ତ ଆଦ୍‌ତିଡ଼୍ ।"

## ବାକ୍‌ୱା ପାଡ଼୍‌ୟିଦେ ସେଙ୍ଗେ ଦାବି
## (ମାର୍କ ୮:୧୧-୧୨; ଲୁକ ୧୧:୨୯-୩୨)

୩୮ ✡ଅନ୍‌ଦିନେ ବେସ୍‌ତୁଡ଼୍ ପାରୂଶୀଡ଼୍ ନୁ ଦର୍ମଗୁରୁଡ଼୍ ଜିସୁଙ୍କ୍
କେତ୍‌ତଡ଼୍, "ଗୁରୁ, ନିୟାଦ୍ ୱେରଡ଼୍ ଆଶର୍ଯ୍ୟ ପାଡ଼୍‌ୟି ଉଡ଼ାନଙ୍କ୍ ଇଚ୍ଛା
ମାଡ଼୍‌ତୁମ୍ ।"

---

✡ **୧୨:୩୨** ଲୁକ ୧୨:୧୦. ✡ **୧୨:୩୩** ମାତିଉ ୭:୨୦; ଲୁକ ୬:୪୪. ✡ **୧୨:୩୪** ମାତିଉ
3:୭; ୨3:33; ଲୁକ 3:୭; ମାତିଉ ୧୫:୧୮; ଲୁକ ୬:୪୫. ✡ **୧୨:୩୮** ମାତିଉ ୧୬:୧; ମାର୍କ
୮:୧୧; ଲୁକ ୧୧:୧୬.

୩୯ ✡ଜିସୁ ଆଶର୍ଯ୍ୟ ଲେକାମ୍ ମାଡ଼ି କେତ୍‌ତନ୍, ଇ ଯୁଗ୍‌ତେ ନାରୁଡ଼୍
ବେସର୍ ଦୁଷ୍ଟ ନୁ ଇଶ୍ୱର୍ ବିଶ୍ୱାସ୍ ଆୟନ୍ । ମିଡ଼୍ ନାକିଂଙ୍କ୍ ୱେରଡ଼୍
ବାକ୍‌ୱା ପାଡ଼ୟି ତୱାଙ୍କ୍ କେତୁତିଡ଼୍ ? ମାତର୍ ବାବବାଦୀ ଯୁନସ୍‌ତେ
ଜିୱୁନ୍‌ତେ ଗଟେମ୍ ଆସ୍‌ମାନ୍ଦାନ୍ ବାକ୍‌ୱା ପାଡ଼ୟି କେ ମିକିଂଙ୍କ୍
ତହସିଦ୍ ୱେହିତିତ୍ ।
୪୦ ଯୂନସ୍ ବେଦ୍ ଲେକାମ୍ କିକେଡ୍ ଡଙ୍କେତାଗ୍ ମୁଣ୍ଡ୍‌ଦିନା ନୁ
ମୁଣ୍ଡ୍‌ନାର୍‌କା ମାଡ୍‌ତନ୍, ଆଦେ ଲେକାମ୍ ନାରୁନ୍ ପିଲେ ମିକା ବୂମ୍‌ତେ
ଲୋପେ ମୁଣ୍ଡ୍‌ଦିନା ନୁ ମୁଣ୍ଡ୍‌ନାର୍‌କା ମାନ୍‌ତନ୍ ।
୪୧ ବିଚାର୍ ଦିନ୍ ନିନିବୀତେ ନାରୁଡ଼୍ ମିଇ ବିରୁଦ୍ଧତେ ଅବିଯଗ୍
ମାଡ଼ାଙ୍କ୍ ନିଲ୍‌ଦ୍‌ତଡ଼୍, ବାତେଙ୍କ୍ ଇଡ୍‌କେ ଯୁନସ୍‌ତେ ପ୍ରଚାର୍ କେଞ୍ଜି
ଅଡ଼୍ ପାପ୍ ଆର୍ଦାଗା ମାଲ୍‌ସ୍ ୱାଡ୍‌ତଡ଼୍ । ନାନ୍ ମିକିଂଙ୍କ୍ କେତୁତାନ୍,
ଯୁନସ୍‌ତାଗାଙ୍କ୍ ବେଡ଼୍‌ୟଣ୍ଡ୍ ୱେରନ୍ ହିଗେ ମିନ୍ଦେନ୍ ।
୪୨ ବିଚାର୍ ଦିନେତେ ଶିବାର ନାଟାଡ଼୍ ମିୟାଦ୍ ଦଷ୍ ତଅତାନ୍
ସେଙ୍ଗେ ନିତିତେ, ବାତେଙ୍କ୍ ଇଡ୍‌କେ ନାରୁଡ଼୍ ବୁଦ୍‌ତେ ଗଟ୍ କେଞ୍ଜାନ୍
ସେଙ୍ଗେ ପୃତିବିତେ ସାରେଏକାମ୍‌ତେ ୱାଡ୍‌ତଡ଼୍; ବାତେଙ୍କ୍ ଇଡ୍‌କେ
ନାନ୍ ମିକିଂଙ୍କ୍ ନିଜାମ୍ ତେ କେତୁତାନ୍, ଶଲୋମନ୍ ତାଗାଙ୍କ୍ ମହୀୟାନ୍
ୱେରନ୍ ଇଗେ ମିନ୍ଦେନ୍ ।

## ପ୍ରେତାମ୍ଳାତେ ମାଲ୍‌ସ୍ ୱାଡ୍‌ତେ
*(ଲୁକ ୧୧:୨୪-୨୬)*

୪୩ "ନାରୁନ୍ ମେନ୍ଦୁଲ୍ ତାଗାଙ୍କ୍ ପେଇସ୍ ଆଡ୍‌ତେ ପେର୍କେ ୱେରଡ଼୍
ପ୍ରେତ୍ ଆମ୍ଳା ଉସ୍ନ ନାର୍‌ତାଗେ ବିଚରନ୍ ମାଡ଼ି ମେଣ୍ଡ୍ରନ୍ ପଡ଼ିୟେ ନେଲ୍
ମେହେକିଡ୍ ।
୪୪ ଆଦ୍ ଦର୍‌କ୍‌ୱେ ମାଡ୍‌କେ, ତାନ୍ ମୁନେଡ୍ ଲୋଡ୍‌ତା ମାଲ୍‌ସ୍
ଆଦାଙ୍କ୍ ଇଚ୍ଛାମାଡ଼ିତ୍ । ଯଦି ମାଲ୍‌ସ୍ ଆଞ୍ଜ୍ ଉଡ଼ିତ୍, ଆଦ୍ ଲୋନ୍
ଲେକେଡ୍ ସପାସୁତରା ଆସ୍ ଆସାମେ ମିନ୍ଦେ,
୪୫ ଅନାଗ୍, ମେଣ୍ଡେ ଦୁଷ୍ଟ ସାଡ୍‌ଟାନ୍ ପ୍ରେତତିଙ୍କ୍ ନିମନ୍ତ୍ରନ
ମାଡ଼ିତାତିଡ୍ ନୁ ଆୱ୍ ସାରେ ଆଦ୍ ଲୋନ୍ ମାନ୍‌ତା । ଇଦିନ୍‌ତଡ଼୍,
ଆଦ୍ ବୁଡ୍ ପୟିଡ୍‌ତେ ନାରୁନ୍ ଶେଷ୍ ଦଷ୍ ମୁନେଡ୍ ଦଷ୍‌ତାଗାଙ୍କ୍ ଗାଟି

✡ **୧୨:୩୯** ମାତିଉ ୧୬:୪; ମାର୍କ ୮:୧୨.

ଗଡ଼୍‌ବଡ଼୍ ଆଦ୍‌ତେ । ହିଦ୍ ଯୁଗ୍‌ତେ ଦୁଷ୍ଟ ନାରୁଡ଼୍ ହିଦ୍‌ଲେକାମ୍ ଗାଟି
ତିପାଲ୍ ଆଦ୍‌ତଡ଼୍ ।”

## ଜିସୁନ୍ ୟାୟ଼ ନୁ ଦାଦାଲଡ଼୍
## (ମାର୍କ ୩:୩୧-୩୫; ଲୁକ ୮:୧୯-୨୧)

⁴⁶ ଜିସୁ ନାରୁଡ଼୍ ତଡ଼୍ ଗଟିଆଦାନ୍ ୱେଲେ ତାନ୍ ୟାୟ଼ ନୁ ଦାଦାଲଡ଼୍
ଆଦ୍ ପଡ଼ିୟେତାଗ୍ ହେଉସ୍ ଅଂକିଙ୍ଗ୍ କେତାନଙ୍ଗ୍ ବାଇଦେ କେପି
ଅଂକିଙ୍ଗ୍ କାର୍‌ଙ୍ଗ୍‌ତଡ଼୍ ।
⁴⁷ ୱେରନ୍ ନାରୁନ୍ ୱାସ୍ ଜିସୁଙ୍ଗ୍ କେଡ଼୍‌ତଣ୍ଡ୍, “ଉଡ଼େ, ନି ୟାୟ଼ ନୁ
ଦାଦାଲଡ଼୍ ନି ସେଙ୍ଗେ ବାଇଦେ କେପ୍‌ତଡ଼୍ ।”
⁴⁸ ଜିସୁ ଉତ୍ତର୍ କେଡ଼୍‌ତଣ୍ଡ୍, “ବେନ ନା ୟାୟ଼ ନୁ ବେନ ନା ଦାଦାଲ୍
?”
⁴⁹ ଶିଷ୍ୟନଡ଼୍ ପାକେ କାୟ଼ ତଅସ୍ କେଡ଼୍‌ତଣ୍ଡ୍, “ହିଡ଼୍ ଆଦୁତଡ଼୍ ନା
ୟାୟ଼ ନୁ ନା ଦାଦାଲଡ଼୍ ।
⁵⁰ ବେନ ଆୟି ନା ସ୍ୱର୍ଗତେ ବାବାନ୍ ଇଚ୍ଛା ଲେକାମ୍ ମାଡ଼ିତନ୍, ଅଣ୍ଡ୍
ନା ଦାଦାଲ୍, ନା ଏଲାଡ଼୍ ନୁ ନା ୟାୟ଼ ।”

# ୧୩

## ୱିଜ୍ ୱିତାନନାଦ୍ ୱେଷଡ଼୍ ଗଟ୍
## (ମାର୍କ ୪:୧-୯; ଲୁକ ୮:୪-୮)

¹ ଆଦ୍ ଦିନ୍ ଜିସୁ ପେଇସ୍ ହିଲ୍‌କେ ଆଞ୍ଜିନା ଆଡ଼୍‌ତନ୍ । ଆଗେ ଅଣ୍ଡ୍
ଶିକ୍ଷା ହିଦାନ୍ ସେଙ୍ଗେ କୁଦ୍‌ତନ୍ ।
² ✡ଅନ୍ ତିଡ଼୍‌ପାକେ ହିସର୍ ନାରୁଡ଼୍ କୁଦ୍‌ତଡ଼୍ ଯେ ଅଣ୍ଡ୍ ୱେରଡ଼୍
ଓଡେତାଗ୍ ଆଞ୍ଜ୍ କୁଦ୍‌ତନ୍ । ନାରୁଡ଼୍ ହିଲ୍‌କେ ଆଞ୍ଜିନା ନିସ୍‌ମିକା ଅନ୍
ଗଟି କେଞ୍ଜ୍‌ତଡ଼୍ ।
³ ଅଣ୍ଡ୍ ୱେଷଡ଼୍ ହିନା ଅଡ଼୍‌କିଂଙ୍ଗ୍ ନାର୍‌ଗେ ଗଟି ଶିକ୍ଷା ହିଡ଼୍‌ତନ୍ । ଅଣ୍ଡ୍
କେଡ଼୍‌ତାନ୍, “ଅନ୍‌ଦାମ୍ ୱେରନ୍ ନାରୁନ୍ ୱିଜ୍ ୱିତାନଙ୍ଗ୍ ପେହିଡ଼୍‌ତନ୍ ।
⁴ ଅଣ୍ଡ୍ ୱାୟେତାଗ୍ ୱିଜ୍ ୱିତାନ୍ ୱେଲେ ବେସ୍‌କ୍ ପେଡ଼େକ୍
ଆର୍‌ଦାଗ୍ ଲାହିନ୍ ରାଲ୍‌ତାଙ୍ଗ୍ ପିଟେ ୱାସ୍ ଆୱିଙ୍ଗ୍ ତିଞ୍ଜ୍‌ଜିତା ।

✡ **୧୩:୨** ଲୁକ ୫:୧-3.

୫ ମେଣ୍ଡେ ବେସ୍‌କ୍ ପେଡ଼େକ୍ ଗାଟି ସୁଦୁଟ୍ ମାଣ୍ଡଲୁ ମାନ୍ଦାନାଗ୍
ରାଲ୍‌ତା ସୁଦୁଟ୍ ପନ୍ଦି ମାନ୍‌ନାଙ୍କ୍ ୱାଞ୍ଜ୍‌ଜି ଯାପେ ମଡ଼୍‌ତା ।
୬ ବାତେଙ୍କ୍ ଇଡ଼୍‌କେ ଆୱୁ ମାଡ଼ା ଲୋପେ ଆନ୍‌ୱାଙ୍କ୍ ପଡ଼ଦ୍
ହେଦ୍‌ତ୍‌ତେ ଆଉ ୱାସିଆଡ଼୍‌ତା ।
୭ ବେସ୍‌କ୍ ୱିଜ୍ କୟେନାଗ୍ ରାଲ୍‌ତା । ଆଉ କୟେମାଡ଼ାକ୍ ସାରେ
ପେଡ଼େକିଙ୍କ୍ ଆଦ୍‌ପ୍ତା ମାଡ଼୍‌ତେ ।
୮ ବାତେଙ୍କ୍ ଇଡ଼୍‌କେ ମେଣ୍ଡେ ବେଷ୍‌କ୍ ୱିଜ୍ ଲେକେଡ଼୍ ବୁମ୍‌ତାଗା
ରାଲି ମାଡ଼େ ଆସ୍ କାୟା ଆଦ୍‌ତେ । ବେସ୍‌କ୍ ଶହେଗୁନ୍, ବେସ୍‌କ୍
ଷାଟିଏ ଗୁନ୍ ନୁ ବେସ୍‌କ୍ ତିରିଶ୍ ଗୁନ୍ ଆଦ୍‌ତେ ।”
୯ ଜିସୁ ୱେଷଡ଼୍ ତେର୍‌ସ୍‌ପି କେଡ଼୍‌ତାନ୍, “କେଞ୍ଜାନଙ୍କ୍ କେଉ
ମାଡ଼୍‌କେ କେଞ୍ଜାଟ୍ ।”

### ୱେଷଡ଼୍‌ତେ ଲେକାମ୍
### (ମାର୍କ ୪:୧୦-୧୨; ଲୁକ ୮:୯-୧୦)

୧୦ ତାନ୍ ପେର୍କେ ଶିଷ୍ୟନଡ଼୍ ଜିସୁନ୍ ଗାର୍‌ରେ ୱାସ୍ କେଡ଼୍‌ତଡ଼୍,
ନାରୁଡ଼୍‌କ୍ ଶିକ୍ଷା ହିଦାନ୍ ୱେଲେ ନିମ୍ ବାଡ଼୍‌ତିଙ୍କ୍ ୱେଷଡ଼୍ ହିନା
କେଡ଼୍‌ତିନ୍ ?
୧୧ ଜିସୁ ଉତ୍ତର୍ ଇଡ଼୍‌ତନ୍, “ସ୍ୱର୍ଗରାଜ୍ୟତେ ରହସ୍ୟ ବୁଜେମ୍
ଆଡ଼୍‌ତାଙ୍କ୍ ମିଡ଼୍ ବୁଦ୍‌ତେ ଦର୍‌ସ୍‌କି ମିନ୍ଦେଡ଼ି, ଅଡ଼୍ ଦର୍‌ସ୍କ୍‌କଡ଼୍ ।”
୧୨ ✡ବେନନାଦ୍ ମିନ୍ଦେ, ଅଂକିଙ୍କ୍ ଅଦିକ୍ ହିଦ୍‌ତଡ଼୍ ନୁ ଆଗାଙ୍କ୍ ଅଣ୍ଡ
ନାର୍‌ଗେ ଲାବ୍ ମାଡ଼ିତନ୍ । ବାତେଙ୍କ୍ ଇଡ଼୍‌କେ ବେନନାଦ୍ ଇଲେ, ହୋ
ନାଦ୍ ବାଡ଼୍‌ମିନ୍ଦେ, ଆଦ୍‌ମିକା ଟେଣ୍ଡି ଆଦ୍‌ତଡ଼୍ ।
୧୩ ଆଦିନ୍ ସେଙ୍ଗେ, ଅଡ଼୍ ଉଡ଼ଡ଼୍ ମାନ୍‌ତଡ଼୍ ଇଡ଼୍‌କେ ବାତେଏ ଉଡ଼େ
ପାର୍‌ୱଡ଼୍ । ସାରେ ଗଟି କେଞ୍ଜିମାନ୍ତଡ଼୍, ବାତେଙ୍କ୍ ଇଡ଼୍‌କେ ବାତେଏ
ବୁଜେମ୍ ଆୟ୍‌ୟଡ଼୍; ଅଡ଼୍ ଯଦି ପ୍ରକୃତ୍‌ତେ ଉଡ଼େଡ଼୍ ନୁ ବୁଜେମ୍
ଆୟେଡ଼୍ ।
୧୪ ବାବବାଦି ଯିଶାଇୟନ୍ ବବିଷ୍ୟଦ୍ ବାଣି ଅଡ଼୍ ସେଙ୍ଗେ ପ୍ରଯୁଦ୍‌ୟ
।
ହି ନାରୁଡ଼୍ କେଞ୍ଜିକେଞ୍ଜି ବାତେଏ ବୁଜେମ୍ ଆୟ୍‌ୟଡ଼୍ ।
ଉଡ଼ି ମାନ୍‌ତଡ଼୍ ବାତେଙ୍କ୍ ଇଡ଼୍‌କେ ଉଡାଙ୍କ୍ ପାର୍‌ୱଡ଼୍ ।

---

✡ **୧୩:୧୨** ମାତିଉ ୨୫:୨୯; ମାର୍କ ୪:୨୫; ଲୁକ ୮:୧୮; ୧୯:୨୬.

୧୫ କିନ୍ତୁ ଅଡ଼୍ ସ୍ଥୁଲ୍ ବୁଦିଡ଼୍ ।
ଅଡ଼୍ କେୱୁକ୍ ବନ୍ଦ୍ ମାଡ଼ିଡ୍‌ତଡ଼୍ ନୁ
କୋଣ୍ଡା ପିଇସ୍ ମିନ୍ଦେ ।
ଆଲା ଆୟ୍‌ୱେ ମାଡ଼୍‌କେ ଅଡ଼୍ ଉଡାଙ୍ଗ୍ ପାର୍‌ୱେଡ଼୍,
ଅଡ଼୍‌ୱୁ କେୱୁକ୍ କେଞ୍ଜାଙ୍ଗ୍ ପାର୍‌ୱେଡ଼୍,
ନୁ ଅଡ଼୍ ବୁଜେମ୍ ଆଦାଙ୍ଗ୍ ପାର୍‌ୱେଡ଼୍,
ଅଡ଼୍ ନା ଗାର୍‌ରେ ମାଲ୍‌ସ୍ ଆନେଡ଼୍ ନୁ ଅଡ଼୍‌କ୍ ନାନ୍ ସୁସ୍ଥ ମାଡ଼ିୱେନ୍
ହିଦ୍ ଗଟ୍ ଇଶ୍ୱର୍ କେଡ୍‌ତଣ୍ଡ୍ ।

୧୬ ✡"ମିଡ଼୍ ବେସର୍ ବାଗ୍ୟବାନ୍ ! ମିଡ଼୍ ଉଡେ଼ ପାର୍‌ଦୁତିଡ଼୍ ନୁ କେଞ୍ଜ୍
ପାର୍‌ଦୁତିଡ଼୍ ।
୧୭ ହିଦ୍ ଗଟ୍ ନିଜାମ୍‌ତେ ନାନ୍ ମିକିଂଙ୍ଗ୍ କେତୁତାନ୍, ନାର୍‌ଗେ
ବାବବାଦୀ ନୁ ଦାମିର୍କ୍ ନାରୁଡ଼୍, ମିଡ଼୍ ବାତେଏ ଉଡ଼୍‌ତୁିଡ଼୍; ଆଦ୍
ଉଡ଼ାନଙ୍ଗ୍; ନୁ ବାଡ୍ କେଞ୍ଜୁତିଡ଼୍ ଆଦ୍ କେଞ୍ଜାନ୍ ସେଙ୍ଗେ ଇଚ୍ଛା ମାଡ଼୍
ମାଡ୍‌ତଡ଼୍, ବାତେଙ୍ଗ୍ ଇଡ୍‌କେ ପାର୍‌ୱଡ଼୍ ।"

## ୱିଜେୱିତାନଣ୍ଡ୍ ୱେଷଡ଼୍‌ତେ ତାପୃର୍ଯ୍ୟ

(ମାର୍କ ୪:୧୩-୨୦; ଲୁକ ୮:୧୧-୧୫)

୧୮ "ଆଲେକେ ୱିଜେୱିତାନ୍ ୱେଷଡ଼୍ କେଞ୍ଜାଟ୍ କେତୁତାନ୍,
ବୁଜେମ୍ ଆଡ୍‌ତାଙ୍ଗ୍ ଆଲ୍‌ସି ମାଡ଼ାଟ୍ ।
୧୯ ବେନଡ଼୍ ସ୍ୱର୍ଗରାଜ୍ୟତେ ଗଟ୍ କେଞ୍ଜିତଡ଼୍, ଅଡ଼୍ ହୃଦୟତାଗାଙ୍ଗ୍
ଶୟ୍‌ତାନ୍ ଆଦ୍ ଟେଣ୍ଡ୍ରି ଆଦ୍‌ତେ । ଆର୍‌ଦାଗ୍ ରାଲିମାନ୍ଦାନ୍ ୱିଜ୍
ଆଡ୍‌ତେ ଇଦିନ୍ ତାପୃର୍ଯ୍ୟ ।
୨୦ ବେନଡ଼୍ ଗଟ୍ କେଞ୍ଜାନ୍ ସାଙ୍ଗେ ସାଙ୍ଗେ ଆଗ୍ରହତେ
ଗ୍ରହନ୍ ମାଡ଼ିତଡ଼୍, ଆଦ୍ ପତୁରିଆ ପଡ଼ିୟେତାଗ୍ ରାଲିମାନ୍ଦାନ୍
ୱିଜେଲେକାମ୍,
୨୧ ଅଡ଼୍ ମାନ୍‌ଦେ ଲୋପେ ଆଞ୍ଜ୍ ମାନ୍‌ୱାଙ୍ଗ୍ ଅଡ଼୍ ଆଦିଙ୍ଗ୍
ନାର୍ଗୋସମୟ୍ ପଇସ୍ ନେହେତେ ପାର୍‌ୱଡ଼୍ । ହିଦ୍ ଗଟ୍ ସେଙ୍ଗେ
ବେସୁଙ୍ଗ୍ କଷ୍ଟ ନୁ ତାଡ଼ନା ୱାଦ୍‌ତେ, ଅଡ଼୍ ଆଦିଙ୍ଗ୍ ଯାପେ ୱିଡ଼୍‌ସିଡ୍ ତଡ଼୍
।

✡ **୧୩:୧୬** ଲୁକ ୧୦:୨୩,୨୪.

୨୨ କୟେ ମାଡ଼ାକ୍ ବେଦ୍‌ଲେକାମ୍ ବେସ୍‌କିଙ୍ଗ୍ ୱିଜେତିଙ୍ଗ୍ ଆଦ୍‌ପ୍ତା
ମାଡ଼ିଦ୍‌ତେ, ଆଦେଲେକାମ୍ ହିଦ୍ ଜଗତ୍‌ତେ ଜଞ୍ଜାଲ ନୁ ଦନ୍
ସମ୍ପତିତ୍‌ତେ ଆଶେ ବେସ୍‌କ୍ ନାରୁଡ଼ାଗ୍ ହେଉସ୍ ମାନ୍ଦାନ୍ ଗଟ୍‌ତିଙ୍ଗ୍
ନଷ୍ଟ ମାଡ଼ିଦ୍‌ତେ ନୁ ଅଡ଼୍ ବାତେଏ ସୁପଲ୍ ଦର୍‌ସ୍‌କେ ପାର୍‌ୱଡ଼୍ ।
୨୩ ବେନଡ଼୍ ଗଟ୍ କେଞ୍ଜି ବୁଜେମ୍ ଆଦ୍‌ତଡ଼୍, ଲେକେତ୍ ୱାୟେତାଗ୍
ରାଲିମାନ୍ଦାନ୍ ୱିଜ୍ ଲେକାମ୍ ଆଦିନ୍ ଲେକାମ୍ ସୁପଲ୍ ଲାବ୍ ମାଡ଼ିତଡ଼୍
। ବେନଙ୍ଗ୍ ଦର୍‌କିତ୍ ଶହେ ଗୁନ୍, ବେନ ଷାଟିଏ ଗୁନ୍ ନୁ ବେନ୍ ତିରିଶ୍
ଗୁନ୍ ।”

## ୱିଜେତାଗ୍ ମାନ୍ଦାନ୍ ତଗ୍ ୱେଷଡ଼୍‌ତେ ଗଟ୍

୨୪ ଜିସୁ ମେଣ୍ଡ୍ରନ୍ ୱେଷଡ଼୍ ଗଟ୍ କେତ୍‌ତାନ୍, “ସ୍ୱର୍ଗରାଜ୍ୟ
ହିଦ୍‌ଲେକାମ୍, ୱେରନ୍ ନାରୁନ୍ ଅନ୍ ୱାୟେତାଗ୍ ଲେକାମ୍ ଗହମ୍
ୱିଜ୍ ୱିତ୍‌ତନ୍ ।
୨୫ ଅନ୍‌ଦିନେ ହିକାଡ଼୍‌ତେ ଅଡ଼୍ ଉଞ୍ଜି ମାନ୍ଦାନ୍ ୱେଲେ ୱେରନ୍
ଶତ୍ରୁଡ଼୍ ୱାସ୍ ଆଦ୍ ୱାୟେତାଗ୍ ନାର୍‌ଗେ ବାଲୁଙ୍ଗା ପେଡ଼େକ୍ ୱିତ୍‌ତିସ୍
ଆତ୍‌ତନ୍ ।
୨୬ ବେସୁଙ୍ଗ୍ ମାଡ଼ାକ୍‌ସାରେ ପେର୍‌ସି କେଡ଼୍ ପେହିତା, ନାଡ଼୍‌ମେ
ନାଡ଼୍‌ମେ ବାଲୁଙ୍ଗା ତଅନ୍‌ଦ୍‌ତା ।
୨୭ ଆଦ୍ ନାରିନ୍ ଚାକରିଡ଼୍ ୱାସ୍ କେତ୍‌ତଡ଼୍, ଗଟ୍, ନିମ୍ ତ
ୱାୟାନାଗ୍ ସାୟେତ୍ ପେଡ଼େକ୍ ୱିତିମାତ୍‌ତିନ୍, ବାଲୁଙ୍ଗା ସାରେ
ବେକାଙ୍ଗ୍ ୱାତ୍‌ତା ?
୨୮ ୱାୟେତ୍ ମାଲିକ୍ କେତ୍‌ତାନ୍, ‘ୱେରନ୍ ଶତ୍ରୁଡ଼୍ ଇଲାମାଡ଼୍‌ତନ୍
।’ ମେଣ୍ଡ୍ରେ ଦାସଡ଼୍ କେତ୍‌ତଡ଼୍, ‘ଆଲେକେ ମାମ୍‌ମେ ଆଞ୍ଜ୍ ଆୱିଙ୍ଗ୍
ତାହାକିଦ୍‌ତମ୍ ?’
୨୯ ମାଲିକ୍ କେତ୍‌ତାନ୍, ‘ଇଲା, ବାଲୁଙ୍ଗା ତାହାକାନ୍ ୱେଲେ
ଆଲେତ ଗହମ୍ ପଦ୍‌ଲେ ହେଲିତ୍ ।
୩୦ ବେଡ଼ିଇ ହାଇନା ଗହମ୍ ନୁ ବାଲୁଙ୍ଗା ୱେରଡ଼୍ ତାଗ୍ ପେର୍‌ସି
। ଆସୁଙ୍ଗ୍ କଇଦାନଡ଼୍ କେତିକା, ଅଡ଼୍ ମୁନେ ବାଲୁଙ୍ଗା କଇସ୍, ମୁଟା
ତହସ୍ ପୋଡ଼୍‌ସିଦ୍‌ତଡ଼୍ । ତାନ୍ ପେର୍କେ ଗହମ୍ ପାଣ୍ଡ୍ସି ମିକା ଆଟୁତାଗ୍
ୱାଟିତଡ଼୍ ।’ ”

## ସୋରିଷ ପେଡ଼େମ୍ ତେ ୱେଷଡ଼୍

(ମାର୍କ ୪:୩୦-୩୨; ଲୁକ ୧୩:୧୮-୧୯)

୩୧ ଜିସୁ ୱେରଡ଼୍ ୱେଷଡ଼୍ ଇସ୍ କେଡ଼ତାନ୍, "ୱେରନ୍ ନାରୁନ୍ ଅନ୍
ୱାୟେତାଗ୍ ସୋରିଷ ପେଡ଼େମ୍ ଲେକାମ୍ ୱେରଡ଼୍ ପେଡ଼େମ୍ ମିଚ୍ତନ୍
।
୩୨ ଆଦ୍ ପେଡ଼େମ୍ ସାର୍‌ରେ ତାଗାଙ୍କ୍ ଇସୁର୍ ଆଡ଼ତେ ମିକା ଆଗାଙ୍କ୍
ବେନ୍ ମାଡ଼େ ଆଡ଼ତେ, ୱାୟେତାଗ୍ ବାଗାତାଉ ସାରେ ମାଡ଼ାକ୍ ୱିଡ଼ସି
ଗାଟି ତେଙ୍ଗ୍ ନୁ ମାନ୍ଦେଆଡ଼୍ ନୁ ତାନ୍ ପର୍‌ର ପିଟେ ତୁଉକା ତାର୍ଡ଼ତା ।
ସ୍ୱର୍ଗରାଜ୍ୟତେ ପେର୍‌ସାନାଦ୍ ଇଦ୍‌ଲେକାମ୍ ।"

## କମିର୍‌ତେ ୱେଷଡ଼୍

(ଲୁକ ୧୩:୨୦-୨୧)

୩୩ ମେଣ୍ଡ୍‌ନ୍ ଦାମ୍ ଜିସୁ ଉଦାରନ୍ ଇସ୍ କେଡ଼ତାନ୍, "ୱେରଡ଼୍
ନାଟାଡ଼୍ ସୁଦୁଟ୍ କମିର୍ ଆସ୍ ଦୁଡ଼୍‌ବାସ୍ତା ନିଇସ୍ ମହିଦାତାଗ୍
କାଲ୍‌ପ୍‌ତନ୍ । ଟିକ୍ ସମୟ୍‌ତେ ସାରେ ମହିଦା ତାଲିତାଗ୍ କାହିଲି
ତୟ୍‌ତେ । ସ୍ୱର୍ଗରାଜ୍ୟ ହିଦ୍‌ଲେକାମ୍ ନାର୍ଗେ ଆଦ୍‌ତେ ।"

## ୱେଷଡ଼୍ ସାହାଯ୍ୟତେ ଶିକ୍ଷା

(ମାର୍କ ୪:୩୩-୩୪)

୩୪ ଜିସୁ ଇଦ୍‌ଲେକାମ୍ ୱେଷଡ଼୍ ଇସ୍ ଶିକ୍ଷା ହିସମାଡ଼ତନ୍ । ୱେଷଡ଼୍
ହିୱକଟ୍ ଅଣ୍ଡ୍ ବେନେମିକା ଶିକ୍ଷା ହିୱେମାଡ଼ତନ୍ ।
୩୫ ଇଦିନ୍ ତଡ଼୍ ବାବବାଦୀନଡ଼୍ ହିଦ୍ ବବିଷ୍ୟତ୍‌ବାଣି ସାରେ
ଆଡ଼ତେ ।

"ନାନ୍ ୱେଷଡ଼୍ ଲେକାମ୍ ଅଡ଼୍‌ତଡ଼୍ ଗଟି ତିର୍ତାନ୍ ।
ତିଆର୍ ମୁନେଙ୍କ୍ ପୁନ୍‌ୱେମାନ୍ଦାନ୍ ସାରେ ଗଟି ହିଦ୍‌ଲେକାମ୍ ନାନ୍
ଅଡ଼୍‌କ୍ ବୁଜାମାଡ଼ିତାନ୍ ।"

## ଜିସୁ ବାଲୁଙ୍ଗା ୱେଷଡ଼୍‌ତେ ତାତ୍ପର୍ଯ୍ୟ ବୁଜାମାଡ଼୍‌ତନ୍

୩୬ ନାରୁଡ଼୍ ଗଓଲିତାଗାଙ୍କ୍ ପେଇସ୍ ୱାସ୍ ଜିସୁ ବେସୁଙ୍କ୍ ଲୋନ୍
ଲୋପେ ଆଡ଼ତନ୍, ତାନ୍ ଶିଷ୍ୟନଡ଼୍ ୱାସ୍ ପଚାର୍‌ମାଡ଼୍‌ତଡ଼୍, "ବାଲୁଙ୍ଗା
ୱେଷଡ଼୍ ଇଡ଼କେ ମାକିଂଙ୍କ୍ ବୁଜାମାଡ଼ିମ୍ ।"

୩୭ ଜିସୁ ଉତ୍ତର୍ ହିତ୍ତନ୍, "ବେନ୍ ନାରୁନ୍ ଲେକେଦ୍ ୱିଜ୍ ୱିତ୍ତନ୍,
ଅଣ୍ଡ ନାରୁନ୍ ପିଲେ ।"
୩୮ ହିଦ୍ ଜଗତ୍ ଆଦୁଦ୍ତେ ୱାୟେ । ବେନଡ଼୍ ସ୍ୱର୍ଗରାଜ୍ୟ
ଆଦିବାସିଡ଼୍, ଅଡ଼୍ ଲେକେଦ୍ ୱିଜ୍ । ବାଲୁଙ୍ଗା ଆଦ୍ତେ ଶୟତାନ୍ତାଦ୍
ଉଡ଼ାନାଦ୍ ।
୩୯ ବେନ୍ ଶତ୍ରୁଡ଼୍ ବାଲୁଙ୍ଗା ୱିତ୍ତନ୍, ଅଣ୍ଡ ଶୟତାନ୍ । ପାଣ୍ଡାନ୍
ଦିନାମ୍ ଆଦୁଦ୍ତେ ତେରାନ୍ ଦିନ୍ । ଶସ୍ୟକହିଦାନଡ଼୍ ଆଦୁଦ୍ତେ ଦୂତ
।
୪୦ ବାଲୁଙ୍ଗା ବେଦ୍ଲେକାମ୍ କଇସ୍ କାର୍ୱିମାନ୍ତା, ଯୁଗାନ୍ତ କାଲ୍
ଆଦେଲେକାମ୍ ଆଦ୍ତେ ।
୪୧ ନାରୁନ୍ ପିଲେ ତାନ୍ ରାଜ୍ୟତାଗାଙ୍କ୍ ସାରେ ଅପରାଦ୍ ପାଡ଼ିୟିଦେ
ନଡ଼କ୍ ନୁ ବେନଡ଼୍ ବାଗାତଡ଼କ୍ ପାପ୍ ମାଡ଼ାଙ୍କ୍ କେତିତଡ଼୍, ଅଡ଼କ୍
ଅଣ୍ଡୟାଗେ ମାଡ଼ାନ୍ ସେଙ୍ଗେ ଦୂତକିଙ୍କ୍ ରହତିତଡ଼୍ ।
୪୨ ଅଡ଼୍ ହି ସାରେତଡ଼କ୍ ନିଡ଼୍ତାନାଦ୍ କିସ୍ତାଗ୍ ହେସିତଡ଼୍ । ଆଗେ
ଇ ନାରୁଡ଼୍ କେଇତଡ଼୍ ନୁ ତିପାଲ୍ତେ ଆଗେ ପାଲ୍କ୍ କିଟୁମ୍ କାଟୁମ୍
ମାଡ଼ିତଡ଼୍ ।
୪୩ ଆଦ୍ ସମୟତେ ଦାମର୍ିକ୍ ନାରୁଡ଼୍ ସ୍ୱର୍ଗରାଜ୍ୟତାଗ୍
ପଡ଼ଦ୍ଲେକାମ୍ ୱେଇସ୍ ଆଦ୍ତଡ଼୍ । କେଞ୍ଜାନଙ୍କ୍ ଇଚ୍ଛା ମାଡ଼୍କେ
କେୱୁଇସ୍ କେଞ୍ଜାଟ୍ ।

## ମିଶ୍ତାଦ୍ ଦନ୍ ତେ ୱେଷଡ଼୍

୪୪ "ଅନ୍ ଦିନ୍ ୱେରନ୍ ନାରୁନ୍ ୱାୟେତାଗ୍ ଡେୱ ଡେୱ
ମିଶିମାନ୍ଦାନ୍ ଦନ୍ ଦର୍କ୍ତେ । ଆଦିଙ୍କ୍ ଅଣ୍ଡ ମୁଚିୱାଟ୍ତଣ୍ଡ । ମେଣ୍ଡେ
ୱେଡ଼୍କେତେ ନିଜେଦ୍ ସାରେ ସମ୍ପତି ୱାମି ମିକା ଆଦ୍ ୱାୟେତିଙ୍କ୍
ଆଶ୍ତନ୍ । ସ୍ୱର୍ଗରାଜ୍ୟ ହିଦ୍ ମିଶିତାଦ୍ ଦନ୍ ଲେକାମ୍ ।"

## ମୁକ୍ତାତେ ୱେଷଡ଼୍

୪୫ "ୱେରନ୍ ବେପାରି ସାୟେଦ୍ ମୁକ୍ତାତିଙ୍କ୍ ମେହେକ ମାଡ଼୍ତନ୍ ।
୪୬ ୱେରଡ଼୍ ଗାଟି ମୁଲ୍ୟତାଦ୍ ମୁକ୍ତାତାଦ୍ ସନ୍ଦାନ୍ ଦର୍ସ୍କି ଅଣ୍ଡ
ହୋନାଉ ସାରେ ସମ୍ପତି ୱାମିମିକା ଆଦିଙ୍କ୍ ଆଶ୍ତନ୍ । ସ୍ୱର୍ଗରାଜ୍ୟ
ଆଦ୍ ମୁକ୍ତା ଲେକାମ୍ ।"

## କିକେପହିତାନ୍ ୱାଲେଡ଼୍ ୱେଷଡ଼୍

୪୭ "ସ୍ୱର୍ଗରାଜ୍ୟ ୱେରଡ଼୍ କିକେପହିତାନ୍ ତଲ୍‌କେ ଲେକାମ୍ । କିକେ
ପୟ୍‌ତାନଡ଼୍ ଇଲ୍‌କେତାଗ୍ ୱାଲାୱାଟି ବାଡ୍ ବାଡ୍ କିକେ ପହିଦ୍‌ତଡ଼୍ ।
୪୮ ୱାଲେ ନିଣ୍ଡ୍‌କେ ଆଞ୍ଜିନା ଲାଗିତାସ୍ ଲେକେ ଲେକାମ୍ କିକେ
ହେଞ୍ଜି ଜୁଡ଼ିନାଗ୍ ୱାଟିତଡ଼୍ ନୁ ଅଜାତିଆ କିକେ ହେସ୍‌ସିଦ୍‌ତଡ଼୍ ।
୪୯ ଯୁଗାନ୍ତ ସମୟ୍‌ତେ ହିଦ୍‌ଲେକାମ୍ ଆଦ୍‌ତେ । ଦୂତକି ଦାର୍ମିକ୍
ନାରୁଡ଼ାଗାଙ୍କ୍ ପାପିନଡ଼୍‌କ୍ ୱେରେ ମାଡ଼ି ଅଡ଼୍‌କିଂଙ୍କ୍ ନିଡ଼୍‌ତାନାଦ୍
କିସ୍‌ତାଗ୍ ହେସ୍‌ସିଦ୍‌ତଡ଼୍ ।
୫୦ ଆଗେ ଅଡ଼୍ କେୟାନ୍ ଲେକାମ୍ ଆସ୍ ତିପାଲ୍‌ତେ ପାଲ୍‌କ୍ କିଟୁମ୍
କାଟୁମ୍ ମାଡ଼ିତଡ଼୍ ।"

## ପାଽନ୍‌ତାଦ୍ ନୁ ପୁନାଦ୍ ଶିକ୍ଷା

୫୧ ଜିସୁ ଶିଷ୍ୟନଡ଼୍‌କ୍ ପାତ୍ରାମାଡ଼୍‌ତଣ୍ଡ୍, "ହିଉସାରେ ବିଷୟ ବୁଜେମ୍
ଆଦୁତିଡ଼୍ ?" ଅଡ଼୍ ଉତ୍ତର୍ ହିଡ୍‌ତଡ଼୍, "ହୋ ପ୍ରବୁ ।"
୫୨ ଜିସୁ ଅଡ଼୍‌କ୍ କେଡ଼୍‌ତାନ୍, "ବେଦ୍‌ଲେକାମ୍ ୱେରନ୍ ଲନ୍‌ମାଲିକ୍
ତାନାଦ୍ ବଣ୍ତାର୍ ଲୋନ୍‌ତାଗାଙ୍କ୍ ବାଡ୍‌ତେ ଇଲ୍‌ୱେ ଲେକାମ୍
ପୁନେଲାୱ୍ ନୁ ପାହାନ୍ତାଲାୱ୍ ନିୟ୍ ପେସ୍‌ପିତଣ୍ଡ୍, ସ୍ୱର୍ଗରାଜ୍ୟ ସେଙ୍ଗେ
ତାଲିମ୍ ଆସ୍‌ମାନ୍ଦାନ୍ ୱେରନ୍ ଦର୍ମଗୁରୁ ଟିକ୍ ଆଦେଲେକାମ୍
ମାଡ଼ିତନ୍ ।"

## ଜିସୁ ନାଜରିତିୟ ତାଗ୍ ଉପେକ୍ଷିତ

*(ମାର୍କ ୬:୧-୬; ଲୁକ ୪:୧୬-୩୦)*

୫୩ ହିଉସାରେ ୱେଷଡ଼୍ କେସ୍ ତେଡ଼୍‌ସ୍ତାନ୍ ପେଡ଼୍‌କେ ଜିସୁ ନିଜେ
ମାନ୍ଦାନ୍ ଲୋନ୍ ମାଲ୍‌ସ୍ ଆଡ଼୍‌ତନ୍ ।
୫୪ ଆଗେଡ୍ ପ୍ରାର୍ତନାଲୋନ୍ ଅନ୍ ଶିକ୍ଷା କେଞ୍ଜି ନାରୁଡ଼୍ ବାକ୍‌ୱା ଆସ୍
କେଡ଼୍‌ତଡ଼୍, "ହିସର୍ ବୁଦ୍‌ତେ ଅଣ୍ଡ୍ ବେଗେ ଦଡ଼୍‌ସ୍ଲତନ୍ ? ହିଉସାରେ
ବାକ୍‌ୱା ପାଡ଼୍‌ୟି ମାଡ଼ାନଙ୍କ୍ ଅଂକିଙ୍କ୍ ବେନ ଶକ୍ତି ହିଡ଼୍‌ତନ୍ ?
୫୫ ହିଦ୍ ବାଡେଏ ଅଣ୍ଡ୍ ବଢ଼େଇ ତେ ମାର୍ ଆୟନ୍ ? ମରୀୟମ୍
ବାଡ୍ ତାମ୍ ଯାୟ୍ ଆୟ୍‌ୟ ? ଯାକୁବ୍, ଯୋସେପ୍, ଶିମୋନ୍ ନୁ ଯିହୁଦା
ବାଡେଏ ତାନ୍ ତାମୁଣ୍ଡ୍ ଆୟନ୍ ?
୫୬ ତାନ୍ ଏଲାଡ଼୍ ବାଡେଏ ଇଗେ ଇଲା ? ହିଉସାରେ ଶକ୍ତି ଅଂକିଙ୍କ୍
ବେଗେ ଦଡ଼୍‌କ୍‌ତେ ?"

୫୭ ✡ହିଦ୍ କେସ୍ ଜିସୁଙ୍କ୍ କେପ୍‌ତଡ୍ । ଜିସୁ ଅଡ୍‌କ୍ କେତ୍‌ତାନ୍,
"ୱେରନ୍ ବାବବାଦୀ ନିଜେତ୍ ପରିବାର୍ ନୁ ନାର୍ ୱିଡ୍‌ସି ମେଣ୍ଡେ
ସାରେତାଗ୍ ତନ୍ଦିତନ୍ ।"
୫୮ ଅଡ୍ ଅଂକିଙ୍କ୍ ଅବିଶ୍ୱାସୀ ଆଇନାଙ୍କ୍ ଅଣ୍ଡ୍ ଆଗେ ଅନାହୁ ବାକ୍‌ୱା
ପାଡ୍‌ୟି ମେଣ୍ଡେ ଅଦିକ୍ ମାଡ୍‌ନ୍ ।

# ୧୪

## ବାପ୍ତିଜିକ ଯୋହନ୍ ତେ ଡଲ୍‌ତାଦ୍
## (ମାର୍କ ୬:୧୪-୨୯; ଲୁକ ୯:୭-୯)

୧ ଆଦ୍ ସମୟ୍‌ତେ ଗାଲିଲୀତେ ଶାସକ ହେରଦ୍ ଜିସୁନ୍ ବିଷୟ୍‌ତେ
କେଞ୍ଜ୍‌ତନ୍ ।
୨ ଅଣ୍ଡ୍ ତାନ୍ ଚାକରିଡ୍‌କ୍ କେତ୍‌ତାନ୍, "ହିଣ୍ଡ୍ ନିଜାମ୍ ବାପ୍ତିସ୍ମ
ଯୋହନ୍, ମେଣ୍ଡନ୍‌ଦାମ୍ ଜନମ୍ ଆସ୍ ମାଲ୍‌ସ୍ ୱାତ୍‌ତନ୍ । ଅଦିନ୍
ସେଙ୍ଗେ ଅଂକିଙ୍କ୍ ବାକ୍‌ୱା ପାଡ୍‌ୟି ମାଡ୍‌ନାଙ୍କ୍ ଶକ୍ତି ମିନ୍ଦେ ।"
୩ ✡ଇଦିନ୍ ମୁନେଙ୍କ୍ ହେରଦ୍ ଯୋହନ୍‌ତିଙ୍କ୍ ଗିରାପ୍ ମାଡ୍‌ନ୍ ସେଙ୍ଗେ
କେସ୍‌ମାତ୍‌ତନ୍ ନୁ ଅଂକିଙ୍କ୍ ହିକ୍‌ଲେତଡ୍ ତହସ୍ ତାନାତାଗ୍ ନେହେସ୍
ମାତ୍‌ତନ୍ । ତାନ୍ ତାମୁଣ୍ଡ୍ ପିଲିପ୍ ତେ ମୁତ୍‌ତେ ହେରଦିଆତ୍ ସେଙ୍ଗେ
ଅଣ୍ଡ୍ ହିଦ୍‌ଲେକାମ୍ ମାଡ଼ିମାତ୍‌ତନ୍ ।
୪ ବାପ୍ତିଜିକ ଯୋହନ୍ ଅଂକିଙ୍କ୍ କେସ୍‌ମାତ୍‌ତନ୍, "ହେରଦିଆତିଙ୍କ୍
ପେଣ୍ଡ୍ଲୁ ମାଡ୍‌ତାଦ୍ ନିୟାଦ୍ ଟିକ୍ ନିୟମ୍ ଆୟ୍‌ୟ ।"
୫ ଆଦିନ୍ ସେଙ୍ଗେ ହେରଦ୍ ଯୋହନ୍‌ତିଙ୍କ୍ ହାଉକାନ୍ ସେଙ୍ଗେ ଆଲ୍‌ସି
ମାତ୍‌ତନ୍, ବାତେଙ୍କ୍ ଇତ୍‌କେ ଇହୁଦୀ ନାରୁଡ୍‌କ୍ ଅଣ୍ଡ୍ ୱେର୍‌ସ ମାତ୍‌ତନ୍
। ବାତେଙ୍କ୍ ଇତ୍‌କେ ଅଡ୍ ଯୋହନ୍ ୱେରନ୍ ବାବବାଦୀ ଇଞ୍ଜ୍ ହେର୍କେ
ମାଡ୍‌ମାତ୍‌ତଡ୍ ।
୬ ହେରୋଦ୍‌ତେ ଜନମ୍‌ଦିନେ ହେରୋଦିଆତେ ମାୟାଡ୍ ଅତିତିଡ୍
ମୁନେ ଏକ୍‌ସନ୍ ମାଡ଼ିମାତ୍‌ତେ ।
୭ ଆଦିନ୍ ପର୍‌ର ପ୍ରୀତ ଆସ୍ ହେରୋଦ୍ ପ୍ରତିଜ୍ଞା ମାଡ଼ି କେତ୍‌ତାନ୍,
"ନାନ୍ ଶପତ୍ ମାଡ଼ିକେତୁତାନ୍, ନିମ୍ ବାତ୍ ତାଲ୍‌କିତିନ୍, ନାନେନିକ୍
ଇଦ୍‌ତାନ୍ ।"

✡ **୧୩:୫୭** ଯୋହନ୍ ୪:୪୪. ✡ **୧୪:୩** ଲୁକ ୩:୧୯,୨୦.

୮ ତାନ୍ ୟାୟାନ୍ ମନ୍ତ୍ରନା ଲେକାମ୍ ପିକିଡ଼୍ କେଡ଼୍ତେ, “ବାପ୍ତିଜିକ ଯୋହନ୍ ତେ ତାଲ୍ଲେ ହିଞ୍ଜେ ୱେରଡ଼୍ ତାଲିତାଗ୍ ୱାଟି ନାକିଂଙ୍କ୍ ଇମୁଟ୍ ।”
୯ ଆଦେକେଞ୍ଜି ରାଜାଲ୍ ଦୁଃକାମ୍ ଆଡ଼୍ତନ୍ । ବାତେଙ୍କ୍ ଇଡ଼୍କେ ସାରେତଡ଼୍ ମୁନେ ପ୍ରତିଜ୍ଞା ମାଡ଼ିମାନ୍ନାଙ୍କ୍ ପିକ୍ତେ ଗଟ୍ ସାରେ ମାଡ଼ାନ୍ ସେଙ୍ଗେ ଗଟ୍ ହିଡ଼୍ତେ ।
୧୦ ଆଦିଙ୍କ୍ ତାନାତାଗ୍ ଯୋହନ୍ ତେ ତାଲେତିଙ୍କ୍ କୟିତଡ଼୍ ନୁ
୧୧ ତାଲିତାଗ୍ ଅନ୍ ତାଲ୍ଲେ ୱାଟି ଆଦ୍ ପିକ୍ତିଙ୍କ୍ ଇଡ଼୍ତଡ଼୍ । ଆଦ୍ ଆସ୍ ତାନ୍ ୟାୟାଙ୍କ୍ ଇଡ଼୍ତେ ।
୧୨ ତାନ୍ ପେର୍କେ ଯୋହନ୍‌ତେ ଶିଷ୍ୟନଡ଼୍ ୱାସ୍ କବର୍ ହିଦାଙ୍କ୍ ଅନାଦ୍ ଡଲ୍‌ତେ ମେନ୍ଦୁଲ୍‌ତିଙ୍କ୍ ଆଡ଼୍ତଡ଼୍ । ଅଡ଼୍ ଆଞ୍ଜ୍ ଜିସୁଙ୍କ୍ ଇଦୁଃକାମ୍ କାବୁର୍ କେଡ଼୍ତଡ଼୍ ।

## ଜିସୁ ଏଇଙ୍ଗ୍‌ହଜାର୍ ନାରୁଡ଼୍‌କ୍ ତିନ୍ଦାଙ୍କ୍ ହିଡ଼୍ତନ୍
### *(ମାର୍କ ୬:୩୦-୪୪; ଲୁକ ୯:୧୦-୧୭; ଯୋହନ୍ ୬:୧-୧୪)*

୧୩ ଯୋହନ୍‌ତେ କବର୍ କେଞ୍ଜ୍‌ତେ ୱେଲେ ଓଡତାରି ୱେରଡ଼୍ ସିମ୍‌ସାମ୍ ପଡ଼ିୟେତାଗ୍ ଆଡ଼୍ତନ୍ । ଜିସୁ ଆଗେ ଆଦାନାଦ୍ ପୁଞ୍ଜ୍‌ମିକା ଗାର୍‌ରେମାନ୍ଦାନ୍ ସହର୍‌ନାଗାଙ୍କ୍ ନାର୍‌ଗେ ନାରୁଡ଼୍ ଆଞ୍ଜ୍ ଆଞ୍ଜ୍ ଆଞ୍ଜ୍ ଜିସୁନ୍ ପେର୍କେ ଆଦ୍‌ତଡ଼୍ ।
୧୪ ଜିସୁ ବେସୁଙ୍କ୍ ଓଡ଼୍ତାଗାଙ୍କ୍ ଡିଗ୍‌ତନ୍ ହିଦ୍ ବେଡ଼ିୟାଦ୍ ମାନ୍ଦେ ଉଡ଼୍ତନ୍, ଅନ୍ ହୃଦୟ ଦୟାତେ ବିଗଲିତ ଆଡ଼୍ତେ । ନାର୍‌ଗେ ରୋଗିଡ଼୍‌କ୍ ଅଣ୍ଡ୍ ସୁସ୍ଥ ମାଡ଼୍ତଣ୍ଡ୍ ।
୧୫ ଆଦ୍ ଦିନ୍ ମୁଲ୍‌ପୁଟ୍ ଶିଷ୍ୟନଡ଼୍ ୱାସ୍ କେଡ଼୍ତଡ଼୍, “ଗାଟି ଡେରିଆଦୁଡ଼୍, ମେଣ୍ଡେ ହିଦ୍ ପଡ଼ିୟେ ନିଚାଟିଆ, ନାରୁଡ଼୍‌କ୍ ଆଡ଼୍ତାଙ୍କ୍ କେଲେମ୍ । ଅଡ଼୍ ନାକିନାଗ୍ ଆଞ୍ଜ୍ କାଦି ଜାଗାଡ଼୍ ମାଡ଼ିତଡ଼୍ ।”
୧୬ ଜିସୁ ଅଡ଼୍‌କ୍ କେଡ଼୍ତନ୍, “ଅଡ଼୍ ହିଗାଙ୍କ୍ ଆଦାନ୍ ଦର୍‌କାଡ଼୍ ଆୟ୍ୟ । ମିଡ଼୍ ଅଡ଼୍‌କ୍ ବାଡ଼୍ ସୁଦୁଟ୍ ତିନ୍ଦାଙ୍କ୍ ହିମୁଟ୍ ।”
୧୭ ଶିଷ୍ୟନଡ଼୍ ଉତ୍ତର୍ କେଡ଼୍ତଡ଼୍, “ହିଗେ ମାହାପାକେ ମାତର୍ ହେଇଙ୍କ୍ ରୁଟି ନୁ ରେଣ୍ଡ୍ କିକେ ମିନ୍ଦେ ।”
୧୮ ଜିସୁ କେଡ଼୍ତାନ୍, “ଆସ୍‌କ୍ ନା ପାକେ ତାଡ଼ାଟ୍ ।”

୧୯ ନାରୁଡ଼କ୍ ଗାଡ଼୍ ପର୍ରର କୁଦାଙ୍କ୍ କେସ୍ ଜିସୁ ଆଉ ହେଇଙ୍କ୍ ରୂଟି
ନୁ ରେଣ୍ତେ କିକେଙ୍କ୍ ଆଡ୍ତନ୍ ନୁ ସ୍ୱର୍ଗଡ୍ ପାକେ ଉଡ଼ି ଇଶ୍ୱର୍ଡିଙ୍କ୍
ଦନ୍ୟବାଦ୍ ହିଡ୍ତନ୍ । ମେଣ୍ତେ ଆଉ ରୂଟିଙ୍କ୍ ଦୁଡ଼ା ଦୁଡ଼ା ମାଡ଼ି ଶିଷ୍ୟଡ଼୍
କାଇଦାଗ୍ ହିଡ୍ତନ୍ । ଶିଷ୍ୟଡ଼୍ ଆଉହାସ୍ ନାରୁଡ଼କିଂଙ୍କ୍ ତୁଉସିଡ୍ତଡ଼୍ ।
୨୦ ସାରେତଡ଼୍ ତିଞ୍ଜ୍ ପଟ୍ ନିଇଡ୍ତଡ଼୍ । ତାନ୍ ପେର୍କେ ଶିଷ୍ୟଡ଼୍
ମିଗ୍ଲୀମାନ୍ଦାନ୍ ରୂଟି ନୁ କିକେ ଦୁଡ଼ାକିଂଙ୍କ୍ ପେହେକି ୱାଟ୍ଟାନ୍ ଜୁଡ଼ିନାଗ୍
ନିହିତଡ଼୍ ।
୨୧ ନାଟାଙ୍କ୍ ନୁ ପିଲାଙ୍କ୍ ୱିଡ଼ସି ଏଇଙ୍କ୍ ହଜାର୍ ନାରୁଡ଼୍ ଆଦ୍ କାଦି
ତିଡ୍ତଡ଼୍ ।

## ଜିସୁ ଏର୍ଦେ ପର୍ରର ତାକ୍ତନ୍

*(ମାର୍କ ୬:୪୫-୫୨; ଯୋହନ୍ ୬:୧୫-୨୧)*

୨୨ ତାନ୍ ପେର୍କେ ଜିସୁ ଶିଷ୍ୟଡ଼କିଂଙ୍କ୍ ଓଡେତେ ସମୁଦ୍ର ଆପାକେ
ଆଡ୍ତାଙ୍କ୍ କେଡ୍ତାନ୍ । ମେଣ୍ତେ ଅଣ୍ତ୍ ନିଜେ ପେର୍କେ ମାଞ୍ଜ୍ ନାରୁଡ଼କ୍
ଆଡ୍ତାଙ୍କ୍ କେଡ୍ତଣ୍ତ୍ ।
୨୩ ଅଣ୍ତ୍ ୱେରନ୍ ପ୍ରାର୍ଥନା ମାଡ଼ାନ୍ସେଙ୍ଗେ ମେଟେଡ୍ ପର୍ରର
ଆଡ୍ତନ୍ ।
୨୪ ମୁଲ୍ପୁଟ୍ ଆଦାନ୍ ୱେଲେ ଜିସୁ ଆଗେ ୱେରଣ୍ତ୍ ମାଡ୍ତନ୍ । ଆଦ୍
ଦିନାମ୍ ତେ ଜିସୁ ଉଡ଼୍ତନ୍ ଯେ ଅଡ଼୍ ବୁମ୍ତାଗାଙ୍କ୍ ପିନା ଜେକାଆଞ୍ଜ୍
ମାଡ୍ତେ ନୁ ଗାଟି ଗାଲ୍ ୱାସମାନାଙ୍କ୍ ଗାଙ୍କୁଡ଼୍ତେ ଓଡ୍ ଉଙ୍ଗମାଡ୍ତେ
।
୨୫ ନାର୍କେଡ୍ ୱିୟଦାନ୍ ୱେଲେ ଜିସୁ ହେର୍ଦେ ପର୍ରର ତାଆକି
ଶିଷ୍ୟଡ଼୍ ଗାର୍ରେ ୱାଡ୍ତନ୍ ।
୨୬ ଶିଷ୍ୟ ଅଂକିଙ୍କ୍ ଉଡ଼ି ୱେର୍ସ୍ ମାଡ୍ତଡ଼୍, "ବୁତ୍ ବୁତ୍" ଇଞ୍ଜ
ମର୍ପହିଡ୍ତଡ଼୍ ।
୨୭ ସାଙ୍ଗେ ସାଙ୍ଗେ ଜିସୁ ଅଡ଼କିଂଙ୍କ୍ ସାହାସ୍ ଇସ୍ କେଡ୍ତାନ୍, "ନାନ୍
ବାନେ ! ୱେର୍ମାଟ୍ ।"
୨୮ ଆଦ୍ କେଞ୍ଜି ପିତର୍ କେଡ୍ତାନ୍, "ପ୍ରବୁ, ଯଦି ନିମ୍ ସତ୍ ଆସ୍
ମାନ୍ତିଡ଼୍, ହେର୍ଦେ ପର୍ରର ତାଆକି ନିୟ୍ ଗାର୍ରେ ଆଦାନଙ୍କ୍ ଗଟ୍
ହିମ୍ ।"

୨୯ ଜିସୁ କେଟ୍‌ତାନ୍, “ତାଆକି ୱାଡ଼ା ।” ପିତର୍ ଓଡେତାଗଙ୍ଗା ଡିଗି
ଜିସୁନ୍ ପାକେ ଏର୍‌ଦେ ପର୍‌ର ତାକାନଙ୍କ୍ ପସ୍ସ୍‌ତନ୍ ।
୩୦ ବାତେଙ୍କ୍ ଇଡ୍‌କେ ଗାଲ୍‌ପିନା ୱାଦାନାଦ୍ ଉଡ଼ି ୱେର୍‌ତନ୍
ନୁ ହେର୍‌ଦାଗ୍ ମୁଡ଼ନ୍ଦାନଙ୍କ୍ ପସ୍ସ୍‌ତନ୍ । ଆସୁଙ୍କ୍ ଅଣ୍ଡ୍ ମର୍‌ରେତେ
କାର୍‌ଙ୍ଗ୍‌ତନ୍, “ପ୍ରବୁ ନାକିଂଙ୍କ୍ ରକ୍ଷା ମାଡ଼େ ।”
୩୧ ହଟାଡ୍ ଜିସୁ କାୟ୍ ଆସ୍ ପିତର୍‌ତିଙ୍କ୍ ପଇସ୍ କେଟ୍‌ତାନ୍,
“ବେସଡ୍ ବିଶ୍ୱାସ୍ ଇଲ୍‌ୱେନନୀ ନିମ୍ ! ଏର୍କା ମାଡ଼୍‌ତିନ୍ ବାଡ୍‌ତିଙ୍କ୍ ?”
୩୨ ଅଡ଼୍ ଇର୍‌ୱୁଡ଼୍‌କ୍ ଓଡେଡ୍ ପର୍‌ର ତାର୍‌ତଡ଼୍ ନୁ ଆସୁଟେ ସାଙ୍ଗେ
ସାଙ୍ଗେ ଗାଲ୍ ମାଦ୍‌ତେ ।
୩୩ ଶିଷ୍ୟଡ଼୍ ଜିସୁଙ୍କ୍ ଆରାଦାନା ମାଡ଼ି କେଟ୍‌ତଡ଼୍ “ନିମ୍ ନିଜାମ୍
ଇଶ୍ୱର୍‌ତେ ମାର୍ ।”

## ଗିନେସର୍‌ତାଗ୍ ଜିସୁ ରୋଗିଡ଼୍‌କିଙ୍କ୍ ସୁସ୍ଥ ମାଡ଼୍‌ତଣ୍ଡ୍

*(ମାର୍କ ୬:୫୩-୫୬)*

୩୪ ଅଡ଼୍ ସମୁଦ୍ରତିଙ୍କ୍ ୱେଇସ୍ ଗିନେସର୍ ବୁମ୍‌ତାଗା ହେଙ୍‌ତଡ଼୍ ।
୩୫ ଆଗେ ନାରୁଡ଼୍ ଜିସୁଙ୍କ୍ ପୁଞ୍ଜ୍‌ମେଣ୍ଡେ ଗାର୍ରେ ନାର୍‌ଦେ ମାନ୍ଦାନ୍
ରୋଗିଡ଼୍‌କିଙ୍କ୍ ଜିସୁନ୍ ଗାର୍‌ରେ କାର୍‌ଙ୍ଗି ତାଡ୍‌ତଡ଼୍ ।
୩୬ ପିଡ଼ିଡ୍ ନାରୁଡ଼୍‌କିଂଙ୍କ୍ ସୁଦୁଟ୍ ଅନାଦ୍ ସିଲେଡ୍ କଙ୍ଗିଙ୍କ୍ ଇଟାନଙ୍କ୍
ଗଟ୍ ହିୱୀଣ୍ଡ୍ ଇଞ୍ଜ, ଅଡ଼୍ ଜିସୁଙ୍କ୍ ଅନୁରଦ୍ ମାଡ଼୍‌ତଡ଼୍ । ବେନଡ଼୍ ଆଦ୍
ମାଡ଼୍‌ତଡ଼୍, ଅଡ଼୍ ସୁସ୍ଥ ଆଦ୍‌ତଡ଼୍ ।

# ୧୫

## ମୁନେଡ୍ ନାରୁଡ଼ାଦ୍ ଶିକ୍ଷା

*(ମାର୍କ ୭:୧-୧୩)*

୧ ଆଦ୍ ସମୟ୍‌ତେ ଯିରୁଶାଲେମ୍ ତାଗାଙ୍କ୍ ପାରୂଶୀଡ଼୍ ନୁ ଶାସ୍ତ୍ରିନଡ଼୍
ଜିସୁନ୍ ପାକେ ୱାସ୍ କେଟ୍‌ତଡ଼୍,
୨ “ମାମ୍‌ମେ ମୁନେଡ୍‌ନାରୁମ୍ ବେନ୍‌ସାରେ ଶିକ୍ଷା ଇସ୍ ଆଡ୍‌ତମ୍, ନି
ଶିଷ୍ୟନଡ଼୍ ବାଡ୍‌ତିଙ୍କ୍ ପାଲନ୍ ମାଡ଼ଡ଼ ? ତିନ୍ଦାନ୍ ମୁନେଙ୍କ୍ ଅଡ଼୍ ବାଡ୍‌ତିଙ୍କ୍
କାୟ୍ ନର୍‌ୱଡ଼୍ ।”
୩ ଜିସୁ ଅଡ଼୍‌କିଂଙ୍କ୍ ଉତ୍ତର୍ ଇଡ୍‌ତନ୍, “ମିଡ଼୍ ଆନ୍‌ତେ ମିଇ ଇଶ୍ୱର୍‌ତେ
ପାଡ଼୍‌ୟି ପାଲନ୍ ମାଡ଼କଟ୍ ନିଜେଡ୍ ଶିକ୍ଷା ଲେକାମ୍ ପାଡ଼୍‌ୟି ମାଡ଼ୁଡ଼ିଡ଼୍
?”

୪ ଇଶ୍ୱର୍ କେଡ୍‌ତନ୍, “ୟାୟ୍ ବାବାଙ୍କ୍ ସନ୍‌ମାନ୍ ମାଡ଼ାଟ୍,” ମେଣ୍ତ୍ରେ
ବେନଆଇ ବାବାଙ୍କ୍ କି ୟାୟାଙ୍କ୍ ଅବିଶାପ୍ ଇଦ୍‌ତନ୍, ଅଣ୍ତ୍ ନିଜାମ୍
ଡଲାନ୍ଦଣ୍ତ୍ ତିପାଲ୍‌ଆଦାଙ୍କ୍ ।
୫ “ବାତେଙ୍କ୍ ଇଡ୍‌କେ ମିଡ୍ ଶିକ୍ଷା ଇଦୁତିଡ୍ ବେନ୍ ୱେରନ୍ ନାରୁଙ୍କ୍
ବେନ୍ ସେଙ୍ଗେଡ୍ ମାଇଦିଙ୍କ୍ ନିଜେଡ୍ ୟାୟ୍ ବାବାଙ୍କ୍ ସାହାଯ୍ୟ ମାଡ଼ାଙ୍କ୍
ପାର୍‌ୱେଣ୍ତ୍, ଅନ୍ ଇଶ୍ୱର୍‌ତିଙ୍କ୍ ଦାନ ମାଡ଼ିତନ୍ ଇଞ୍ଜ କେଡ୍‌ତାନ୍,
୬ ଅଣ୍ତ୍ ମେଣ୍ତ୍ରେ ତାନ୍ ୟାୟ୍ ବାବାଙ୍କ୍ ଉଡ଼ାନଙ୍କ୍ ଅନାଦ୍ ଆଶେ
ଇଲ୍‌ଲେ । ମିଡ୍ ଆଦ୍‌ଲେକାମ୍ ଇଶ୍ୱର୍‌ତେ ଗଟି କେଞ୍ଜକଟ୍ ନିଜେଡ୍
ଶିକ୍ଷା ଲେକାମ୍ ଆଦ୍‌ତିଡ୍ ।
୭ ରେ ଦୁଷ୍ଟଡ଼ି, ୟିଶାଇୟ ମିଇ ବିଷୟ୍‌ତେ ସାୟେଡ୍ ବାବବାନି
କେସ୍‌ମିନ୍ଦେନ୍,

୮ ଇଶ୍ୱର୍ କେତିଡ୍, ଇ ନାରୁଡ୍ ମାତର୍ ଗଟ୍‌ତେ ନାକିଂଙ୍କ୍ ସନ୍‌ମାନ୍ ଇଦ୍‌ତଡ୍,
ବାତେଙ୍କ୍ ଇଡ୍‌କେ ଅଡ୍ ହୃଦୟ୍ ନାୟାଗାଙ୍କ୍ ନାର୍‌ଗେ ଦୁରାମ୍ ।

୯ ନାକିଂଙ୍କ୍ ଅଡ୍ ଆରାଦାନା ମାଡ଼ାଙ୍କ୍ ଦର୍‌କାର୍ ଇଲେ,
ବାତେଙ୍କ୍ ଇଡ୍‌କେ ଅଡ୍ ମାନେଇ ମାଡ୍‌ତାଦ୍ ନିୟମ୍‌ତିଙ୍କ୍ ନାୟାଦ୍ ଗଟ୍ ଇଞ୍ଜ କେଡୁତଡ୍ ।”

## ନାରୁଡ଼୍‌କ୍ ଅପବିତ୍ର ମାଡ଼ାନ୍ ବିଷୟ
## (ମାର୍କ ୭:୧୪-୨୩)

୧୦ ତାନ୍‌ପେର୍କେ ଜିସୁ ନାରୁଡ଼୍‌କିଂଙ୍କ୍ ଗାର୍‌ରେ କାର୍‌ଙ୍ଗି ଅଡ଼୍‌କିଂଙ୍କ୍
କେଡ୍‌ତାନ୍, “କେଞ୍ଜାଟ୍ ନୁ ବୁଜେମ୍‌ଆଦାଙ୍କ୍ ଆଲ୍‌ସି ମାଡ଼ାଟ୍ ।
୧୧ ନାରୁନ୍ ପାୟୁର୍ ତାଲାନ୍ ବାତେଏ ଆଦ୍‌ତେ ଆଦ୍ ଲୋପେ
ଆଦ୍‌ତେ, ଆଦ୍ ଅଂକିଙ୍କ୍ ଅପବିତ୍ର ମାଡ୍; ମେଣ୍ତ୍ରେ ବାତେଏ ଅନ୍
ପାୟୁର୍‌ତାଲାନ୍ ପେଇତିଡ୍, ଆଦ୍ ଅଂକିଙ୍କ୍ ଅପବିତ୍ର ମାଡ଼ିଡ୍ ।”
୧୨ ଆସୁଙ୍କ୍ ଶିଷ୍ୟନଡ୍ ଅନ୍ ଗାର୍‌ରେ ଆଞ୍ଜ୍ କେଡ୍‌ତଡ୍, “ପାରୂଶୀଡ୍
ଆଦ୍ ଗଟ୍ କେଞ୍ଜି ବିରକ୍ତ ଆସ୍ ମିନ୍ଦେ, ନିମେବାତେ ଇଦ୍ ପୁଡ୍‌ତିନ୍ ?”
୧୩ ବାତେଙ୍କ୍ ଇଡ୍‌କେ ଜିସୁ ଉତ୍ତର୍ କେଡ୍‌ତାନ୍, “ନା ସ୍ୱର୍ଗ ବାବାଲ୍
ବେନ୍ ସାରେ ମାଡ଼ାକ୍ ଉର୍‌ସ୍କନ୍, ହାଉସାରେ ଗାଜ୍‌ଜେ ଆଦ୍‌ତା ।”

୧୪ ✡"ଅଡ୍ ବିଷୟ୍‌ତେ ଦାନ୍ଦେ ଆୟ୍‌ମାଟ୍ । ଅଡ୍ କାନାଙ୍କ୍ ଆର୍
ତତାନଣ୍ଡ୍ । ୱେରଣ୍ଡ୍ କାନାଲ୍ ମେଣ୍ଡେ ୱେରଣ୍ଡ୍ କାନାଙ୍କ୍ ଆର୍ ତତ୍‌କେ
ଇର୍‌ୱୁଡ୍ ଆସ୍‌ସ ଗୁଇନ୍ଦେତାଗ୍ ରାଲିତଡ୍ ।"
୧୫ ଆଗାଙ୍କ୍ ପିତର୍ ଅଂକିଙ୍କ୍ କେତ୍‌ତାନ୍, "ଆଦ୍ ଗଟ୍ ମାକିଂଙ୍କ୍ ବୁଜା
ମାଡ଼ିମ୍ ।"
୧୬ ଜିସୁ କେତ୍‌ତାନ୍, "ମିଡ୍ ଆନ୍‌ନ୍ତେ ବାଡ୍ ଇଞ୍ଜେ କଞ୍ଜ୍ ବୁଜେମ୍
ଆୟ୍‌ୱିନ୍ ।
୧୭ ବାଡ୍‌ଆଇ ପାୟୁର୍ ତାଲାନ୍ ନେଙ୍କ୍‌ତେ, ଆଦ୍ ଲୋପେ ଆଞ୍ଜ୍
ମେଣ୍ଡେ ମେନ୍ଦୁଲ୍ ତାଲାନ୍ ପେଇସ୍ ଆଦ୍‌ତେ । ଇଦ୍ ବାତେଏ ବୁଜେମ୍
ଆୟ୍‌ୱିଡ୍ ?
୧୮ ✡ବାତେଙ୍କ୍ ଇଡ୍‌କେ ପାୟୁର୍‌ତାଲାନ୍ ବାତେଏ ପେୟ୍‌ତିତ୍, ଆଦ୍
ହୃଦୟ୍‌ତାଗାଙ୍କ୍ ପେୟ୍‌ତିତ୍ ନୁ ଆଦ୍ ଇ ନାରୁଙ୍କ୍ ଅପବିତ୍ର ମାଡ଼ିତେ ।
୧୯ ବାତେଙ୍କ୍ ଇଡ୍‌କେ ହୃଦୟ୍‌ତାଗ୍ କାରାପ୍ ଚିନ୍ତେ, ଆୱୁକାନାଦ୍,
ବ୍ୟାବିଚାର୍, ଲାଞ୍ଜେକାମ୍, ଚୋର୍ଯ୍ୟ, ମିଚ୍ କେତାନାଦ୍ ନୁ ନିନ୍ଦ୍
ପେଇତିତ୍;
୨୦ ଇୱୁ ସାରେ ପାଡ଼୍‌ୟି ନାରୁଙ୍କ୍ ଅପବିତ୍ର ମାଡ଼ିତ୍ । ବାତେଙ୍କ୍
ଇଡ୍‌କେ ଅଡ୍ କେତ୍‌ତାନ୍ ଲେକାମ୍ କାୟ୍ ନର୍‌ୱକଟ୍ ତିତ୍‌କେ ବେନ
ଅପବିତ୍ର ଆୟନ୍ ।"

## ୱେରଡ୍ ନାଟାଡ଼୍‌ତେ ବିଶ୍ୱାସ୍
## (ମାର୍କ ୭:୨୪-୩୦)

୨୧ ଜିସୁ ଆଦ୍ ପଡ଼ିୟେ ୱିଡ଼୍‌ସି ସୋର୍ ନୁ ସୀଦନ୍ ନାର୍ ଆତ୍‌ତନ୍ ।
୨୨ ଆଗେ ମାନ୍ଦାନ୍ ୱେର୍‌ଡ୍ କିନାନିୟ ନାଟାଡ଼୍ ୱାସ୍ ଗାଟିଲେଙ୍କ୍
ଦେ କେତାଙ୍କ୍ ପସ୍ସ୍‌ତେ, "ହୋ ପ୍ରବୁ, ଦାଉଦ୍‌ତେ ମାର୍, ନାକିଂଙ୍କ୍
ଦୟାମାଡ଼େ, ନା ପିକ୍‌ତିଙ୍କ୍ ବୟଙ୍କାର୍ ବୁତ୍ ପଇତେ ।"
୨୩ ବାତେଙ୍କ୍ ଇଡ୍‌କେ ଜିସୁ ଆଦିଙ୍କ୍ ଅଣ୍ଡ୍ ପଦ୍‌ମିକା ଉତ୍ତର୍ ହିୱଣ୍ଡ୍
। ଶିଷ୍ୟନଡ୍ ଅନ୍ ଗାର୍‌ରେ ୱାସ୍ ଅନୁରଦ୍ ମାଡ଼୍‌ତଡ୍, "ଆଦିଙ୍କ୍ ଯାପେ
ଆତ୍‌ତାଙ୍କ୍ କେଲ୍‌ମୁଟ୍ । ଉଡ଼ାଟ୍ ଆଦ୍ ବେଦ୍‌ଲେକାମ୍ ମର୍‌ପଇସ୍ ମାନ୍
ପେର୍କେ ୱାଦୁତ୍ ।"

---

✡ **୧୫:୧୪** ଲୁକ ୬:୩୯. ✡ **୧୫:୧୮** ମାତିଉ ୧୨:୩୪.

୨୪ ବାତେଙ୍କ୍ ଇଡ଼କେ ଜିସୁ ଉତ୍ତର୍ ହିତ୍ତନ୍, ନାନ୍ନେ ଇସ୍ରାଏଲ୍
ବଂଶତେ "ମାହିମାନ୍ଦାନ୍ ମେଣ୍ଢାନ୍ ସେଙ୍ଗେ ମେଣ୍ଢେ ବେନ ପାକେ
ୱାଡ଼ନେ ।"
୨୫ ବାତେଙ୍କ୍ ଇଡ଼କେ ଆଦ୍ ନାଟାଡ଼୍ ୱାସ୍ ଅଂକିଙ୍କ୍ ମଡ଼କ୍ କି
କେତାଙ୍କ୍ ପସ୍ପତେ, "ହୋ ପ୍ରବୁ, ନାକିଂଙ୍କ୍ ସାହାଯ୍ୟ ମାଡ଼େ ।"
୨୬ ମାତର୍ ଜିସୁ କେତ୍ତାନ୍, "ପିଲାନ୍ ଚାକୁର୍ ଅସ୍ ନେୟକିନାଗ୍
ୱାଟାନାଦ୍ ଆୟୟ ।"
୨୭ ନାଟାଡ଼୍ କେତ୍ତେ, "ଆଦ୍ ସତ୍ ପ୍ରବୁ, ବାତେଙ୍କ୍ ଇଡ଼କେ ନେୟକ୍
ମିକା ମେଜଡ଼ମଦଲ୍ ମୁନିବର୍ ହେଙ୍ଗୁଲ୍ ତିନ୍ଦାଙ୍କ୍ ଦର୍କିଡ୍ ।"
୨୮ ଆଗାଙ୍କ୍ ଅଣ୍ଡ୍ ଆଦିଙ୍କ୍ କେତ୍ତାନ୍, "ହୋ ନାଟାତନି, ନିୟାଦ୍
ବେଡ଼ିଇ ବିଶ୍ୱାସ୍," ନି ଇଚ୍ଛାତେ ନି ଲେକାମ୍ ଆୟି । ଆଦ୍ ଦଣ୍ଡତାଗାଙ୍କ୍
ତାନ୍ ମାୟାଡ଼୍ ସୁସ୍ଥ ଆତ୍ତେ ।

## ଜିସୁ ନାର୍ଗେ ନାରୁଡ଼କ୍ ସୁସ୍ଥ ମାଡ଼୍ତଣ୍ଡ୍

୨୯ ଆଗାଙ୍କ୍ ପେଇସ୍ ଜିସୁ ଗାଲିଲୀ ସମୁଦ୍ର ଆଞ୍ଚ୍ ଆଞ୍ଚ୍ ଆଞ୍ଚ୍ ୱେରଡ଼୍
ମେଟେଡ୍ ପର୍ର କୁଦ୍ତନ୍ ।
୩୦ ନାର୍ଗେ ନାରୁଡ଼୍ ଅନ୍ଗାରେ ୱାସ୍ ନିତ୍ତଡ଼୍ । ଅଡ଼୍ କୁଟାଲଡ଼୍,
କାନାଲଡ଼କ୍, କନ୍ଦାଲଡ଼୍, ନୁ ବାଡ୍ ବାତା ନାର୍ଗେ ରୋଗିଡ଼କ୍ ଅନ୍
ମୁନେ ନିଲ୍ସିତ୍ ତଡ଼୍ ନୁ ଅଡ଼କିଂଙ୍କ୍ ଅନ୍ ଡେକାନ୍ ମୋଦଲ୍ ୱାଟିଡ୍ତଡ଼୍,
ମେଣ୍ଢେ ଅଣ୍ଡ୍ ଅଡ଼କିଂଙ୍କ୍ ସୁସ୍ଥ ମାଡ଼୍ତଣ୍ଡ୍ ।
୩୧ ଆଦେଲେକାମ୍ କନ୍ଦାଲଡ଼୍ ଗଟି କେତ୍ତଡ଼୍, କୁଟାଲଡ଼୍ ତାକୁତଡ଼୍,
ନୁ କାନାଲଡ଼୍, ଉଡ଼ତୁଡ଼୍, ଇସ୍ରାଏଲ୍ତେ ଇଶ୍ୱର୍ତିଙ୍କ୍ ପ୍ରସଂଶା କିର୍ତ୍ତନ୍
ମାଡ଼୍ତଡ଼୍ ।

## ଜିସୁ ନାଲୁ ହଜାର୍ ନାରୁଡ଼କ୍ ତିର୍ୟିତଣ୍ଡ୍ (ମାର୍କ ୮:୧-୧୦)

୩୨ ଜିସୁ ଶିଷ୍ୟନଡ଼କ୍ କାର୍ଙ୍ଗି କେତ୍ତାନ୍, "ଇ ନାରୁଡ଼୍ ସେଙ୍ଗେ
ନାକିଂଙ୍କ୍ ଦୁଃକାମ୍ ପଇତେ, ବାତେଙ୍କ୍ ଇଡ଼କେ ହି ନାରୁଡ଼୍ ନା ତଡ଼୍ ମୁଣ୍ଡ୍
ଦିନା ମିନ୍ଦେ ନୁ ଇଞ୍ଜେ ଅଡ଼ାଗ୍ ବାତେଇଲେ । ଅଡ଼୍ ତିନକଟ୍ ଆନ୍ମାକି,
ଇ ଗଟ୍ କେତୁତାନ୍; ବାତେଙ୍କ୍ ଇଡ଼କେ ଆଦାନ୍ ୱେଲେ ଆର୍ଦାଗ୍
ଆଇଦ୍ ତଡ଼୍ ।"

[33] ଶିଷ୍ୟନଡ଼୍ ଅଂକିଙ୍କ୍ କେଡ଼୍ତଡ଼୍, ଇସର୍ ନାରୁଡ଼୍କ୍ ପଟ୍ ନିଇତାଙ୍କ୍
ମାନାଡ଼୍ “ଇ ଉଚ୍କ ଲେକେଦାଗ୍ ଆସର୍ କାଦି ବେଗେ ଦର୍କିତ୍ ?”
[34] ଜିସୁ କେଡ଼୍ତନ୍, “ମିୟାଗ୍ ବେସ୍କ୍ ରୂଟି ମିନ୍ଦେ ?” ଅଡ଼୍
କେଡ଼୍ତଡ଼୍, “ସାଡ଼୍ଟାନ୍ ରୋଟି ନୁ ସୁକୁକ୍ ସୁଦୁ କିକେ ।”
[35] ଆଗାଙ୍କ୍ ଅଣ୍ଡ୍ ନାରୁଡ଼୍କିଂଙ୍କ୍ ନେଲ୍ କୁଦାଙ୍କ୍ କେଡ଼୍ତାନ୍,
[36] ମେଣ୍ଡେ ଅଣ୍ଡ୍ ଆଉ ସାଡ଼୍ଟାନ୍ ରୂଟି ନୁ କିକେଙ୍କ୍ ଅସ୍ ଦନ୍ୟବାଦ୍
ଇସ୍ ଆଉସାରେ ଶିଷ୍ୟଡ଼୍କ୍ ଇଡ଼୍ତନ୍, ଅଡ଼୍ ନାରୁଡ଼୍କିଂଙ୍କ୍ ଇଡ଼୍ତଡ଼୍ ।
[37] ମେଣ୍ଡେ, ସାରେତଡ଼୍ ତିଞ୍ଜ୍ ପଟ୍ନିତଡ଼୍ ନୁ ଉର୍ଙ୍ଗ୍ତେ ରୂଟି
ନାଗାଙ୍କ୍ ବେସ୍କ୍ ମିଗିଲ୍ ତାଉ, ଆଉ ଅଡ଼୍ ପେହେକି ସାଡ଼୍ଟାନ୍
ଜୁଡ଼ିନାଗ୍ ନିହିତଡ଼୍ ।
[38] ତିଡ଼୍ତେ ନାରୁଡ଼୍, ନାଟାଙ୍କ୍ ନୁ ପିଲାଙ୍କ୍ ୱିଡ଼୍ସି ନାଲୁ ହଜାର୍ ନାରୁଡ଼୍
ମାଡ଼୍ତଡ଼୍ ।
[39] ତାନ୍ ପେର୍କେ ଜିସୁ ନାରୁଡ଼୍କ୍ ଆଡ଼୍ତାଙ୍କ୍ କେସ୍ ଓଡ଼େତାରି
ମଗଦାଲାନ୍ ନାର୍ ଆଦ୍ତଡ଼୍ ।

# ୧୬

## ବାକ୍ୱା ପାଡ଼୍ୟି ପ୍ରଦର୍ଶନ ସେଙ୍ଗେ ଦାବୀ

*(ମାର୍କ ୮:୧୧-୧୩; ଲୁକ ୧୨:୫୪-୫୬)*

[1] ☆ପାରୂଶୀଡ଼୍ ନୁ ସାଦୂକିଡ଼୍ ଅନ୍ ଗାର୍ରେ ୱାସ୍ ଅଂକିଙ୍କ୍ ପରିକ୍ଷା
ମାଡ଼ାନ୍ ଅବିଯଗ୍ତେ ଅଂକିଙ୍କ୍ ମାବ୍ତାଗ୍ ୱେରଡ଼୍ ଚିହ୍ନେ ତତାଙ୍କ୍
ଅନୁରଦ୍ ମାଡ଼୍ତଡ଼୍ ।
[2] ବାତେଙ୍କ୍ ଇଡ଼୍କେ ଜିସୁ ଅଡ଼୍କିଂଙ୍କ୍ ଉତ୍ତର୍ ଇଡ଼୍ତଣ୍ଡ୍, “ମୁଲ୍ପୁଟ୍
ମିଡ଼୍ କେସ୍ମାନୁଟ୍, ଲେକେଡ୍ ପାଗ୍ ଆଦ୍ତେ, ବାତେଙ୍କ୍ ଇଡ଼୍କେ
ମାବ୍ଏର୍ ଆସ୍ମିନ୍ଦେ,
[3] ସାରେଦିନା କେସମାନୁଟ୍, ନେଣ୍ଡ୍ ୱାର୍ସାମ୍ ଆଦ୍ତେ, ବାତେଙ୍କ୍
ଇଡ଼୍କେ ମାବ୍ଏର୍ ଆସ୍ ମିନ୍ଦେ ମାବ୍ପଇସ୍ ମିନ୍ଦେ । ମିଡ଼୍ ମାବ୍
ଉଡ଼ିକେ କେତା କେତି ଆସ୍ ପୁନ୍ଦୁତିଡ଼୍, ବାତେଙ୍କ୍ଇକ୍କେ ଦିନାକିଙ୍କ୍
ଉଡ଼ାନାଦ୍ ସାରେ ବୁଜେମ୍ ଆୟୱିଡ଼୍ ?

☆ **୧୬:୧** ମାତିଉ ୧୨:୩୮; ଲୁକ ୧୧:୧୬.

୪ ✡ଇ ଯୁଗ୍‌ତେ ନାରୁଡ଼୍‌ ବେସର୍‌ ଦୁଷ୍ଟ ନୁ ଇଶ୍ୱର୍‌ତେ ଅବିଶ୍ୱାସ୍‌
। ମିଡ଼୍‌ ୱେରଡ଼୍‌ ଆଶର୍ଯ୍ୟ କାମ୍‌ ମାଡ଼ାଙ୍କ୍‌ କେତୁତିଡ଼୍‌ ? ବାତେଙ୍କ୍‌
ଇଡ଼୍‌କେ ଯୁନସ୍‌ତେ ଜିୱୁନ୍‌ତେ ଗଟେମ୍‌ ଆସ୍‌ମାନ୍ଦାନ୍‌ ବାକ୍‌ୱାକାମ୍‌
ୱିଡ଼୍‌ସି ବାତେମିକା ବାକ୍‌ୱାକାମ୍‌ ମିଡ଼୍‌ ନାୟାଗେ ଉଡ଼୍‌ୱିଡ଼୍‌ ।” ଆଦ୍‌
କେସ୍‌ ଜିସୁ ଅଡ଼୍‌କ୍‌ ୱିଡ଼୍‌ସି ଆଡ଼୍‌ତନ୍‌ ।

## ପାରୂଶୀଡ଼୍‌ ନୁ ସାଦ୍ଦୂକିଡ଼୍‌ ଶିକ୍ଷା
## (ମାର୍କ ୮:୧୪-୨୧)

୫ ଶିଷ୍ୟନଡ଼୍‌ ସମୁଦ୍ର ମେଣ୍ଡେନ୍‌ ପାକେ ହେଉସ୍‌ ଉଡ଼୍‌ତଡ଼୍‌ ଯେ, ଅଡ଼୍‌
ରୂଟି ଅଦାଙ୍କ୍‌ ମାର୍‌କ୍ତଡ଼୍‌ ।
୬ ✡ଜିସୁ ଅଡ଼୍‌କିଂଙ୍କ୍‌ କେଡ଼୍‌ତନ୍‌, “ସର୍ତକ ଆୟ୍‌ମୁଟ୍‌, ପାରୂଶୀଡ଼୍‌ ନୁ
ସାଦ୍ଦୂକିଡ଼୍‌ କମୀର୍‌ତାଗାଙ୍କ୍‌ ସାବ୍‌ଦାନ୍‌ ଆସ୍‌ମାନୁଟ୍‌ ।”
୭ ଆଗାଙ୍କ୍‌ ଅଡ଼୍‌ ତାମ୍‌ତାମ୍‌ କେତାକେତି ଆଦ୍‌ତଡ଼୍‌, “ମାନାଡ଼୍‌ ରୂଟି
ତାଡ଼୍‌ୱାଡ଼୍‌ ଇଞ୍ଜ ଅଣ୍ଡ ଆଦ୍‌ କେତୁତନ୍‌ ।”
୮ ବାତେଙ୍କ୍‌ ଇଡ଼୍‌କେ ଜିସୁଆଦ୍‌ ପୁଞ୍ଜ୍‌ କେଡ଼୍‌ତାନ୍‌, ହୋ ସୁଦୁଟ୍‌
ବିଶ୍ୱାସିନଡ଼ି, “ମିଇ ୟାଗ୍‌ ରୂଟି ଇଲାଇଞ୍ଜ୍‌ ବାଡ଼୍‌ତିଙ୍କ୍‌ ନିଜେ ନିଜେ
ରାମ୍‌କ୍‌ ଆଦୁତିଡ଼୍‌ ?
୯ ✡ମିଡ଼୍‌ବାତେ ଇଞ୍ଜ ବା ବୁଜେମ୍‌ ଆୟ୍‌ୱିଡ଼୍‌ ? ଏଇଙ୍କ୍‌ ହଜାର୍‌ ନାରୁଡ଼୍‌
ଆଗାଙ୍କ୍‌ ରୋଟି ମେଣ୍ଡେ ବେସ୍‌କ୍‌ ଜୁଡ଼ିନାଗ୍‌ ପେହେକ୍‌ତିଡ଼୍‌,
୧୦ ✡ଆଦ୍‌ ନାଲୁହଜାର୍‌ ନାରୁଡ଼୍‌ ସାଡ଼୍‌ଟାନ୍‌ ରୂଟି ମେଣ୍ଡେ ବେସ୍‌କ୍‌
ଜୁଡ଼ିନାଗ୍‌ ପେହେକ୍‌ତିଡ଼୍‌, ଆଉସାରେ ମିକିଂଙ୍କ୍‌ ଏର୍କା ଇଲେ ?”
୧୧ “ନାନ୍‌ ମିକିଂଙ୍କ୍‌ ରୋଟି ବିଷୟ୍‌ତେ କେଲନ୍‌, ଇଦ୍‌ ବେଲା ବୁଜେମ୍‌
ଆୟ୍‌ୱିଡ଼୍‌ ? ବାତେଙ୍କ୍‌ ଇଡ଼୍‌କେ ପାରୂଶୀଡ଼୍‌ ନୁ ସାଦ୍ଦୂକିଡ଼୍‌ କମୀର
ବିଷୟ୍‌ତେ ସାବ୍‌ଦାନ୍‌ ଆସ୍‌ମାନୁଟ୍‌ ।”
୧୨ ଜିସୁ ଯେ ରୋଟିତେ କମୀର୍‌ତାଗାଙ୍କ୍‌ ସାବ୍‌ଦାନ୍‌ ଆଶେ ମାନ୍ଦାନ୍‌
ମାଇଦିଙ୍କ୍‌ କେଲକଟ ଫାରୁଶି ନୁ ସାଦୁକିଡ଼୍‌ ଶିକ୍ଷାତେ ସାବ୍‌ଦାନ୍‌ ଆଶେ
ମାନ୍ଦାନ୍‌ ମାଇଦିଙ୍କ୍‌ ଅଡ଼୍‌କିଂଙ୍କ୍‌ କେସ୍‌ମାଡ଼୍‌ତଣ୍ଡ, ଇଦ୍‌ ଅଡ଼୍‌ ଆସୁଟେ
ବୁଜେମ୍‌ ଆଦ୍‌ତଡ଼୍‌ ।

---

✡ **୧୬:୪** ମାତିଉ ୧୨:୩୯; ଲୁକ ୧୧:୨୯. ✡ **୧୬:୬** ଲୁକ ୧୨:୧. ✡ **୧୬:୯** ମାତିଉ ୧୪:୧୭-୨୧. ✡ **୧୬:୧୦** ମାତିଉ ୧୫:୩୪-୩୮.

## ଜିସୁନ୍ ସମ୍ପର୍କତେ ପିତର୍ କେତାନାଦ୍
## (ମାର୍କ ୮:୨୭-୩୦; ଲୁକ ୯:୧୮-୨୧)

୧୩ ତାନ୍ ପେର୍କେ ଜିସୁ କାଇସରୀୟା ପିଲିପ୍ ନାଡ଼୍‌ଦେ ପାକେ ୱାସ୍
ତାନ୍ ଶିଷ୍ୟନଡ଼୍‌କ୍ କେତାଙ୍କ୍ ପସ୍ୱତନ୍, "ନାରୁନ୍‌ପିଲେ ବେନ୍ ଇଞ୍ଜ
ନାରୁଡ଼୍ କେତୁତଡ଼୍ ?"
୧୪ ✡ଆଗାଙ୍କ୍ ଅଡ଼୍ କେତ୍‌ତଡ଼୍, "ବେନ କେତିତଡ଼୍, ବାପ୍ତିସ୍ମ ଯୋହନ୍,
ବେନ ଏଲିୟ, ମେଣ୍ଡ୍ରେ ବେନ ଜିରିମୀୟ ବା ବାବବାଦୀନଡ଼୍ ଆଗାଙ୍କ୍
ୱେରନ୍ ।"
୧୫ ଜିସୁ ଅଡ଼୍‌କିଂଙ୍କ୍ କେତ୍‌ତାନ୍, ବାତେଙ୍କ୍ ଇଡ଼୍‌କେ "ନାନ୍ ବେନ ଇଞ୍ଜ
ମିଡ଼୍ କେତୁତିଡ଼୍ ?"
୧୬ ✡ଶିମୋନ୍ ନୁ ପିତର୍ କେତ୍‌ତଡ଼୍, "ନିମ୍ କ୍ରିଷ୍ଟ, ଜିୱୁତେ ଇଶ୍ୱର୍
ତେ ମାର୍ ।"
୧୭ ଆଗାଙ୍କ୍ ଅଣ୍ଡ୍ କେତ୍‌ତାନ୍, "ହୋ ଯୁନସ୍‌ତେ ମାର୍ ଶିମୋନ୍, ନିମ୍
ଦନ୍ୟ, ବାତେଙ୍କ୍ ଇଡ଼୍‌କେ ନାରୁଡ଼୍ ପାକେ ଆୱୁଙ୍ଗ୍ ନୁ ନେତୁର୍ କେଲନ୍,
ବେଲାନ୍ ନା ସ୍ୱର୍ଗତେ ବାବାଲ୍ କେସ୍‌ମିନ୍ଦେନ୍ ।"
୧୮ "ମେଣ୍ଡ୍ରେ, ନାନ୍ ମିକା ନିକିଂଙ୍କ୍ କେତୁତାନ୍, ନିମ୍ ପିତର୍, ମେଣ୍ଡ୍ରେ
ଇ କାଲ୍‌ଦେ ପଡ଼୍‌ର ନାନ୍ ନିଜେଡ୍ ମୋଣ୍ଡଲି ମାଡ଼ିତାନ୍, ମେଣ୍ଡ୍ରେ
ନର୍କତେ ଶକ୍ତି ଆଦିଙ୍କ୍ ଆରେମ୍ ମାଡ଼ ।
୧୯ ✡ନାନ୍ ନିକିଂଙ୍କ୍ ସ୍ୱର୍ଗରାଜ୍ୟତେ କୁଚ୍‌କାଇ ଇଦ୍‌ତାନ୍, ମେଣ୍ଡ୍ରେ
ନିମ୍ ପୃତିବି ତାଗ୍ ବାତେଏ ସାରେ ବନ୍ଦ୍‌ମାଡ଼ିତିନ୍, ସ୍ୱର୍ଗତାଗ୍ ଆଦ୍
ବନ୍ଦ୍‌ମାନ୍‌ତେ, ମେଣ୍ଡ୍ରେ ପୃତିବିତାଗ୍ ବାତ୍‌ଆଇ ମୁକ୍ତ ମାଡ଼ିତିନ୍,
ସ୍ୱର୍ଗତାଗ୍ ଆଦ୍ ମୁକ୍ତ ମାନ୍‌ତେ ।"
୨୦ ଆସୁଙ୍କ୍ ଅଣ୍ଡ୍ ଯେ କ୍ରିଷ୍ଟ ଆଦ୍‌ତନ୍, ଇଦ୍ ବେନଙ୍କ୍ ବା କେଲ୍‌ମାଟ୍
ହିଞ୍ଜ ଅଣ୍ଡ୍ ଶିଷ୍ୟଡ଼୍‌କ୍ ଦୃଡ଼ ଗଟ୍ ଇଡ଼୍‌ତନ୍ ।

## ଜିସୁ ନିଜର୍ କଷ୍ଟ ନୁ ଡଲାନ୍ ବିଷୟ ତେ ଗଟ୍ ହିଡ୍‌ତନ୍
## (ମାର୍କ ୮:୩୧–୯:୧; ଲୁକ ୯:୨୨-୨୭)

---

✡ **୧୬:୧୪** ମାତିଉ ୧୪:୧,୨; ମାର୍କ ୬:୧୪,୧୫; ଲୁକ ୯:୭,୮. ✡ **୧୬:୧୬** ଯୋହନ୍ ୬:୬୮,୬୯. ✡ **୧୬:୧୯** ମାତିଉ ୧୮:୧୮; ଯୋହନ୍ ୨୦:୨୩.

୨୧ ଆଦ୍ ସମୟ୍‌ତାଗାଙ୍କ୍ ଜିସୁ କ୍ରିଷ୍ଟ ତାନ୍ ଶିଷ୍ୟନଡ଼କ୍ ବୁଜାମାଡ଼ାଙ୍କ୍
ପସ୍ସତନ୍ ଯେ, “ନାନ୍, ଯିରୁଶାଲେମ୍‌ତା ଆଞ୍ଜ୍ ଦର୍ମଯାଜକ୍, ଦର୍ମଗୁରୁ ନୁ
ଦର୍ମନେତାନଡ଼୍ ତଡ଼୍ ନିର୍ଯ୍ୟାତିତ ଆସ୍ ଗାଟି କଷ୍ଟ ଆଦ୍‌ତଣ୍ଣ୍ । ଅଦିକ୍
ଡଲିତାନ୍, ବାତେଙ୍କ୍ ଇଡ଼୍‌କେ ମୁଣ୍ଣ୍‌ଦିନା ପେର୍କେ ମେଣ୍ଣେଜିୱେ ଆସ୍
ତେଦିତନ୍ ।”
୨୨ ପିତର୍ ଜିସୁଙ୍କ୍ ୱେରଙ୍କ୍ କାର୍‌ଙ୍ଗି ଅସ୍ ମଜା ମାଡ଼ି କେଡ଼୍‌ତାନ୍,
“ଇଶ୍ୱର୍ ମାଡ଼୍‌ମାକିଣ୍ଣ୍, ପ୍ରବୁ, ନି ସେଙ୍ଗେ ଇଲା ବେସୁଙ୍କ୍ ଆୟ୍‌ମାକି ।”
୨୩ ଜିସୁ ମେଣ୍ଣେ ମାଲ୍‌ସ୍ କେଡ଼୍‌ତନ୍, “ନା ମୁନେଙ୍କ୍ ଜେକ୍ ଅନ୍
ଶୟ୍‌ତାନ୍, ନା ସେଙ୍ଗେ ପ୍ରତିବନ୍ଦକ ଆୟ୍‌ମା । ବାତେଙ୍କ୍ ଇକେ ନିୟାଦ୍
ଇ ଚିନ୍ତେ ମାତର୍ ମାନବିକ, ସମ୍ପତି ଆୟ୍‌ୟ ।”
୨୪ ✡ତାନ୍‌ପେର୍କେ ଜିସୁ ତାନ୍ ଶିଷ୍ୟଡ଼କ୍ କେଡ଼୍‌ତନ୍, “ବେନ ବେସୁଙ୍କ୍
ନା ପେର୍କେ ୱାଦାଙ୍କ୍ ଇଚ୍ଛା ମାଡ଼୍‌ତୁଣ୍ଣ୍, ଆଲେକେ ଅଣ୍ଣ୍ ନିଜେତିଙ୍କ୍
ଅସ୍ୱୀକାର୍ ମାଡ଼ିଣ୍ଣ୍, ମେଣ୍ଣେ ନିଜେ କ୍ରୁଶକାଞ୍ଜି ନା ପେର୍କେ ତାକିଣ୍ଣ୍ ।
୨୫ ✡ବାତେଙ୍କ୍ ଇଡ଼୍‌କେ ବେନ ଆୟି ନିଜେଡ଼୍ ଜିୱୁନ୍ ରକ୍ଷା ମାଡ଼ାଙ୍କ୍
ଇଚ୍ଛା ମାଡ଼ିତନ୍, ଆଦ୍ ଅଣ୍ଣ୍ ଆରାମ୍ ମାଡ଼ିତନ୍, ବାତେଙ୍କ୍ ଇଡ଼୍‌କେ ବେନ
ନିଜେଡ଼୍ ଜିୱୁଣ୍ଣ୍‌ତିଙ୍କ୍ ଉତ୍ସର୍ଗ ମାଡ଼ିତନ୍ ଅଣ୍ଣ୍ ଆଦ୍ ପ୍ରାପ୍ତ ଆଦ୍‌ତନ୍ ।
୨୬ ନାରୁନ୍ ବେସୁଙ୍କ୍ ସାରେ ଜଗଡ଼୍ ଲାବ୍ ମାଡ଼ି ନିଜେଡ଼୍ ଜିୱୁନ୍
ହିଦ୍‌ତନ୍, ଆଲେକେ ଅନାଦ୍ ବାଡ଼୍ ଲାବ୍ ଆଦ୍‌ତେ ?
୨୭ ✡ମେଣ୍ଣେ ନାରୁଡ଼୍ ପିଲେ ନିଜେଡ଼୍ ବାବଙ୍କ୍ ମାଇମାତେ ଗୌରବ୍
ପାଏମ୍ ଆସ୍ ନିଜେ ଦୂତତଡ଼୍ ୱାଦ୍‌ତଣ୍ଣ୍ ନୁ ଆସୁଙ୍କ୍ ଅଣ୍ଣ୍ ସାରେନାରୁଡ଼୍
ଅନ୍ ପାଡ଼୍‌ୟି ଲେକାମ୍ କାୟେ ହିଦ୍‌ତନ୍ ।
୨୮ ନାନ୍ ମିକିଂଙ୍କ୍ ସଡ଼୍ କେଡ୍ତୁତାନ୍, ନାରୁନ୍ ପିଲେ ନିଜେଡ଼୍
ରାଜ୍ୟତାଗ୍ ୱାଦାନାଦ୍ ଉଡ଼୍‌ୱେ ଯାକ ଇଗେ ନିସ୍ ମାନ୍ଦାନ୍ ନାରୁଡ଼୍
ଡ଼ାଗାଙ୍କ୍ ବେସ୍‌କ୍ ବେଦ୍‌ଲେକାମ୍ ଡଲ୍‌ତାଗାଙ୍କ୍ ଆସ୍ୱାଦ ପାଏମ୍ ଆୟିନ୍
।”

# ୧୭

✡ **୧୬:୨୪** ମାତିଉ ୧୦:୩୮; ଲୁକ ୧୪:୨୭. ✡ **୧୬:୨୫** ମାତିଉ ୧୦:୩୯; ଲୁକ ୧୭:33; ଯୋହନ୍ ୧୨:୨୫. ✡ **୧୬:୨୭** ମାତିଉ ୨୫:୩୧; ରୋମୀୟ ୨:୬.

## ଜିସୁନ୍ ଦିବ୍ୟ ରୁପାନ୍ତର
## (ମାର୍କ ୯:୨-୧୩; ଲୁକ ୯:୨୮-୩୬)

୧ ଜିସୁ ହିଦିନ୍ ଆରୁଦିନା ପେର୍କେ ପିତର୍ ନୁ ଯାକୁବ୍ ଯୋହନ୍ ତେ
ଇର୍ୱୁଡ଼୍ ତାମୁଣ୍ଡ୍‌କିଡ଼୍‌କ୍ ଆସ୍ ୱେରଡ଼୍ ଡେଙ୍ଗ୍ ମେଟେତାଗ୍ ଆଦ୍‌ତଡ଼୍
ଆଗେ ବେନ ହିଲ୍‌ୱେ ମାଡ୍‌ତଡ଼୍ ।
୨ ଶିଷ୍ୟଡ଼୍ ଉଡ଼୍‌ନା ଜିସୁନ୍ ମୁନେତ୍ ଲେକାମ୍ ମିଡ଼୍‌ନ୍‌ତଣ୍ଡ୍ । ଅନ୍
ମକମ୍ ପଡ଼ଦ୍ ଲେକାମ୍ ୱେସ୍ ଆଡ୍‌ତେ ନୁ ଅନ୍ ଚକା ୱେସ୍‌ଇନା
ସାୟେ ତନ୍ତେ ।
୩ ମଶାଲ୍ ନୁ ଏଲିୟ ଜିସୁନ୍ ତଡ଼୍ ଗଟି ତିଡ୍‌ୟାନାଦ୍ ଶିଷ୍ୟଡ଼୍
ଉଡ଼୍‌ତଡ଼୍ ।
୪ ପିତର୍ ଜିସୁଙ୍କ୍ କେଡ୍‌ତାନ୍, "ବେସର୍ ସୁକାମ୍‌ତେ ଗଟ୍, ନେଣ୍ଡ୍
ମାମ୍‌ମେ ଇଗେ ମିନ୍ଦେମ୍ । ନିମ୍ ଯଦି ଇଚ୍ଛା ମାଡ଼ୁତିନ୍, ଇଗେ ନାନ୍
ମୁଣ୍ଡ୍ ଗୁଡ଼ସ୍ସା ମାଡ଼ିତାନ୍ । ୱେରଡ଼୍ ନି ମାଇଦିଙ୍କ୍, ମେଣ୍ଡେ ରେଣ୍ଡ୍ ମଶାଲ୍
ନୁ ଏଲିୟନ୍ ମାଇଦିଙ୍କ୍ ।"
୫ ✡✡ପିତର୍ ଆଦ୍ କେଡ୍‌ତାନ୍ ୱେଲେ ୱେରଡ଼୍ ୱେସ୍‌ତେ ମାବ୍
ଅଡ଼୍‌କିଂଙ୍କ୍ ତାଲେତ୍ ପର୍‌ର ୱାଡ୍‌ତେ ନୁ ଆଗାଙ୍କ୍ କେଞ୍ଜ୍‌ତଡ଼୍, "ହୋ ନା
ପ୍ରିୟ ମାର୍, ଇନାଗେ ନାନ୍ ପେର୍କେ ସାର୍‌ଦେ । ଅନ୍ ଗଟ୍ ମନ୍‌ଇସ୍
କେଞ୍ଜାଟ୍ ।"
୬ ଶିଷ୍ୟନଡ଼୍ ଆଦ୍‌ଲେଙ୍ଗ୍ କେଞ୍ଜି ଦାଦ୍‌ରେଲି ନେଲ୍ କାପ୍‌ମୁଡ଼୍‌ନ୍ଦି
ରାଲ୍‌ତଡ଼୍ ।
୭ ଜିସୁ ଅଡ଼୍ ଗାର୍‌ରେ ୱାସ୍ ଅଡ଼୍‌କ୍ ହିଟିମିକା କେଡ୍‌ତାନ୍ "ତେଦାଟ୍
ୱେର୍‌ମାଟ୍ ।"
୮ ଆସୁଟ୍ ଶିଷ୍ୟଡ଼୍ ସାରେ ପାକା ସିଟ୍‌ପାଟ୍ ଉଡ଼ି ମାତର୍ ଜିସୁନ୍ ୱିଡ଼୍‌ସି
ଆଗେ ୱେର୍ ବେନଙ୍କ୍ ଉଡ଼୍‌ଡ଼୍ ।
୯ ଅଡ଼୍ ମେଟେତାଗାଙ୍କ୍ ଡିଗି ୱାଦାନ୍ ୱେଲେ ଜିସୁ ଅଡ଼୍‌କିଂଙ୍କ୍
ଆଦେଶ୍ ଇସ୍ କେଡ୍‌ତାନ୍, "ନାରୁନ୍‌ପିଲେ ଡଲ୍‌ତାଗାଙ୍କ୍ ତେଦ୍‌ନା ଯାକ
ଇଦ୍ ଉଡ଼୍‌ତାଦ୍ ଗଟ୍ ମିଡ଼୍ ବେନଙ୍କ୍ କେଲ୍‌ମାଟ୍ ।"
୧୦ ଶିଷ୍ୟଡ଼୍ ଜିସୁଙ୍କ୍ କେଡ୍‌ତଡ଼୍, "ଏଲିୟ ମୁନେ ୱାଦ୍‌ତନ୍ ଇଞ୍ଜ୍ ମା
ଦର୍ମଗୁରୁଡ଼୍‌କ୍ ବାଡ୍‌ତିଙ୍କ୍ କେଡ୍‌ତମ୍ ?"

---

✡ **୧୭:୫** ମାତିଉ ୩:୧୭; ୧୨:୧୮; ମାର୍କ ୧:୧୧; ଲୁକ ୩:୨୨. ✡ **୧୭:୫** ୨ ପିତର୍ ୧:୧୭,୧୮.

୧୧ ଜିସୁ କେଡ଼ତାନ୍ "ହୋ ଏଲିୟ ମୁନେ ୱାସ୍ ସାରେ ବିଷୟ ତିଆର୍
ମାଡ଼ି ନେହେତାନ୍ ଗଟ୍;"
୧୨ ✡ବାତେଙ୍କ୍ ଇକ୍ରେ ନାନ୍ ମିକିଂଙ୍କ୍ କେଡୁତାନ୍, "ଏଲିୟ ୱାସ୍
ତେରୁତନ୍ ନୁ ଅଂକିଙ୍କ୍ ହେଞ୍ଜକଟ୍ ନାରୁଡ଼୍ ଅନ୍‌ସାଙ୍ଗେ ବାଡ଼୍‌ଇଚ୍ଛା, ଆଦ୍
ମାଡ଼୍‌ତଡ଼୍ । ନାରୁନ୍ ପିଲେଡ଼୍ ସେଙ୍ଗେ ମିକା ଅଡ଼୍ ଆଦେଲେକାମ୍
କାରାପ୍ କାମ୍ ମାଡ଼ିତଡ଼୍ ।"
୧୩ ଆସୁଙ୍କ୍ ଶିଷ୍ୟନଡ଼୍ ବୁଜେମ୍ ଆଦ୍‌ତଡ଼୍ ଯେ, ଜିସୁ ବାପ୍ତିସ୍ମ ଯୋହନ୍
ତେ ବିଷୟ୍‌ତେ କେଡୁତନ୍ ।

## ଜିସୁ ବୂଡ଼୍‌ପଇତେ ପେକାଙ୍କ୍ ସୁସ୍ଥ ମାଡ଼୍‌ତଣ୍ଡ୍
### (ମାର୍କ ୯:୧୪-୨୯; ଲୁକ ୯:୩୭-୪୩)

୧୪ ଜିସୁ ନୁ ତାନ୍ ଶିଷ୍ୟନଡ଼୍ ନାରୁଡ଼୍ ଗଓଲି ଲୋପେଙ୍କ୍ ମାଲ୍‌ସ୍
ୱାଦାନ୍ ୱେଲେ ୱେରନ୍ ନାରୁଡ଼୍ ଗାଡ଼୍‌ରେୱାସ୍ ମଡ଼୍‌ମିଣ୍ଡା ଉସ୍
କେଡ଼୍‌ତାନ୍,
୧୫ "ପ୍ରବୁ, ନା ମାରିଙ୍କ୍ ଦୟା ମାଡ଼େ । କୁନ୍ଦେଲ୍ ରଗ୍ ଲେକାମ୍ ଅଣ୍ଡ୍
ନାଡ଼୍‌ଗେ ଦାମ୍ କିସ୍ ବା ଏଡ଼୍‌ଦାଗ୍ ରାଲ୍‌ତନ୍ ।
୧୬ ଅଂକିଙ୍କ୍ ନାନ୍ ନି ଶିଷ୍ୟଡ଼ା ତାସ୍‌ମାଡ଼୍‌ତାନ୍; ବାତେଙ୍କ୍ ଇଡ଼୍‌କେ ଅଡ଼୍
ଅଂକିଙ୍କ୍ ସୁସ୍ଥମାଡ଼ାଙ୍କ୍ ପାଡ଼୍‌ୱଡ଼୍ ଆଦ୍‌ତଡ଼୍ ।"
୧୭ ଜିସୁ କେଡ଼୍‌ତାନ୍ "ମିଡ଼୍ ବିଶ୍ୱାସ୍ ଆୟ୍‌ୱିଡ଼୍ ନୁ ନଷ୍ଟ; ମିଇ ତଡ଼୍
ନାନ୍ ବେସ୍‌କ୍ ଦିନାମାନ୍‌ଦାନ୍ ? ମେଣ୍ଡେ ବେସ୍‌କ୍ ୱାଡ଼୍‌ଷା ମିୟାଦ୍
ବ୍ୟବହାର୍ ସାରେ ମାଡ଼ିତାନ୍ ? ଆଦ୍ ପେକାଙ୍କ୍ ନା ପାକେ ତାଡ଼ାଟ୍ ।"
୧୮ ପେକାନ୍ ଲୋପେ ବୁଡ଼୍‌ତିଙ୍କ୍ ଜିସୁ ଦମକ୍ ଇଡ଼୍‌ତନ୍ । ବୁଡ଼୍ ଅଂକିଙ୍କ୍
ୱିଡ଼୍‌ସି ଆଡ଼୍‌ତେ ନୁ ଆସୁଙ୍କ୍ ପେକାଲ୍ ସୁସ୍ଥ ଆଡ଼୍‌ତନ୍ ।
୧୯ ତାନ୍‌ପେର୍କେ ଶିଷ୍ୟଡ଼୍ ଜିସୁଙ୍କ୍ ସାରେତଡ଼୍ କାଇଲି କେଡ଼୍‌ତଡ଼୍,
"ମାମ୍‌ମେ ବାଡ଼୍‌ତିଙ୍କ୍ ଆଦ୍ ବୁଡ଼୍‌ତିଙ୍କ୍ ୱିଡ଼୍‌ସ୍‌ପେ ପାଡ଼୍‌ୱମ୍ ?"
୨୦ ✡ଜିସୁ କେଡ଼୍‌ତାନ୍ "ମିୟାଦ୍ ବିଶ୍ୱାସ୍ ଗାଟି ଦୁର୍ବଲ୍ । ନାନ୍
ମିକିଂଙ୍କ୍ ସତ୍ କେଡୁତାନ୍, ଯଦି ୱେରଡ଼୍ ସୋରିଷ ପେଡ଼େମ୍ ଲେକାମ୍
ମିୟାଦ୍ ବିଶ୍ୱାସ୍ ମାନ୍‌ତେ, ଇଦ୍ ମେଟେଡିଙ୍କ୍ ଇଗାଙ୍କ୍ ଆଗେ ଗୁସ୍‌ପାଙ୍କ୍

✡ **୧୭:୧୨** ମାତିଉ ୧୧:୧୪. ✡ **୧୭:୨୦** ମାତିଉ ୨୧:୨୧; ମାର୍କ ୧୧:୨୩; ୧ କରନ୍ଥିୟ ୧୩:୨.

କେଡ଼କେ, ଆଦ୍ ଗୁସିଆଦ୍ତେ । ବିଶ୍ୱାସ୍ ଶକ୍ତିତେ ସାରେ ମାଡ଼୍ ପାର୍ତିଡ଼୍ ।”
୨୧ ବାତେଙ୍କ୍ ଇଡ଼କେ ପ୍ରାର୍ତନା ନୁ ଉପବାସ୍ ୱିଡ଼ସି ମେଣ୍ଡେ ବେନ୍ ଉପାୟ୍‌ତେ ଇଦ୍‌ଲେକାମ୍ ବୁଡ଼୍ ପେଇସ୍ ଅନ୍ ।

## ଜିସୁ ଡଲାନ୍ ବିଷୟ୍‌ତେ ମେଣ୍ଡନ୍ ଦାମ୍ କେଡ଼୍‌ତାନ୍
## (ମାର୍କ ୯:୩୦-୩୨; ଲୁକ ୯:୪୩-୪୫)

୨୨ ଶିଷ୍ୟନଡ଼୍ ସାରେତଡ଼୍ ଗାଲିଲୀତାଗ୍ ୱେରଡ଼୍ ତାଗ୍ ଆଦାନ୍ ପେର୍କେ ଜିସୁ ଅଡ଼କ୍ କେଡ଼୍‌ତାନ୍,
୨୩ “ବେନ୍ ନାରୁଡ଼୍ ମାନେଇ ପିଲେତିଙ୍କ୍ ହାଉକିତଡ଼୍, ଅଡ଼୍ କାଇଦେ ସମର୍ପିତ ଆଡ଼୍‌ତାଙ୍କ୍ ଅଣ୍ଡ ଇଞ୍ଜେ ଆଦୁତନ୍, ବାତେଙ୍କ୍ ଇଡ଼କେ ମୁଣ୍ଡ୍ଦିନା ପେର୍କେ ଅଣ୍ଡ ମେଣ୍ଡେ ତେଦିତନ୍ ।”

## ଜିସୁ ମନ୍ଦିର୍‌ତେ ସିସ୍ତ ଛଡ଼୍‌ତନ୍

୨୪ ଜିସୁ ନୁ ଶିଷ୍ୟନଡ଼୍ କପର୍ନାହୁମତା ୱାଦାନ୍ ପେର୍କେ ମନ୍ଦିର୍‌ତେ ସିସ୍ତ ଥ୍ଆଦାୟକାରୀଡ଼୍ ପିତର୍‌ତିଙ୍କ୍ କେଡ଼୍‌ତଡ଼୍, “ମିଇ ଗୁରୁ ମନ୍ଦିର୍‌ତେ ସିସ୍ତ ଛଦ୍‌ତନ୍ କି ?”
୨୫ ପିତର୍ କେଡ଼୍‌ତାନ୍ “ନିଜାମ୍ ।” ପିତର୍ ଲୋନ୍ ଲୋପେ ନେଙ୍ଗାନ୍ ୱେଲେ ଜିସୁ ଅଂକିଙ୍କ୍ କେଡ଼୍‌ତାନ୍, “ଶିମୋନ୍, ନିମ୍ ବାତେଏ ଆଲ୍‌ସୁତିନ୍ ? ଇ ଜଗତ୍‌ତେ ରାଜାନଡ଼କ୍ ବେନ୍ ସିସ୍ତ ଛଦ୍‌ତନ୍ ଅଡ଼୍ ରାଜ୍ୟତେ ଶନ୍ୟନଡ଼୍ ନା ବିଦେଶୀ ନଡ଼୍ ?”
୨୬ ପିତର୍ କେଡ଼୍‌ତାନ୍ “ବିଦେଶୀଡ଼୍ ।” ଜିସୁ କେଡ଼୍‌ତାନ୍, “ଆଲେକେ ରାଜ୍ୟତେ ନାରୁଡ଼୍ କର ହିଦାନାଗାଙ୍କ୍ ଗୋଲ୍‌ସିଡ଼୍‌ତେ ?
୨୭ ବାତେଙ୍କ୍ ଇଡ଼କେ ମାମ୍‌ମେ ଇଞ୍ଜେ ଅଡ଼କ୍ ଅପ୍‌ମାନ୍ ମାଡ଼ାଙ୍କ୍ ଇଚ୍ଛା ଆୟମ୍ । ମିଡ଼୍ ସମୁଦ୍ର ଆଞ୍ଜିନା ଆଞ୍ଜ୍ ଗାଲାକ୍ ୱାଟାଟ୍ । ମୁନେଙ୍କ୍ ବେନ୍ କିକେ ଆର୍‌ଦ୍‌ତେ, ତାନ୍ ପାୟୁର୍‌ତାଗାଙ୍କ୍ ୱେରଡ଼୍ ମୁଦ୍ରା ଦର୍‌କିଡ଼୍ । ଆଦ୍ ଆସ୍ ନା ସେଙ୍ଗେ ନୁ ମିଇ ସେଙ୍ଗେ ମନ୍ଦିର୍ ସିସ୍ତ ଛମୁଟ୍ ।”

# ୧୮

## ସ୍ୱର୍ଗ ରାଜ୍ୟତାଗ୍ ସାରେତିଙ୍କ୍ ବେଡ଼ିୟନ୍ ବେନ
*(ମାର୍କ ୯:୩୩-୩୭; ଲୁକ ୯:୪୬-୪୮)*

୧ ✡ଅନ୍‌ଦିନେ ଶିଷ୍ୟନଡ଼୍ ଜିସୁଙ୍କ୍ କେତ୍‌ତଡ଼୍, "ସ୍ୱର୍ଗ ରାଜ୍ୟତାଗ୍
ସାରେତିଙ୍କ୍ ବେଡ଼ିୟନ୍ ବେନ ?"
୨ ଜିସୁ ୱେରଡ଼୍ ପିଲେତିଙ୍କ୍ ଅଡ଼୍ ମୁନେ ନିଲ୍‌ପି କେତ୍‌ତନ୍,
୩ ✡ନାନ୍ ମିକିଂଙ୍କ୍ ନିଜାମ୍ ହେର୍କେତେ କେତୁତାନ୍, "ମିୱାଦ୍ ମନ୍
ପିରିବର୍ତ୍ତିତ ଆସ୍ ପିଲେ ଲେକାମ୍ ଆୟ୍‌ୟ କଟମାତ୍‌କେ ସ୍ୱର୍ଗ
ରାଜ୍ୟତାଗ୍ ବେସୁଙ୍କ୍‌ବା ଆଦେ ପାର୍‌ୱିଡ଼୍ ।
୪ ବେନ ନିଜେତିଙ୍କ୍ ନମ୍ର ମାଡ଼ି ଇ ପିଲେ ଲେକାମ୍ ଆଦ୍‌ତନ୍, ଅଣ୍ଡ୍
ସ୍ୱର୍ଗ ରାଜ୍ୟତାଗ୍ ସାରେତିଙ୍କ୍ ବେଡ଼୍‌ୟନ୍,
୫ ବେନଆଇ ନା ପେଦେର୍‌ତେ ଇଦ୍‌ଲେକାମ୍ ୱେରଡ଼୍ ସୁଦୁ
ପିଲେତିଙ୍କ୍ ଗ୍ରହନ୍ ମାଡ଼ିତନ୍, ଅଣ୍ଡ୍ ନାକିଂଙ୍କ୍ ମିକା ଗ୍ରହନ୍ ମାଡ଼ିତନ୍ ।"

## ବିଶ୍ୱାସ୍‌ତେ କଷ୍ଟ ହିଦାନାଦ୍
*(ମାର୍କ ୯:୪୨-୪୮; ଲୁକ ୧୭:୧-୨)*

୬ "ନାର୍‌ଗେ ବିଶ୍ୱାସ୍ ମାଡ଼ିମାନ୍ଦାନ୍ ଇ ପିଲାନାଗାଙ୍କ୍ ୱେରନ୍
ବିଶ୍ୱାସ୍‌ତେ ବେନ ବା ବେଡ଼ିୟ୍ ମାଡ଼ିତନ୍, ଅନ୍ ଗୁଡ଼ଙ୍ଗାତାଗ୍ ୱେରଡ଼୍
ଜାତ୍‌ତେକାଲ୍ ତଅସ୍ ଅଂକିଙ୍କ୍ ସମୁଦ୍ର ତାଗ୍ ହେସାନାଦ୍ ସାୟେ ।
୭ ନାରୁଡ଼ାଦ୍ ବିଶ୍ୱାସ୍‌ତାଗ୍ କଷ୍ଟ ହିଦାନ୍ ସେଙ୍ଗେ ନାର୍‌ଗେ ବିଷୟ
ମିନ୍ଦେ । ଆଦିନ୍ ସେଙ୍ଗେ ଇ ଜଗତ୍‌ତେ ଅବସ୍ଥାତେ ଇସର୍ ବୟଙ୍କାର୍
। ସାରେଦାମ୍ ଇଲ୍‌ଲେ ବେଡ଼ିୟ୍ ଆଦ୍‌ତେ, ବାତେଙ୍କ୍ ଇଡ୍‌କେ ବେନ୍
ବେଡ଼ିୟ୍ ମାଡ଼ିତନ୍, ଅନ୍ ପରିନତି ବେସର୍ ଶଚନିୟ ।"
୮ ✡"ଯଦି ମିୟାଦ୍ କାୟ୍ ବା ଡେକେଡ଼୍ ସେଙ୍ଗେ ନିମ୍ ବିଶ୍ୱାସ୍ ଆରାମ୍
ମାଡ଼ିତନ୍ ଆଲେକେ ଆଦିଙ୍କ୍ କଇସ୍ ହେସ୍‌ସିମୁଟ୍ । ରେଣ୍ଡେ କାଇକ୍
ନୁ ରେଣ୍ଡ୍ ଡେକା ମାଞ୍ଜ୍ ଗାଟି ନିଡ଼୍‌ତାନାଦ୍ କିସ୍‌ତାଗ୍ ଆଦାନ୍ ବେଲାନ୍
ସଟାନ୍ ଲେକାମ୍ ଆସ୍ ସାରେଦିନାଡ଼୍ ଜିୱୁନ୍‌ତେ ଆଦାନାଦ୍ ସାୟେ ।"

---

✡ **୧୮:୧** ଲୁକ ୨୨:୨୪. ✡ **୧୮:୩** ମାର୍କ ୧୦:୧୫; ଲୁକ ୧୮:୧୭. ✡ **୧୮:୮** ମାତିଉ ୫:୩୦.

୯ ✡"ନି କଣ୍ତାଡ୍ ସେଙ୍ଗେ ଯଦି ମିୟାଦ୍ ବିପଦ୍‌ତେ ବାତେଙ୍କ୍
ଇକ୍ରେ ଆୟେଡ୍; ଆଦିଙ୍କ୍ ଟେଣ୍ଡି ହେସିତିନ୍ । ରେଣ୍ଡ୍ କଣ୍ଡାମାଞ୍ଜ୍
ନର୍‌କତା ଆଦାନ୍ ୱିଡ୍‌ସି ୱେରଡ୍ କଣ୍ଡା ଆସ୍ ସାରେଦିନାଡ୍ ଜିୱୁନ୍‌ତେ
ଆଦାନାଦ୍ ସାୟେ ।"

## ମାଇତେ ମେଣ୍ଢେଡ୍ ୱେଷଡ୍
## (ଲୁକ ୧୫:୩-୭)

୧୦ ✡"ଇ ନଗନ୍ୟଡ୍‌ଗାଙ୍କ୍ ୱେରଙ୍କ୍ ଆଲେ ତୁଚ୍ଛ ମନେମାଡ୍‌କେ ନାନ୍
ମିକିଂଙ୍କ୍ କେତୁତାନ୍, ଇଡ଼ାଦ୍ ଯନ୍ ଆସମାନ୍ଦାନ୍ ସ୍ୱର୍ଗଦୂତକି ସାରେଦିନା
ବାବାଲ୍ ଇଶ୍ୱର୍‌ତେ ପାକେ ମିନ୍ଦେନ୍ ।"
୧୧ "ବାତେଙ୍କ୍ ଇକ୍ରେ ହାର୍‌ପୁନ୍‌ୱେ ନାରୁଙ୍କ୍ ରକ୍ଷା ମାଡ଼ାଙ୍କ୍ ନାରୁନ୍
ପିଲେ ୱାସ୍‌ମିନ୍ଦେନ୍ ।"
୧୨ "ନିମ୍ ବାତେଏ ଏର୍କା ମାଡ଼ତ୍ତିନ୍, ଯଦି ୱେରନ୍ ନାରୁନ୍ ଶହେ
ମେଣ୍ଢାନାଗାଙ୍କ୍ ନୁ ୱେରଡ୍ ମେଣ୍ଢା ମାଇତେ, ଆଲେକେ ଅଣ୍ଡ୍ ବାତେଏ
ମାଡ଼ିତନ୍ ? ନବେ ନଟାନ୍ ମେଣ୍ଢାଙ୍କ୍ ମେଟେତାଗ୍ ୱିଡ୍‌ସି ଆଦ୍
ମାଇମାନ୍ଦାନ୍ ମେଣ୍ଢାତିଙ୍କ୍ ମେହେକାଂଙ୍କ୍ ଆଦ୍‌ତନ୍ ।
୧୩ ବେସୁଙ୍କ୍ ଅଣ୍ଡ୍ ଆଦିଙ୍କ୍ ଦସ୍କ ିତନ୍, ମାଇୱେ ମାନ୍ଦାନ୍ ନବ୍‌ବେ
ନହଟାନ୍ ମେଣ୍ଢାନ୍ ସେଙ୍ଗେ ନିଜାମ୍ ଅନ୍ ବେସର୍ ୱେଡ୍‌କିତନ୍, ଇ
ୱେଡ୍‌କ୍ ମେଣ୍ଢେଡ୍ ସେଙ୍ଗେ ତାନ୍ ସେଙ୍ଗେ ଅଦିକ୍ ୱେଡ୍‌କିତନ୍ ।
୧୪ ଟିକ୍ ଆଦେଲେକାମ୍, ଇ ନଗନ୍ୟ ନାରୁଡ଼ାଗାଙ୍କ୍ ୱେରଣ୍ଡ୍ ମିକା
ହାର୍‌ବୁଲ୍‌କା ଆଇନା ଇଦ୍ ମିଇ ସ୍ୱର୍ଗସ୍ଥ ବାବାଲ୍ ଇଶ୍ୱର୍ ଇଚ୍ଛା ଆଡ୍‌କେ
ଆୟନ୍ ।"

## ନି ବିରୁଦ୍‌ତେ ବେନ ଦଷ ମାଡ଼ିତନ୍

୧୫ ✡"ୱେରଣ୍ଡ୍ ତାମୁଣ୍ଡ୍ ଯଦି ନି ବିରୁଦ୍‌ତେ ବାତେଏ ଦଷମାଡ଼ିତନ୍,
ଅନ୍ ଗାର୍‌ରେ ଆଞ୍ଜକେ ଦଷ ଅଂକିଙ୍କ୍ ତଶ୍‌ସିମୁଟ୍ । ବାତେଙ୍କ୍ ଇଡ୍‌କେ
ନିମ୍ ଇର୍‌ୱୁଡ୍ ୱେରଡ୍ ତାଗ୍ ମାନ୍ଦାନ୍ ୱେଲେ ଇଦ୍ ମିଞ୍ଜିପାଟ୍ । ଯଦି
ଅଣ୍ଡ୍ ନି ଗଟ୍ କେଞ୍ଜିତଣ୍ଡ୍, ନି ତାମୁଙ୍କ୍ ମେଣ୍ଡେ ଦର୍‌ସ୍‌କେ ପାର୍‌ଦ୍‌ତିନ୍ ।"
୧୬ ଯଦି ଅଣ୍ଡ୍ କେଞ୍ଜଣ୍ଡ୍, "ୱେରଙ୍କ୍ ବା ଇର୍‌ୱୁଡ୍ ନାରୁଙ୍କ୍ ଆସ୍ ଅନ୍
ଗାର୍‌ରେ ଆନୁଟ୍ । ମାନ୍ ଶାସ୍ତ୍ରତେ ବ୍ୟବସ୍ତାତେ ୱେରଣ୍ଡ୍ ବା ଇର୍‌ୱୁଡ୍
ସାକ୍ଷିନ୍ ମକତାଗ୍ ନି ଅବିୟଗ୍ ସତ୍ ଇଞ୍ଜ ପ୍ରମାନିତ୍ ଆୟି ।"

---

✡ **୧୮:୯** ମାତିଉ ୫:୨୯. ✡ **୧୮:୧୦** ଲୁକ ୧୯:୧୦. ✡ **୧୮:୧୫** ଲୁକ ୧୭:3.

୧୭ ଆଲେକେ ମିକା ଯଦି ଅଣ୍ତ୍ ନି ଗଟିଙ୍କ୍ କେଞ୍ଜଣ୍ତ୍, ଇ ବିଷୟ ଉପବାସ୍‌ତେ ମଣ୍ତଲିତିଙ୍କ୍ କେଞ୍ଜ୍‌ପିତମ୍, ଆଗେକ୍ ବା ଅଣ୍ତ୍ ଯଦି ମଣ୍ତଲିତ୍ ଗଟ୍ କେଞ୍ଜଣ୍ତ୍, ଆଲେକେ ଅଂକିଙ୍କ୍ ୱେରନ୍ କରଆଦାୟକାରି ବା ବିଜାତିୟ ଇଞ୍ଜ ଅନ୍ ତଡ୍ ସମ୍ପର୍କ ୱିଡ୍‌ସିମ୍ ।

## ମନା ମାଡ଼ାନାଦ୍ ବା ଗଟ୍ ହିଦାନାଦ୍

୧୮ ✡"ମିକ୍ ଇଦ୍‌ଗଟ୍ କେସ୍ ନେହେତୁତାନ୍, ମିଡ୍ ଇ ପୃତିବିତାଗ୍ ବାତ୍ ନିଶେଦ ମାଡ୍‌ତିଡ୍ ସ୍ୱର୍ଗତାଗ୍ ମିକା ଆଦ୍ ନିଜାମ୍ ଆଦ୍‌ତେ ନୁ ବେନ୍ ସେଙ୍ଗେ ନିମ୍ ପୃତିବିତାଗ୍ ଗଟ୍ ଇଦ୍‌ତି, ସ୍ୱର୍ଗତାଗ୍ ମିକା ଆଦ୍ ଆନୁମଦିତ ଆଦ୍‌ତେ ।"

୧୯ "ମାତର୍ ଆସ୍‌ର ଆୟ୍‌ୟ, ପୃତିବିତାଗାଙ୍କ୍ ବେସୁଙ୍କ୍ ମିୟାଗାଙ୍କ୍ ଇର୍‌ୱୁଡ୍ ଯେ ବାତେଆଇ ବିଷୟ୍‌ତେ ୱେରଡ୍ ମାନ୍ ଆସ୍ ଆଦିନ୍ ସେଙ୍ଗେ ପ୍ରାର୍ତନା ମାଡ଼ିତିଡ୍, ନା ସ୍ୱର୍ଗତେ ବାବାଲ୍ ନିୟାଦ୍ ଆଦେ ଇଚ୍ଛା ସାରେ ସତ୍ ମାଡ଼ିତନ୍ ।"

୨୦ "ବାତେଙ୍କ୍ ଇଡ୍‌କେ ବେଗେ ଇର୍‌ୱୁଡ୍ ବା ନାର୍‌ଗେ ନାରୁଡ୍ ନା ପେଦେର୍‌ତେ ଅଣ୍ତୟ୍‌ତାଗ୍ ଆଦ୍‌ତଡ୍, ନାନ୍ ଆଗେ ମାନ୍‌ତାନ୍ ।"

## କ୍ଷମା ଇୱେ ମାନ୍ଦାନ୍ ପାଡ୍‌ୟି ମାଡ୍‌ତେନନ୍ ଗଟ୍

୨୧ ✡ଅନ୍ ଦିନ୍ ପିତର୍ ୱାସ୍ ଜିସୁଙ୍କ୍ କେଡ୍‌ତାନ୍, "ପ୍ରବୁ ୱେରଣ୍ତ୍ ନା ତାମୁଣ୍ତ୍ ନା ବିରୁଦ୍‌ତେ ସେନେମାନ୍ ଦଷ୍ ମାଡ଼ମାତ୍‌କେ, ଅଂକିଙ୍କ୍ ନାନ୍ ବେସ୍‌ଦାମ୍ କ୍ଷମା ମାଡ଼ିତାନ୍ ? ବାତେଏ ସାତ୍‌ଦାମ୍ ?"

୨୨ ଜିସୁ କେଡ୍‌ତାନ୍, "ଇଲ୍‌ଲେ ସାତ୍‌ଦାମ୍ ଆୟ୍‌ୟ । ସାତ୍‌ଦାମ୍ ସତୁରି ଗୁଣ୍ ।

୨୩ ସ୍ୱର୍ଗରାଜ୍ୟତେ ମେଣ୍ତେ ୱେରଡ୍ ଗଟ୍ କେଞ୍ଜା । ଅଣ୍ତ୍ ଦିନ୍ ରାଜାଲ୍ ଦାସଡ୍‌କିଙ୍କ୍ ହିସାବ୍‌ତେ ଇସାପ୍ ମାଡ଼ାଙ୍କ୍ ଏର୍କା ମାଡ୍‌ତଣ୍ତ୍ ।

୨୪ ଅଣ୍ତ୍ ଇ ପାଡ୍‌ୟି ଆରାମ୍ ମାଡ୍‌ତେ ୱେଲେ ୱେରଙ୍କ୍ ସାକର୍‌ତିଙ୍କ୍ ପୟ୍‌ସ୍ ଅନ୍‌ପାକେ ତାଡ୍‌ତଡ୍ । ଅଣ୍ତ୍ ତାନାଗାଙ୍କ୍ ଲକ୍ଷ ଲକ୍ଷ ଡାବ୍‌କ୍ ଉଦାର୍ ଆସ୍ ମାଡ୍‌ତନ୍ ।

---

✡ **୧୮:୧୮** ମାତିଉ ୧୬:୧୯; ଯୋହନ୍ ୨୦:୨୩. ✡ **୧୮:୨୧** ଲୁକ ୧୭:3,୪.

୨୫ ଉଦାର୍ ଦେହେତାଙ୍କ୍ ସେଙ୍ଗେ ଆ ନାରୁନାୱୁ ଆସର୍ ସମ୍ପତି
ଇଲ୍ୱେ ମାଡ୍ତେ । ଆଦିଙ୍କ୍ ଅନ୍ ମୁତେଙ୍କ୍ ନୁ ପିଲାଙ୍କ୍ ୱାମି ମିକା
ଇଦାଙ୍କ୍ ରାଜାଲ୍ ଅଂକିଙ୍କ୍ କେଡ୍ତାନ୍ ।”
୨୬ ଆଦ୍ ଚାକର୍ ରାଜାନ୍ ଡେକାନ୍ ମଦଲ୍ ରାଲି ଅନୁରଦ୍ ମାଡ଼ି
କେଡ୍ତାନ୍, “ମେଣ୍ଡେ ସୁଦୁଟ୍ ଶକ୍ତିତେ ମାନ୍ ମଣିମା ନାନ୍ ନିୟାଦ୍
ସାରେ ଉଦାର୍ ଦେହେସିଦ୍ତାନ୍ ।”
୨୭ ରାଜାନ୍ ମନ୍ଦାଗ୍ ଦୟା ଆଡ୍ତେ, ଆଦିଙ୍କ୍ ଉଦାର୍ତାଗାଙ୍କ୍ କ୍ଷମା
ଇସ୍ ଅଣ୍ତ୍ ଦାସଙ୍କ୍ ୱିଡ଼୍ସିଡ୍ତନ୍ ।

୨୮ “ଆ ନାରୁଡ଼୍ ଆଦାନ୍ ୱେଲେ ଅନାଗାଙ୍କ୍ ସୁଦୁଟ୍ ଉଦାର୍
ଆସ୍ମାନ୍ଦାନ୍ ମେଣ୍ଡେ ୱେରନ୍ ସେବକ୍ ତଡ଼୍ କାଇଲ୍ତଣ୍ଡ୍ । ଅଣ୍ତ୍ ଅନ୍
ବଣ୍ଡ୍କ୍ତିଙ୍କ୍ ପଇସ୍ କେଡ୍ତାନ୍, ‘ନାୟାଗ୍ କଞ୍ଜ୍ ଆସ୍ମାନ୍ଦାନ୍ ଉଦାର୍
ଡାବ୍କ୍ ଇମ୍ ।’ ”
୨୯ ଦ୍ୱିତିୟ ସେବକ୍ ଅନ୍ ଡେକାଙ୍କ୍ ପଇସ୍ କେଡ୍ତାନ୍, “ବେସ୍କ୍
ଦିନା ମାନ୍, ନିୟାଉ ସାରେ ଡାବ୍କ୍ ହିଦ୍ତାନ୍ ।”
୩୦ “ବାତେଙ୍କ୍ ଇଡ୍କେ ମୁନ୍ତନାଦ୍ ପ୍ରାର୍ତନା କେଞ୍ଜଣ୍ତ୍, ବାତେଙ୍କ୍
ଇଡ୍କେ ଉଦାର୍ ଦେହେନା ଯାକ ଅଂକିଙ୍କ୍ ଜେଲ୍ତାଗ୍ ୱାଟିଡ୍ତନ୍ ।
୩୧ ଇଦ୍ ଗଟ୍ନା ଉଡ଼ି ବାଗାତଡ଼୍ ସେବକିଡ଼୍ ଗାଟି ଦାନ୍ଦେଆସ୍ ଆଞ୍ଜ୍
ବାଡ୍ ଗଟେମ୍ ଆଡ୍ତେ ଆଦ୍ ରାଜାଙ୍କ୍ କେସ୍ସିଡ୍ତଡ଼୍ ।
୩୨ ରାଜାଲ୍ ମୁନେଙ୍କ୍ ପାଡ଼୍ୟି ମାଡ୍ତେନଙ୍କ୍ କାର୍ଗିଂ କେଡ୍ତାନ୍,
ଆର୍ ଅଯୋଗ୍ୟ ଦାସନି, ନିମ୍ ପ୍ରାର୍ତନା ମାଡ଼୍ନାଙ୍କ୍ ନାନ୍ ନିୟାଉ ସାରେ
ଉଦାର୍ ୱିଡ଼୍ସିଡ୍ତାନ୍ ।
୩୩ ନାନ୍ ବାଲାନ୍ ନି ସେଙ୍ଗେ ଦୟା ତଅତାନ୍, ନି ସେବକିଙ୍କ୍ ମିକା
ଆଦେଲେକାମ୍ ଦୟା ମାଡ଼ାନାଦ୍ ନିୟାଦ୍ ମାଡ୍ତେ ।”
୩୪ “ରାଜାଲ୍ ଗାଟି କପାମ୍ ଆସ୍ ସାରେ ଉଦାର୍ ଦେହ୍ୱେ ଯାକ ଦଣ୍ଡ୍
ଆଡ୍ତାଙ୍କ୍ ଅଂକିଙ୍କ୍ ବନ୍ଦିଲନ୍ ରହସିଡ୍ତନ୍ ।”

୩୫ ଜିସୁ କେତାନାଦ୍ ତେର୍ସ୍ୱାନ୍ କେଡ୍ତାନ୍, “ମିଇ ବିରୁଦ୍ତେ
ଦଷ୍ ମାଡ଼ିମାନ୍ଦାନ୍ ତାମୁଣ୍ତିଙ୍କ୍ ଜିୱୁତେ କ୍ଷମା ହିମୁଟ୍, ଆଲେକେ
ନା ସ୍ୱର୍ଗତେ ବାବାଲ୍ ମିକା ମିଇ ସେଙ୍ଗେ ଇଦ୍ଲେକାମ୍ ବ୍ୟବହାର୍
ମାଡ଼ିତନ୍ ।”

# ୧୯

## ୱିଡ଼ସାନ୍ ସମ୍ପର୍କତେ ଜିସୁନ୍ ଶିକ୍ଷା
## (ମାର୍କ ୧୦:୧-୧୨)

୧ ଜିସୁ ଆୱୁସାରେ ଗଟି କେସ୍ ତେର୍‌ତେ ପେର୍କେ ଗାଲିଲୀ ୱିଡ଼୍‌ସି
ଯର୍ଦ୍ଦନ୍ ଚାଉଡ଼େଡ୍ ମେଣ୍ତ୍ରନ୍ ପାକେ ଯିହୁଦା ନାର୍ ଆଡ୍‌ତନ୍ ।
୨ ନାର୍‌ରଗେ ନାରୁଡ଼୍ ଅନ୍ ପେର୍କେ ୱାଡ୍‌ତଡ଼୍ ନୁ ଅନ୍ ନାର୍‌ରଗେ
ରଗିଡ଼୍‌କ୍ ସୁସ୍ଥ ମାଡ଼୍‌ତଣ୍ତ୍ ।
୩ ବେସ୍‌କ୍‌ତୁଡ଼୍ ପାରୂଶୀଡ଼୍ ଅନ୍‌ଗାରେ ୱାସ୍ ଅଂକିଙ୍କ୍ ଉଡ଼୍‌ୀଇଦାଗ୍
ୱାଟାଙ୍କ୍ ଆଲ୍‌ସି ମାଡ଼୍‌ତଡ଼୍ । ଅଡ଼୍ ଅଂକିଙ୍କ୍ କେଡ୍‌ତଡ଼୍, "ମା ଦର୍ମତେ
ନିୟମ୍ ଲେକାମ୍ ୱେରନ୍ ଯେ ବାଡ୍‌ଆଇ କାରନ୍ ସେଙ୍ଗେ ତାନ୍
ମୁତେଙ୍କ୍ ୱିଡ଼୍‌ସିଦ୍‌ତନ୍ କି ?"
୪ ଜିସୁ କେଡ୍‌ତନ୍, "ଶାସ୍ତ୍ରତାଗ୍ କାର୍‌ୱିଡ଼୍ କି, ମୁନେଙ୍କ୍ ସୃଷ୍ଟି କର୍ତ୍ତାଲ୍
ମାନେଇ ନୁ ନାଟାଡ଼୍‌ତିଙ୍କ୍ ତିଆର୍ ମାଡ଼୍‌ତଣ୍ତ୍ ?
୫ ଆସୁଙ୍କ୍ ଜିସୁ କେଡ୍‌ତନ୍, 'ଇଦିନ୍ ସେଙ୍ଗେ ମାନେଇ ତାନ୍' ୟାୟ୍
ବାବାଙ୍କ୍ ୱିଡ଼୍‌ସି ତାନ୍ ମୁଦ୍‌ପାନ୍ ତଡ଼୍ କାଇଲିମାନ୍ତେ ନୁ ଅଡ଼୍ ଇର୍‌ୱୁଡ଼୍
ୱେରନ୍ ଇନା ମାନ୍‌ତଡ଼୍ ।
୬ ଅଡ଼୍ ମେଣ୍ଡ୍ରେ ଇର୍‌ୱୁଡ଼୍ ଆୟ୍‌ୟଡ଼୍, ଅଡ଼୍ ମେଣ୍ଡ୍ରେ ୱେରନ୍ ଇନା
ମାନ୍‌ତଡ଼୍ । ବେନଡ଼୍‌କ୍ ଇଶ୍ୱର୍ କାଲ୍‌ପି ମିନ୍ଦେଣ୍ତ୍, ନାରୁଡ଼୍ ଅଡ଼୍‌କିଂଙ୍କ୍
ୱେରେ ୱେରେ ମାଡ଼ାନାଦ୍ ଟିକ୍ ଆୟ୍‌ୟ ।"
୭ ✡ପାରୂଶୀଡ଼୍ ମେଣ୍ଡ୍ରେ କେଡ୍‌ତଡ଼୍, "ଆଲେକେ ନାଟାଡ଼୍ ତିଙ୍କ୍
ୱିଡ଼୍‌ସିଦାଙ୍କ୍ ସେଙ୍ଗେ ମଶାଲ୍ ବାଡ୍‌ତିଙ୍କ୍ କାଇଦେ ଏର୍ ବ୍ୟବସ୍ତା
ମାଡ଼୍‌ତଣ୍ତ୍ ।"
୮ ଜିସୁ କେଡ୍‌ତନ୍, "ମିଇ ହୃଦୟ୍‌ତେ କଷ୍ଟ ସେଙ୍ଗେ ମଶାଲ୍ ଆଦ୍
ଲେକାମ୍ ମାଡ଼ି ମାଡ୍‌ତନ୍ । ବାତେଙ୍କ୍ ଇକ୍କେ ମୁନେଙ୍କ୍ ତିଆର୍ ୱେଲେ
ଇଦ୍‌ଲେକାମ୍ ବ୍ୟବସ୍ଥା ଇଲ୍‌ୱେ ମାଡ୍‌ତେ ।
୯ ✡ମାତର୍ ନାନ୍ ମିକିଂଙ୍କ୍ କେଡୁତାନ୍ ଯେ, ବେନ ଅନ୍ ମୁତେଙ୍କ୍
ବ୍ୟବିଚାର୍ କାରାପ୍ ୱିଡ଼୍‌ସି ମେଣ୍ଡ୍ରେ ବାଡ୍‌ତାୟି ଆଂକାର୍ ତିଙ୍କ୍ ୱିଡ଼୍‌ସି
ମେଣ୍ଡ୍ରେଅନ୍ ମୁତେଙ୍କ୍ ପେଣ୍ତ୍ରୁ ଆଡ୍‌କେ, ଅଣ୍ତ୍ ନିଜେ ବ୍ୟବିଚାର୍
ଆଦ୍‌ତନ୍ ।"

---

✡ **୧୯:୭** ମାତିଉ ୫:୩୧. ✡ **୧୯:୯** ମାତିଉ ୫:୩୨; ୧ କରନ୍ଥିୟ ୭:୧୦,୧୧.

୧୦ ଜିସୁନ୍ ଶିଷ୍ୟନଡ଼୍‌କେଡ଼୍‌ତଡ଼୍, “ମୁତେନ୍ ତଡ଼୍‌ମାନେଇତାଦ୍ ଇଦ୍ ଲେକାମ୍ ସମ୍ପର୍କ ମାଡ଼୍‌କେ, ଆଲେକେ ପେଣ୍ଡ୍ରୁ ଆଦାନାଦ୍ ସାୟେ ଆୟ୍‌ୟ ।”

୧୧ ଜିସୁ କେଡ଼୍‌ତାନ୍, “ଇ ଶିକ୍ଷା ସାରେତଡ଼୍‌ସେଙ୍ଗେ ଉଦ୍ଧିଷ୍ଟ ଆୟ୍‌ୟ ।ଇଶ୍ୱର୍‌ତେ ତଡ଼୍‌ବେନଡ଼୍‌କ୍ ଇଦ୍ କେସ୍‌ମିନ୍ଦେନ୍ ଆସ୍‌ମିନ୍ଦେ, ମାତର୍ ଅଡ଼୍‌ଇଦ୍ ଗ୍ରହନ୍ ମାଡ଼େ ପାର୍‌ୱଡ଼୍ ।

୧୨ ନାର୍‌ଗେ ବାତେଙ୍କ୍ ଇଡ଼୍‌କେ ମାଇଦିଙ୍କ୍ ନାରୁଡ଼୍ ପେଣ୍ଡ୍ରୁ ଆସ୍ ମାନ୍‌ତଡ଼୍ । ବେସ୍‌କ୍ ତଡ଼୍ ଜନମ୍‌ତାଗାଙ୍କ୍ ପେଣ୍ଡ୍ରୁ ସେଙ୍ଗେ ଅନୁପଯୁକ୍ତ, ବେସ୍‌କ୍‌ତଡ଼୍‌କିଙ୍କ୍ ନାରୁଡ଼୍ ଆଦେଲେକାମ୍ ମାଡ଼୍‌ତଡ଼୍, ମେଣ୍ଡ୍ରେ ବେସ୍‌କ୍‌ତୁଡ଼୍ ସ୍ୱର୍ଗରାଜ୍ୟ ସେଙ୍ଗେ ପାଡ଼୍‌ୟି ମାଡ଼ାଙ୍କ୍ ପେଣ୍ଡ୍ରୁ ଆୟ୍‌ୟକଟ ମାଡ଼୍‌ତନ୍ । ବେନଆଇ ଶିକ୍ଷାତେ ଅର୍ତ ବୁଜେମ୍ ଆଦୁଡ଼୍‌ତେ, ଅଡ଼୍‌ଆଦ୍ ଗ୍ରହନ୍ ମାଡ଼ିଡ଼୍ ।”

## ଜିସୁ ପିଲାକିଙ୍କ୍ ଆଶର୍ବାଦ୍ ମାଡ଼୍‌ତଣ୍ଡ୍ର
## (ମାର୍କ ୧୦:୧୩-୧୬; ଲୁକ ୧୮:୧୫-୧୭)

୧୩ ପିଲାନ୍ ପର୍‌ର କାୟ୍ ୱାଟି ପ୍ରାର୍ତନା ମାଡ଼ାଙ୍କ୍ ସେଙ୍ଗେ ବେସ୍‌କ୍ ତଡ଼୍ ନାରୁଡ଼୍ ପିଲାଙ୍କ୍ ଜିସୁନ୍ ପାକେ ତାତାଙ୍କ୍ ପସ୍ତ୍‌ତଡ଼୍ । ଆଦ୍ ନାରୁଡ଼୍‌କ୍ ଶିଷ୍ୟନଡ଼୍‌ଦମକ୍ ଇଡ଼୍‌ତଡ଼୍ ।

୧୪ ବାତେଙ୍କ୍ ଇଡ଼୍‌କେ ଜିସୁ କେଡ଼୍‌ତାନ୍, “ପିଲାଙ୍କ୍ ନାୟା ୱାଦାଙ୍କ୍ ଇମୁଟ୍ ।ଅଡ଼୍‌କ୍ ମନା ମାଡ଼୍‌ମାଟ୍ ।ବାତେଙ୍କ୍ ଇଡ଼୍‌କେ ଇଡ଼୍‌ସ୍ୱର୍ଗରାଜ୍ୟ ତେ ଅଦିକାରିଡ଼୍ ।”

୧୫ ଅଡ଼୍‌ପରୁ କାଇୱାଟି ଆଶର୍ବାଦ୍ ମାଡ଼୍‌ତେ ପେର୍କେ ଅଡ଼୍‌ଆଗାଙ୍କ୍ ଆଡ଼୍‌ତଡ଼୍ ।

## ୱେରଣ୍ଡ୍ର ସାଉକାର୍ ପେକାଲ୍
## (ମାର୍କ ୧୦:୧୭-୩୧; ଲୁକ ୧୮:୧୮-୩୦)

୧୬ ଅଣ୍ଡ୍ର ଦିନ୍ ୱେରଣ୍ଡ୍ର ପେକାଲ୍ ଜିସୁନ୍ ପାକେ ୱାସ୍ କେଡ଼୍‌ତନ୍, “ଗୁରୁ ସାରେଦିନାଡ଼୍ ଜିୱୁନ୍ ଲାବ୍ ମାଡ଼ାଙ୍କ୍ ସେଙ୍ଗେ ବାଡ଼୍ ଲେକେଡ଼୍ ମାଡ଼େ ୱେଇତିଡ଼୍ ?”

୧୭ ଜିସୁ ଅକିଂଙ୍କ୍ କେତ୍ତନ୍, “ସତ୍କାମ୍ ବିଷୟ୍‌ତେ ନାକିଂଙ୍କ୍
ବାତ୍ତିଙ୍କ୍ କେତୁତିନ୍ ? ଇଶ୍ୱର୍ କେ ସତ୍ । ଅନ୍ ଗଟ୍ ପାଲନ୍ ମାଡ୍‌କେ,
ସାରେ ଦିନା ଲେକେଡ୍‌ମାନ୍ଦ୍ ପାର୍‌ତିନ୍ ।”

୧୮ ଅଣ୍ଡ୍ କେତ୍ତାନ୍, “ବେନ୍ ସାରେ ଗଟ୍ ?” ଜିସୁ କେତ୍ତାନ୍,
“ଆୱୁକାନାଦ୍ ମାଡ୍‌ମାଟ୍, ବ୍ୟବିଚାର୍ ମାଡ୍‌ମାଟ୍ । ଡଙ୍ଗ୍‌ମାଟ୍, ବେନନ୍
ବିରୁଦ୍‌ତେ ଅବିଯଗ୍ ମାଡ୍‌ମାଟ୍ ।

୧୯ ୟାୟ୍ ବାବାଙ୍କ୍ ସନ୍‌ମାନ୍ ମାଡ଼ାଟ୍ ନୁ ମିଇ ଗାର୍‌ରେତଡ଼କ୍
ଆମ୍ବାତେ ପ୍ରେମ ମାଡ଼ାଟ୍ ।”

୨୦ ପେକାଲ୍ କେତ୍ତନ୍, “ଇଉସାରେ ଗଟି ପାଲନ୍ ମାଡ୍‌ତାନ୍ ।
ନାକିଂଙ୍କ୍ ମେଣ୍ତେ ବାତେଏ ମାଡ଼ାନାଦ୍ ଦର୍‌କାର୍ ?”

୨୧ ଜିସୁଅଙ୍କ୍ ଉତ୍ତର୍ କେତ୍ତାନ୍, “ଯଦି ନିମ୍ ସାରେଦିନାଡ୍ ଜିୱୁନ୍
ଦର୍‌କାନଙ୍କ୍ ଇଚ୍ଛା, ଅନ୍ ମିୟାଦ୍ ସାରେ ସମ୍ପତି ୱାମିମିକା ଡାବ୍‌କ୍
ଗରିବ୍ ନାରୁଡ଼କ୍ ଦାନ ମାଡ଼େ । ଆଲା ମାଡ୍‌କେ ନିମ୍ ସ୍ୱର୍ଗତାଗ୍ ସମ୍ପତି
ଦର୍‌କିଡ୍ ହାଉସାରେ ମାଡ଼ିମେଣ୍ତେ ନା ପେର୍କେ ପେର୍କେ ୱାଡ଼ା ।”

୨୨ ଆଦ୍ ପେକାଲ୍ କେଞ୍ଜି ମୁର୍‌ମୁରା ଆସ୍ ଆଡ୍ତନ୍, ବାତେଙ୍କ୍ ଇକେ
ଅଣ୍ଡ୍ ବେଡ଼ିଇ ସାଉକାର୍ ମାଡ୍ତଣ୍ଡ୍ ।

୨୩ ଜିସୁ ଶିଷ୍ୟଡ଼କ୍ କେତ୍ତନ୍, “ନାନ୍ ମିକିଂଙ୍କ୍ ସତ୍ କେତୁତାନ୍,
ସାଉକାର୍ ନାରୁଡ଼୍ ସେଙ୍ଗେ ସ୍ୱର୍ଗତାଗ୍ ଆଦ୍‌ଦାଙ୍କ୍ ଗାଟି ତିପାଲ୍‌ତେ
ବିଷୟ ।

୨୪ ମେଣ୍ଡନ୍‌ଦାମ୍ କେସ୍‌ମିନ୍ଦେନ୍, ସୁଜ୍‌ବସ୍ ଇସ୍ ଉଟ୍ ଆଦାନ୍ ୱିଡ଼ସି
ସାଉକାର୍ ନାରୁଡ଼୍ ସ୍ୱର୍ଗରାଜ୍ୟତା ଆଡ୍‌ତାଙ୍କ୍ ଅଦିକ୍ କଷ୍ଟ ।”

୨୫ ଶିଷ୍ୟଡ଼୍ ଇଦ୍ କେଞ୍ଜି ବାକ୍‌ୱା ଆସ୍ କେତ୍ତଡ଼୍, “ବେନ୍ ଆଲେକେ
ମୁକ୍ତି ପାଏମ୍ ଆଦ୍ତନ୍ ?”

୨୬ ଜିସୁ ଅଡ଼୍‌ପାକେ ଉଡ଼ି କେତ୍ତନ୍, “ନାରୁଡ଼୍ ମୁନେ ଇଦ୍ ସତ୍
ଆଦେପାର୍‌ୱ, ବାତେଙ୍କ୍ ଇଡ଼୍‌କେ ଇଶ୍ୱର୍‌ତେ ମୁନେ ସାରେ ମିକା ସତ୍
।”

୨୭ ଆଦ୍ କେଞ୍ଜି ପିତର୍ କେତ୍ତନ୍, “ଉଡ଼େ, ମାମ୍‌ମେ ସାରେ ୱିଡ଼ସି
ନି ପେର୍କେ ୱାଦ୍ତମ୍ । ମାକିଂଙ୍କ୍ ବାତେଏ ଦର୍‌କିଡ୍ ?”

୨୮ ✡ଜିସୁ ଉତ୍ତର୍ କେତ୍‌ତନ୍, "ଇଦ୍ ଗଟ୍ ସତ୍ ଇଞ୍ଜ୍ ଆଲ୍‌ସି ତିଡ଼୍,
ପୁଃନେ ଯୁଗ୍‌ତେ ବେସୁଙ୍କ୍ ନାରୁଡ଼୍‌ପିଲେ ଅନ୍ ଗୌରବ୍ ସିଂହାସନ୍‌ତାଗ୍
କୁଦିତିତନ୍, ଆସୁଙ୍କ୍ ନାୟାଦ୍ ଇ ବାରଜାନ୍ ଶିଷ୍ୟମିକା ବାର୍‌ଟାନ୍
ସିଂହାସନ୍‌ତାଗ୍ କୁଦି ଇଶ୍ରାଏଲ୍‌ତେ ବାର୍‌ଟାନ୍ ନାର୍‌କିନ୍ ପର୍‌ର ରାଜତ୍ୱ
ମାଡ଼ିତଡ଼୍ ।
୨୯ ବେନଡ଼୍ ନା ସେଙ୍ଗେ ନିଜେଡ୍ ଲୋନ୍, ତାମୁଣ୍ଡ୍ ଏଲାସ୍କୁ,
ୟାୟବାବାଲ୍, ପିଲାଜିଲା ନୁ ବୁମ୍‌ନେଲ୍ ୱିଡ଼୍‌ସିତଡ଼୍, ଅଡ଼୍ ଆୱୁ
ଶହେଗୁନ୍ ଦର୍‌କିଡ୍; ମେଣ୍ଡେ ସାରେଦିନାଡ୍ ଜିୱୁନ୍ ମିକା ଦର୍‌କିଡ୍ ।"
୩୦ ✡"ଇଞ୍ଜେ ବେନଡ଼୍ ମୁନେ ମିନ୍ଦେ, ଅଡ଼୍‌ଆଗାଙ୍ଗ୍ ନାର୍‌ଗେ ପେର୍କେ
ୱାଦ୍‌ତଣ୍ଡ୍ ନୁ ବେନଡ଼୍ ମୁନେ ମିନ୍ଦେ, ଅଡ଼୍ ତାଗାଙ୍କ୍ ନାର୍‌ଗେ ମୁନେ
ଆଦ୍‌ତଡ଼୍ ।"

# ୨୦

## ଅଙ୍ଗୁର୍ ୱାୟେଡ୍ କୁଲିକି

୧ "ସ୍ୱର୍ଗରାଜ୍ୟ ବେଲାନ୍, ହିଦିନାଦ୍ ୱେରଡ଼୍ ୱେଷଡ଼୍ କେଞ୍ଜାଟ୍ ।
ୱେରଣ୍ଡ୍ ନାରୁନ୍ ଅନ୍‌ଦିନେ ନାର୍‌କୁକ୍ ତାନ୍ ଅଙ୍ଗୁର୍ ୱାୟେତା ପାଡ଼୍‌ୟି
ମାଡ଼ାନ୍ ସେଙ୍ଗେ କୁଲିକିଙ୍କ୍ ତାତାଙ୍କ୍ ଆଡ଼୍‌ତନ୍ ।
୨ ବେନଡ଼୍‌କ୍ ଦର୍ସକ୍‌ତନ୍, ସାରେତଡ଼୍‌କିଂଙ୍କ୍ ଦୈନିକ ୱେରଲାକା
ରୁପାଡାବ୍‌କ୍ ହିଦାଙ୍କ୍ ଚୁକ୍ତି ମାଡ଼ି ଅଡ଼୍‌କିଂଙ୍କ୍ ଅନ୍ ୱାୟେତା ରହସିଡ୍‌ତନ୍
।
୩ ତାନ୍ ମେଣ୍ଡନ୍ ଦିନ୍ ନଅଟାତିଙ୍କ୍ ହାଟିନା ଆଞ୍ଜ୍ ଉଡ଼୍‌ତନ୍,
ମାନ୍ଦେନାରୁଡ଼୍ ପାଡ଼୍‌ୟି ମାଡ଼୍‌ୱେ କନ୍‌ସ୍ ନିସ୍‌ମିନ୍ଦେଡ଼୍ ।"
୪ ଅଡ଼୍‌କ୍ ଅଣ୍ଡ୍ କେଡ୍‌ତାନ୍, ମିଡ଼୍‌ଆନ୍‌ତେ ନା ୱାୟେତା ଆଞ୍ଜ୍ ପାଡ଼୍‌ୟି
ମାଡ଼ାଟ୍, ମିକିଂଙ୍କ୍ ଟିକ୍ ମଜୁରି ହିଦ୍‌ତାନ୍ ।
୫ ଅଡ଼୍ ଆଞ୍ଜ ପାଡ଼୍‌ୟି ମାଡ଼ାଙ୍କ୍ ପସ୍‌ପଡ଼୍‌ତଡ଼୍ । ଅଣ୍ଡ୍ ଦିନ୍ ବାର୍‌ଟା
ନୁ ତିନ୍‌ଟାତିଙ୍କ୍ ଟିକ୍ ଆଦେଲେକାମ୍ ମେଣ୍ଡେ ବେସ୍‌କ୍ କୁଲିଙ୍କ୍ ତାସ୍
ପାଡ଼ିୟିଦାଗ୍ କାଲ୍‌ପ୍‌ତନ୍ ।
୬ ପାୟାଲ୍ ଅଲ୍ ପାଞ୍ଚଟା ତିଙ୍କ୍ ମେଣ୍ଡନ୍ ଦାମ୍ ହାଟିନା ଆଞ୍ଜ୍ ଉଡ଼୍‌ତନ୍,
ମେଣ୍ଡେ ବେସ୍‌କ୍‌ତୁଡ଼୍ ନିସ୍‌ମିନ୍ଦେଡ଼୍ । ଅଡ଼୍‌କ୍ କେଡ୍‌ତାନ୍, ପାୟାଲ୍

✡ **୧୯:୨୮** ମାତିଉ ୨୫:୩୧; ଲୁକ ୨୨:୩୦. ✡ **୧୯:୩୦** ମାତିଉ ୨୦:୧୬; ଲୁକ ୧୩:୩୦.

ପଡ଼୍‌ଗିନ୍ ପାଡ଼୍‌ୟି ମାଡ଼କଟ୍ ବାତ୍‌ତିଙ୍ଗ୍ ଇଗେ ଦିନାମ୍ ନଷ୍ଟ ମାଡ଼ତ୍ତିଡ଼୍
?
୭ ଅଡ଼୍ କେଡ଼୍‌ତଡ଼୍, ବେନ ତ ମାକିଂଙ୍ଗ୍ ପାଡ଼୍‌ୟିଦିଙ୍ଗ୍ କାର୍‌ଙ୍ଗଗଡ଼୍
। ଅଣ୍ଡ୍ ଅଡ଼୍‌କିଂଙ୍ଗ୍ କେଡ଼୍‌ତାନ୍, “ଆଲେକେ, ମିଡ଼୍ ସାରେତଡ଼ି ନା
ୱାୟେତାଗ୍ ଆଞ୍ଜ୍ ପାଡ଼୍‌ୟି ମାଡ଼ାଟ୍ ।”

୮ “ଆଦ୍‌ଦିନେ ମୁଲ୍‌ପୁଟ୍ ୱାୟେତାଗ୍ ମାଲିକ୍ ଗୁମାସ୍ତାଲ୍
କେଡ଼୍‌ତାନ୍, ‘କୁଲିକିଙ୍ଗ୍ କାର୍‌ଙ୍ଗାଟ୍ । ବେନଡ଼୍ ସାରେତାଗାଙ୍ଗ୍ ପେର୍କେ
ପାଡ଼୍‌ୟି ଦାଗ୍ ୱାଡ୍‌ତଡ଼୍, ମୁନେ ଅଡ଼ାୱୁ ଡାବ୍‌କ୍ ଇମୁଟ୍ ।
୯ ବେନଡ଼୍ ସାରେତିଙ୍ଗ୍ ମୁନେ ପାଡ଼ିୟିମାଡ଼ାଙ୍ଗ୍ ୱାୟେତାଗ୍ ୱାଡ୍‌ତଡ଼୍,
ଅଡ଼ାୱୁ ଡାବ୍‌କ୍ ପେର୍କେ ଇମୁଟ୍ । ପର୍‌ରଡ୍ ଅଲ୍ ପାଞ୍ଚଟା ତିଙ୍ଗ୍ ବେନଡ଼୍
ପାଡ଼୍‌ୟି ତାଗ୍ କାଇଲ୍‌ତଡ଼୍, ଅଡ଼୍‌କିଂଙ୍ଗ୍ ସାରେତଡ଼୍ ୱେର୍‌ର ଲାକା ରୁପା
ମୁଦ୍ରା ହିମୁଟ୍ ।
୧୦ ବେନଡ଼୍ ମୁନେଙ୍ଗ୍ କଞ୍ଜ୍ ପାଡ଼୍‌ୟି ମାଡ଼ାନଡ଼୍‌କ୍, ଅଡ଼୍ ଆଲ୍‌ସ୍‌ତଡ଼୍,
ଅଡ଼୍‌କିଂଙ୍ଗ୍ ଅଦିକ୍ ଡାବ୍‌କ୍ ଦର୍‌କିଡ୍ । ବାତେଙ୍ଗ୍ ଇଡ଼୍‌କେ ଅଡ଼୍‌କ୍
ଆନ୍‌ତେ ୱେରକେ ରୁପାଡ଼ାବ୍‌କ୍ ଦର୍‌କ୍‌ତା ।
୧୧ ବାତେଙ୍ଗ୍ ଇଡ଼୍‌କେ ଅଡ଼୍ ସାରେତଡ଼୍ ଆଞ୍ଜ୍ ମାଲିକ୍ ବିରୁଦ୍ଧତେ ଗଟି
କେତାନଙ୍ଗ୍ ପସ୍‌ପ୍‌ତ୍‌ତଡ଼୍,
୧୨ ପରଡ୍‌ଅଲ୍ ପାଞ୍ଚଟା ତିଙ୍ଗ୍ ପାଡ଼୍‌ୟି ଆରାମ୍ ମାଡ଼ିମାନ୍ଦାନ୍ କୁଲିକିଙ୍ଗ୍
ମାତର୍ ୱେରଡ଼୍ ଗାଣ୍ଟା ପାଡ଼୍‌ୟି ମାଡ଼୍‌ତଡ଼୍ । ମାମ୍‌ମେ ବେସର୍ ଏଦ୍‌ତେ
ଦିନ୍‌ଯାକ କଷ୍ଟ ଆଡ଼୍‌ତମ୍, ମଜୁରି ହିଦାନ୍ ୱେଲେ ଅଡ଼୍‌କିଂଙ୍ଗ୍ ମା
ସାମାନ୍ ହିଡ୍‌ତିନ୍ ।’
୧୩ ମାଲିକ୍ ଅଡ଼୍ ତାଗାଙ୍ଗ୍ ୱେରଙ୍ଗ୍ କେଡ଼୍‌ତାନ୍, ନାନ୍ ମିକିଂଙ୍ଗ୍
ବୁସାମାଡ଼ନ୍ । ଅଣ୍ଡ୍ ଦିନ୍ ଯାକ ପାଡ଼୍‌ୟି ମାଡ଼୍‌କେ ୱେରଡ଼୍ ଡାବ୍ ଆସ୍
ପାଡ଼ିୟିମାଡ଼ାଙ୍ଗ୍ ମିଡ଼୍ ସାରେତଡ଼ି ତ ରାଜି ଆସ୍ ୱାଡ୍‌ତିଡ଼୍ ।
୧୪ ମିଡ଼୍ ଆଉ ଡାବ୍‌କ୍ ଆସ୍ ଲନ୍‌ଆନୁଟ୍ । ମିକିଂଙ୍ଗ୍ ବାଡ୍ ହିଡ୍‌ତାନ୍,
ଅନ୍ ଗାଣ୍ଟା ପାଡ଼୍‌ୟି ମାଡ଼୍‌ତେ ନାରିଙ୍ଗ୍ ଆସର୍ ହିଦାଙ୍ଗ୍ ନାୟାଦ୍ ଇଚ୍ଛା ।
୧୫ ନିଜେଡ୍ ସମ୍ପତିତିଙ୍ଗ୍ ନିଜେଡ୍ ଇଚ୍ଛାତେ ଲେକେଡ୍ ମାଡ଼ାଙ୍ଗ୍
ବାତେଏ ନାୟାଦ୍ ଅଦିକାର୍ ଇଲ୍‌ଲେ ? ଇଲା ନାନ୍ ସୁଦୁଟ୍ ଦୟା
ମାଡ଼ତ୍ତାନ୍ ଇଞ୍ଜ୍ ମିଡ଼୍ ଆଂକାର୍ ଆଦୁତିଡ଼୍ ?”

୧୬ ✡ଆଦ୍ ୱେଷଡ଼୍ ତେର୍ସ୍‌ପି ଜିସୁ କେଡ୍‌ତାନ୍, "ବେନଡ଼୍ ଇଞ୍ଜେ
ପେର୍କେ ମିନ୍ଦେ ଅଡ଼୍ ମୁନେ ୱାଦ୍‌ତଣ୍ଡ୍ ନୁ ବେନଡ଼୍ ମୁନେ ମିନ୍ଦେ, ଅଡ଼୍
ପେର୍କେ ଆଦ୍‌ତଡ଼୍ ।"

## ଜିସୁ ତାନ୍ ଡଲାନ୍ ବିଷୟ୍‌ତେ ତୃତୀୟ ଦାମ୍ କେଡ୍‌ତାନ୍

*(ମାର୍କ ୧୦:୩୨-୩୪; ଲୁକ ୧୮:୩୧-୩୪)*

୧୭ ଜିସୁ ଜିରୁଶାଲମ୍‌ତା ଆଦାନ୍ ଆର୍‌ଦାଗ୍ ବାରଜାନ୍ ଶିଷ୍ୟଡ଼୍‌କ୍
ଅଣ୍ଡ୍‌ୟାଗେ କାର୍‌ଙ୍ଗି ଅସ୍ ୱେରଡ଼୍ ଦାମ୍ କେଡ୍‌ତନ୍,
୧୮ "କେଞ୍ଜାଟ୍ ମାନାଡ଼୍ ଯିରୁଶାଲେମ୍ ତା ଆଦୁତାଡ଼୍ । ଆଗେ ମୁକ୍ୟ
ଯାଜକ୍ ନୁ ଦର୍ମଗୁରୁନଡ଼୍ ଅଂକିଙ୍କ୍ ଡଲାନ୍ ଦଣ୍ଡ୍ ହିଦ୍‌ତଡ଼୍ ।
୧୯ ଅଡ଼୍ ନାକିଂଙ୍କ୍ ଡଲାନ୍ ଦଣ୍ଡ୍ ହିଦ୍‌ତଡ଼୍ ନୁ ବିଜାତିୟ ଅଣଯିହୁଦିଡ଼୍
କାଇଦେ ୱିଡ଼୍‌ସିଦ୍‌ତଡ଼୍ । ବିଜାତିଡ଼୍ ଅଂକିଙ୍କ୍ ପରିହାସ୍ ମାଡ଼ିତଡ଼୍,
କରଡ଼ାତଡ଼୍ ରେହେତିତଡ଼୍ ନୁ କ୍ରୁଶତାଗ୍ ତାପର୍ତଡ଼୍ । ବାତେଙ୍କ୍
ଇଡ୍‌କେ ମୁଣ୍ଡ୍‌ଦିନାନ୍ ପେର୍କେ ପେର୍କେ ମେଣ୍ଡେ ଜିୱେ ଆଦ୍‌ତନ୍ ।"

## ୱେରଡ଼୍ ୟାୟାନ୍ ଅନୁରଦ୍

*(ମାର୍କ ୧୦:୩୫-୪୫)*

୨୦ ଆଦ୍ ସମୟ୍‌ତେ ଜେବଦିନ୍ ମୁଡ୍‌ତେ ତାନ୍ ରେଣ୍ଡେ ପିଲାନ୍
ତଡ଼୍ ଜିସୁନ୍ ପାକେ ୱାଡ୍‌ତେ । ଜିସୁଙ୍କ୍ ପ୍ରଣାମ୍ ମାଡ଼ି ଅଂକିଙ୍କ୍ ଅନୁଗ୍ରହ
ତାଲ୍‌କ୍‌ତେ ।
୨୧ ଜିସୁ ତାଙ୍କ୍ କେଡ୍‌ତାନ୍, "ବାତେଏ ଇଚ୍ଛା ମାଡ଼୍‌ତ୍ରିନ୍ ?" ଆଦ୍
କେଲ୍‌ଲା, "ନିମ୍ ବେସୁଙ୍କ୍ ରାଜାନି ଆଦ୍‌ତିଡ଼୍, ନା ଇ ରେଣ୍ଡ୍ ପିଲାଙ୍କ୍ ନି
ଡେବେ ପାକେ ନୁ ତିନ୍ଦେ ପାକେ କୁସ୍‌ପାଙ୍କ୍ ନିମ୍ ନାକ୍ ଗଟ୍‌ଇମ୍ ।"
୨୨ ଜିସୁ ଜେବଦିନ୍ ପିଲାଙ୍କ୍ ଉତ୍ତର୍ ଇସ୍ ତାଙ୍କ୍ କେଡ୍‌ତାନ୍, "ନିମ୍
ବାତେଏ ତାଲ୍‌କୁତିନ୍, ନାନ୍ ବୁଜେମ୍ ଆୟନ୍ । ନାନ୍ ବେନ୍ ଦୁଃକାମ୍
ତେ ପାନପାତ୍ର ଉନ୍ଦାଙ୍କ୍ ଆଦୁତାନ୍, ମିଡ଼୍ ବାତେଏ ଆଦିଙ୍କ୍ ଉନ୍ଦେ
ପାର୍‌ତିଡ଼୍ ?" ଅଡ଼୍ କେଡ୍‌ତଡ଼୍, "ହୋ ପାର୍‌ତମ୍ ।"
୨୩ ଜିସୁ ଅଡ଼୍‌କିଂଙ୍କ୍ କେଡ୍‌ତାନ୍, "ବାସ୍ତବିକ ମିଡ଼୍ ନାୟାଦ୍ ଆଦ୍
ପାନପାତ୍ର ତାଗାଙ୍କ୍ ଉନ୍ଦ୍‌ତିଡ଼୍ । ବାତେଙ୍କ୍ ଇଡ୍‌କେ ତିନ୍ଦେପାକେ ବା
ଡେବେପାକେ କୁଦାନ୍ ସେଙ୍ଗେ ବେନଙ୍କ୍ ହେଞ୍ଜି ମାଡ଼ମାନ୍ଦାନ୍ ଅଦିକାର୍

✡ **୨୦:୧୬** ମାତିଉ ୧୯:୩୦; ମାର୍କ ୧୦:୩୧; ଲୁକ ୧୩:୩୦.

ନାୟାଦ୍ ଇଲ୍ଲେ । ବେନଡ଼୍ ସେଙ୍ଗେ ନା ବାବାଲ୍ ଆଦ୍ ପଡ଼ିୟେ
ତିଆର୍ ମାଡ଼୍ତଣ୍ଡ୍, ଆଦ୍ ମାତର୍ ଅଡ଼୍ ସେଙ୍ଗେ ।”
²⁴ ବେସୁଙ୍କ୍ ବାଗାତଡ଼୍ ଶିଷ୍ୟଡ଼୍ ଇଦ୍ ଗଟ୍ କେଞ୍ଜ୍ତଡ଼୍, ଅଡ଼୍ ତାମୁଣ୍ଡ୍
ଇର୍ୱୁଡ଼୍ ପର୍ର କପାମ୍ ଆଡ଼୍ତଡ଼୍ ।
²⁵ ✡ଜିସୁ ଶିଷ୍ୟଡ଼କ୍ ଅଣ୍ତୟାଗେ ମାଡ଼ି କେଡ଼୍ତନ୍, “ମିଡ଼୍ ପୁଡ଼୍ତିଡ଼୍,
ଇ ଜଗତ୍ତେ ରାଜାନଡ଼୍ ବିଜାତିଡ଼୍ ପର୍ର ପ୍ରବୁନ୍ଲେକାମ୍ ବିଚାର୍
ମାଡ଼ମାନ୍ତଡ଼୍ ନୁ ବେଡ଼ିଇ ନେତ୍ତାନଡ଼୍ ମିକା ବାଗାତଡ଼୍ ପର୍ର
ଶାସନ୍ ମାଡ଼ିତଡ଼୍ ।
²⁶ ✡ମିଇ ଲୋପେ ଆଦ୍ଲେକାମ୍ ଆୟ୍ୟ, ବାତେଙ୍କ୍ ଇଡ଼୍କେ ମିଇ
ଲୋପେ ବେନ ବେଡ଼ିୟନ୍ ଆଡ଼୍ତାଙ୍କ୍ ଇଚ୍ଛା ମାଡ଼୍ତୁଣ୍ଡ୍, ଅଣ୍ଡ୍ ମିଇ ଦାସ
ଲେକାମ୍ ଆୟିନ୍ ।
²⁷ ମିୟାଗାଙ୍କ୍ ୱେରନ୍ ବେଡ଼୍ୟନ୍ ଆଡ଼୍ତାଙ୍କ୍ ଆଲ୍ସ୍କେ, ଅଣ୍ଡ୍
ବାଗାତଡ଼୍ ଦାସ ଆଦ୍ତନ୍ । ମିୟାଗାଙ୍କ୍ ବେନ ମହାନ୍ ଆଡ଼୍ତାଙ୍କ୍
ଆଲ୍ସିତନ୍, ଅଣ୍ଡ୍ ମିଇ ଦାସ ଆୟ୍ୟଣ୍ଡ୍,
²⁸ ବେଦ୍ଲେକାମ୍ ନାରିନ୍ ପିଲେ ସେବା ଆଦାନ୍ ସେଙ୍ଗେ ୱାଡ଼ଣ୍ଡ୍
ସେବାମାଡ଼ି ବାଗାତଡ଼ାଓ ମୁକ୍ତି ସେଙ୍ଗେ ନିଜେଡ଼୍ ଜିୱୁନ୍ ହିଦାଙ୍କ୍
ୱାଡ଼୍ତନ୍ ।”

## ଜିସୁ ଇର୍ୱୁଡ଼୍ କାନାଲଡ଼୍ କଣ୍ଡାଙ୍କ୍ ସୁସ୍ଥ ମାଡ଼୍ତଣ୍ଡ୍
*(ମାର୍କ ୧୦:୪୬-୫୨; ଲୁକ ୧୮:୩୫-୪୩)*

²⁹ ଅନ୍ ଦିନ୍ ଜିସୁ ଶିଷ୍ୟଡ଼୍ତଡ଼୍ ଯିରୀୟ ସହର୍ତିଙ୍କ୍ ୱିଡ଼୍ସି ଆଦାନ୍
ୱେଲେ ନାର୍ଗେ ନାରୁଡ଼୍ ଅନ୍ ପର୍କେ ପେର୍କେ ଆଦ୍ତଡ଼୍ ।
³⁰ ରଟ୍ ଆଞ୍ଜିନା କୁଦିମାନ୍ଦାନ୍ ଇର୍ୱୁଡ଼୍ କାନାଲଡ଼୍, ଜିସୁ ଆଦ୍ଆର୍
ୱାଦୁତନ୍ ଇଞ୍ଜ କାନାଲଡ଼୍ କେଞ୍ଜି ଗାଟି ଲେଙ୍ଗ୍ଦେ କାର୍ଗୁଡ଼୍ତଡ଼୍ “ହୋ
ପ୍ରବୁ, ଦାଉଦ୍ ତେ ମାର୍; ମାକିଂଙ୍କ୍ ଦୟା ମାଡ଼େ ।”
³¹ ନାରୁଡ଼୍ ଅଡ଼୍କ୍ ଦମକ୍ ଇସ୍ କଟ ଆଡ଼୍ତାଙ୍କ୍ କେଡ଼୍ତଡ଼୍ । ବାତେଙ୍କ୍
ଇଡ଼୍କେ ଅଡ଼୍ ମେଣ୍ଣ୍ଡେ ଗାଟି ଲେଙ୍ଗ୍ଦେ କାର୍ଙ୍କ୍ ତଡ଼୍, “ଦାଉଦ୍ତେ
ମାର୍; ମାକିଂଙ୍କ୍ ଦୟାମାଡ଼େ ।”

✡ **୨୦:୨୫** ଲୁକ ୨୨:୨୫,୨୬. ✡ **୨୦:୨୬** ମାତିଉ ୨୩:୧୧; ମାର୍କ ୯:୩୫; ଲୁକ ୨୨:୨୬.

୩୨ ଜିସୁ ଆଗେନିସ୍ ଅଡ଼୍‌କିଂଙ୍କ୍ କାଡ଼୍‌ଗିଂ କେଡ୍‌ତାନ୍, “ନାନ୍ ମିଇ ସେଙ୍ଗେ ବାତେଏ ମାଡ଼ିତାନ୍ ଇଞ୍ଚ ଆଲ୍‌ସୁତିଡ଼୍ ?”
୩୩ ଅଡ଼୍ କେଡ୍‌ତଡ଼୍, “ପ୍ରବୁ ମାକିଂଙ୍କ୍ ଉଡ଼ାନ୍ ଶକ୍ତି ଇମ୍ ।”
୩୪ ଜିସୁ ଦୟାତେ ବିଗଲିତ ଆସ୍ ଅଡ଼୍ କଣ୍ଡାଙ୍କ୍ ଇଟ୍‌ତଣ୍ଡ । ସାଙ୍ଗେ ସାଙ୍ଗେ ଅଡ଼୍ ଉଡ଼୍‌ତଡ଼୍ ନୁ ଜିସୁନ୍ ପେର୍କେ ପେର୍କେ ଆଦ୍‌ତଡ଼୍ ।

# ୨୧

## ଯିରୁଶାଲେମ୍‌ତାଗ୍ ଜିସୁ ଗୌରବ୍‌ତେ ହସାନାଦ୍

*(ମାର୍କ ୧୧:୧-୧୧; ଲୁକ ୧୯:୨୮-୪୦; ଯୋହନ୍ ୧୨:୧୨-୧୯)*

୧ ଜିସୁ ନୁ ତାନ୍ ଶିଷ୍ୟଡ଼୍ ଯିରୁଶାଲେମ୍ ତେ ଗାଡ଼୍‌ରେହେଉସ୍ ବେଡ୍‌ପାଗୀ ସହର୍ ସୁଦୁଟ୍ ଯେକା ମାନ୍ଦାନ୍ ଜୀତ ମେଟେତାଗ୍ ହେଉତଡ଼୍ ।
୨ ଇଡ଼୍‌ୱୁଡ଼୍ ଶିଷ୍ୟଡ଼କ୍ ଆଦେଶ୍ ଇସ୍ ଜିସୁ କେଡ୍‌ତାନ୍, “ମୁନେ ମାନ୍ଦାନ୍ ଆଦ୍ ନାଡ଼୍ ଆନୁଟ୍ । ଆଗେ ହେଉଦାନ୍ ୱେଲେ ଉଡ଼ିତିଡ଼୍, ୱେରଡ଼୍ ଗଦ ତହସ୍ ମାନ୍‌ତଡ଼୍ ନୁ ତାନ୍ ଗାଡ଼୍‌ରେ ତାନ୍ ପିଲେ ମିନ୍ଦେ । ଆଦିଙ୍କ୍ ଲେସ୍ ନା ପାକେ ତାଡ଼ାଟ୍ ।
୩ ବେନ ବାତେଏ କେଡ୍‌କେ, କେତିତିଡ଼୍ ଇଦ୍ ଗୁରୁଙ୍କ୍ ଦଡ଼୍‌କାଡ଼୍ ମିନ୍ଦେ । ଆସୁଙ୍କ୍ ସାଙ୍ଗେ ସାଙ୍ଗେ ଅଣ୍ଡ ଅଡ଼୍‌କିଂଙ୍କ୍ ରସିଡ୍‌ତନ୍ ।”
୪ ହି ଗଟ୍‌ନା ତଡ଼୍ ବାବବାଦୀଡ଼୍ ମଦଲ୍ କେଡ୍‌ତାଦ୍ ବାଣି ସାରେ ହାଡ୍‌ତେ ।
୫ “ସିୟନ୍‌ତେ କନ୍ୟାୟାତିଙ୍କ୍ କେଲ୍‌ମୁଟ୍ ।
ଉଡ଼ାଟ୍, ମିଇ ରାଜାଲ୍ ମିଇ ପାକେ ୱାଦୁତନ୍,
ଅଣ୍ଡ ବେସର୍ ନମ୍ର ଗଦପିଲେଡ୍ ପରୁକୁଦି ୱାଦୁତନ୍;
ଉଡ଼ାଟ୍, ଅଣ୍ଡ ଗଦପରୁ କୁଦି ୱାଦୁତନ୍ ।”
୬ ଶିଷ୍ୟଡ଼୍ ଆଞ୍ଜ୍ ଜିସୁ କେଡ୍‌ତେ ଲେକାମ୍ ମାଡ଼୍‌ତଡ଼୍ ।
୭ ଗଦ ନୁ ତାନ୍ ପିଲେତିଙ୍କ୍ ତାସ୍ ନିଜେ ନିଜେତାଉ ସିଲେ ଗଦଡ୍ ପରୁ ୱାଟି ଜିସୁଙ୍କ୍ କୁସ୍‌ପ୍‌ତଡ଼୍ ।
୮ ଆଗେ ମାନ୍ଦାନ୍ ନାରୁଡ଼୍ ଜିସୁ ଆଦାନ୍ ଆଡ଼୍‌ଦାଗ୍ ନିଜେ ନିଜେଡ୍‌ତାଉ ସିଲେ ତାଡ଼୍‌ତଡ଼୍ ନୁ ବେସ୍‌କ୍ ତଡ଼୍ ହେଡେଲ୍ ମାଡ଼େଡ୍ ମେଟା ନାଡ଼୍‌କି ତାସ୍ ଆଦାନ୍ ଆଡ଼୍‌ଦାଗ୍ ୱାଟ୍‌ଟଡ଼୍ ।

୯ ଜିସୁନ୍ ମୁନେ ନୁ ପେର୍କେ ଆଞ୍ଜମାନ୍ଦାନ୍ ନାରୁଡ଼୍ ଗାଟି ଲେଙ୍ଗ୍ଦେ
କେଡ଼୍ତଡ଼୍, "ଦାଉଦ୍ତେ ମାରିଙ୍କ୍ ପ୍ରସଂଶା ହାଇ, ବେନ ପ୍ରବୁନ୍
ପେଦେର୍ତେ ୱାଦୁତନ୍, ଇଶ୍ୱର୍ ଅଂକିଙ୍କ୍ ଆଶିର୍ବାଦ୍ ମାଡ଼ିଣ୍ଡ୍ ।
ଇଶ୍ୱର୍ତେ ପ୍ରସଂଶା ମାଡ଼ାଟ୍ ।"
୧୦ ଜିସୁ ଯିରୁଶାଲେମ୍ ହେଉଦାନ୍ ୱେଲେ ଆଗେ ଅଂକିଙ୍କ୍ ଉଡାଙ୍କ୍
ନାରୁଡ଼୍ ଗୁଡ଼୍ତଡ଼୍ ।
୧୧ ନାରୁଡ଼୍ କେଡ଼୍ତଡ଼୍, ଅଣ୍ଡ୍ ବେନ ? ବାଗାତଡ଼୍ କେଡ଼୍ତଡ଼୍, "ଅଣ୍ଡ୍
ଆଦୁତନ୍, ଗାଲିଲୀତେ ନାଜରିତିୟ ବାବବାଦୀ ଜିସୁ ।"

## ଜିସୁ ମନ୍ଦିର୍ତା ଆଡ଼୍ତନ୍

(ମାର୍କ ୧୧:୧୫-୧୯; ଲୁକ ୧୯:୪୫-୪୮; ଯୋହନ୍ ୨:୧୩-୨୨)

୧୨ ଜିସୁ ମନ୍ଦିର୍ ଲୋପେ ଆଞ୍ଜ୍ ଆଗେ ଆସାନ୍ ୱାମାନ୍ ମାଡ଼ମାନ୍ଦାନ୍
ସାରେତଡ଼୍କିଂଙ୍କ୍ ବାଇଦେ ପେସ୍ପିତନ୍ । ଡାବ୍କ୍ ବ୍ୟବସାହୀଡ଼୍ ବେଦି ନୁ
ବଡେ ୱାମାନଡ଼୍ ମେଜତିଙ୍କ୍ ଉଲ୍ଟା ମାଡ଼ିତ୍ତନ୍ ।
୧୩ ଅଡ଼୍କ୍ ଅନ୍ କେଡ଼୍ତାନ୍, "ଦର୍ମଶାସ୍ତ୍ରତାଗ୍ ଲେକାମିନ୍ଦେ, 'ନା
ମନ୍ଦିର୍ ପ୍ରାର୍ତନା ଲୋନ୍ ଇଞ୍ଜ୍ କ୍ୟାତ ଆଦ୍ତେ,' ବାତେଙ୍କ୍ ଇତ୍କେ ମିଡ଼୍
ଆଦିଙ୍କ୍ ଦସ୍ୟୁଡ଼୍ ଲୋନ୍ ଲେକାମ୍ ମାଡ଼୍ତିଡ଼୍ ।"
୧୪ ଜିସୁ ମନ୍ଦିର୍ତାଗ୍ ମାନ୍ଦାନ୍ ୱେଲେ କାନାଲଡ଼୍ ନୁ କୁଟାଲଡ଼୍କ୍
ଅନ୍ ପାକେ ୱାତ୍ତଡ଼୍ ନୁ ଜିସୁ ଅଡ଼୍କ୍ ସୁସ୍ଥ ମାଡ଼୍ତଣ୍ଡ୍ ।
୧୫ ବେଡ଼ିଇ ଯାଜକ୍ ନୁ ଦର୍ମଗୁରୁଡ଼୍ ଅନ୍ ବାକ୍ୱା ପାଡ଼୍ୟି ସାରେ ଉଡ଼ି
ନୁ ପିଲାକି ଦାଉଦ୍ତେ ମାରିଙ୍କ୍ ପ୍ରସଂଶା ଇଞ୍ଜ୍ କେସମାନ୍ଦାନ୍ କେଞ୍ଜି
କପାମ୍ ଆଦ୍ତଡ଼୍ ।
୧୬ ଅଡ଼୍ ଜିସୁଙ୍କ୍ କେଡ଼୍ତଡ଼୍, "ଇଡ଼୍ ବାତେଏ କେସମିନ୍ଦେଡ଼୍, ନିମ୍
କେଞ୍ଜୁତିନ୍ ?" ଜିସୁ କେଡ଼୍ତାନ୍, "ନିଜାମ୍ କେଞ୍ଜୁତାନ୍ । ଦର୍ମଶାସ୍ତ୍ରତାଗ୍
ଇଦ୍ ଗଟ୍ ବାତେଏ କାର୍ୱିଡ଼୍ ? ନିମ୍ ପିଲା ନୁ ସୁଦୁ ପିଲାଙ୍କ୍
ସାୟେଲେକାମ୍ ପ୍ରସଂଶା ମାଡ଼ାନ୍ ଶିକ୍ଷା ହିତ୍ତିନ୍ ।"
୧୭ ଇଦ୍ କେସ୍ ଜିସୁ ଅଡ଼୍କ୍ ୱିଡ଼୍ସି ଯିରୁଶାଲେମ୍ ତାଗାଙ୍କ୍
ବେତନିୟାତାଗ୍ ଆଡ଼୍ତଣ୍ଡ୍ । ଆଗେ ଅଣ୍ଡ୍ ନାର୍କା ତିଙ୍କ୍ ମାଡ଼୍ତନ୍ ।

## ଜିସୁ ତୟାମାଡ଼ାତିଙ୍କ୍ ଅବିଶାପ୍ ହିତ୍ତନ୍

(ମାର୍କ ୧୧:୧୨-୧୪,୨୦-୨୪)

୧୮ ତାନ୍ ମେଣ୍ଡନ୍ ଦିନ୍ ନାର୍‌କୁକ୍ ଜିସୁ ଯିରୁଶାଲେମ୍ ତା ଆଦାନ୍
ୱେଲେ ଗାଟି କାର୍‌ପୟିତେ ।
୧୯ ଆର୍ ଗାର୍‌ରେ ୱେରଡ଼୍ ତୟାମାଡ଼ା ମାଡ଼୍‌ତେ । ଜିସୁ ମାଡ଼େଡ଼୍
ଗାର୍‌ରେ ଆଞ୍ଜ୍ ଆଗେ ଅଂକିଙ୍ଗ୍ ୱିଡ଼୍‌ସି ମେଣ୍ଡେ ବାତେଏ ଉଡ଼ନ୍ ।
ଆଦିଙ୍ଗ୍ ଅଣ୍ଡ୍ ମାଡ଼େତିଙ୍ଗ୍ କେଡ଼୍‌ତାନ୍, “ନିମ୍ ମେଣ୍ଡେ ବେସୁଙ୍ଗ୍‌ବା କାୟା
ଆଦ୍‌ୱିନ୍ ।” ଆସୁଙ୍ଗ୍ ସାଙ୍ଗେ ସାଙ୍ଗେ ତୟା ମାଡ଼ା ୱାସିଆଡ଼୍‌ତେ ।
୨୦ ଶିଷ୍ୟଡ଼୍ ଆଦ୍‌ଉଡ଼ି ବାକ୍‌ୱା ଆସ୍ କେଡ଼୍‌ତଡ଼୍, “ତୟା ମାଡ଼େ
ହିସର୍ ଯାପେ ବେଲା ୱାସ୍‌ତେ ?”
୨୧ ✡ଜିସୁ ଉତ୍ତର୍ କେଡ଼୍‌ତାନ୍ “ନାନ୍ ନିକିଂଙ୍ଗ୍ ନିଜାମ୍ କେତୁତାନ୍,
ମନ୍‌ତାଗ୍ ଇସୁର୍‌ମିକା ଏର୍କା ମାଡ଼୍‌କଟ୍ ସାରେ ବିଶ୍ୱାସ୍ ମାଡ଼ାଟ୍, ନାନ୍
ଇ ତୟା ମାଡ଼େଡ଼୍ ସେଙ୍ଗେ ବାଡ଼୍‌ମାଡ଼୍‌ତାନ୍, ମିଡ଼୍ ମିକା ଆଲା ମାଡ଼େ
ପାର୍‌ଦ୍‌ତିଡ଼୍ । ମାତର୍ ଆସର ଆୟ୍‌ୟ, ଇ ମେଟେ ତେଦିମିକା ସମୁଦ୍ର
ତାଗ୍ ରାଲ୍ ଇଞ୍ଜ କେଡ଼୍‌କେ, ଆଦ୍‌ମିକା ଆଦ୍‌ତେ ।
୨୨ ବିଶ୍ୱାସ୍‌ତେ ପ୍ରାର୍ଥନାତାଗ୍ ବାଡ଼୍ ତାଲ୍‌କିତିଡ଼୍ ଆଦ୍ ଦର୍‌କିଡ଼୍ ।”

### ଜିସୁନ୍ ଅଦିକାର୍ ବିଷୟ୍‌ତେ ପ୍ରଶ୍ନ
### (ମାର୍କ ୧୧:୨୭-୩୩; ଲୁକ ୨୦:୧-୮)

୨୩ ଜିସୁ ମନ୍ଦିର୍ ତା ମାଲ୍‌ସ୍ ୱାସ୍ ଆଗେ ଶିକ୍ଷା ହିଦାନ୍ ୱେଲେ
ବେଡ଼ିଇ ଯାଜକ୍ ନୁ ଯିହୁଦିନେତାନଡ଼୍ ଅଂକିଙ୍ଗ୍ କେଡ଼୍‌ତଡ଼୍, “ବେନ୍
ଅଦିକାର୍‌ତେ ନିମ୍ ହିଉସାରେ ପାଡ଼୍‌ୟି ମାଡ଼୍‌ତିନ୍ ? ନିକିଂଙ୍ଗ୍ ଇ
ଅଦିକାର୍ ବେନ ହିଡ଼୍‌ତନ୍ ?”
୨୪ ଜିସୁ କେଡ଼୍‌ତାନ୍, “ନାନ୍ ମିକିଂଙ୍ଗ୍ ମାତର୍ ୱେରଡ଼୍ ପ୍ରଶ୍ନ
କେତିତାନ୍ । ତାନ୍ ଉତ୍ତର୍ ଇଡ଼୍‌କେ, ନାନ୍ ବେନ୍ ଅଦିକାର୍‌ତେ
ହିଉସାରେ ପାଡ଼୍‌ୟି ମାଡ଼୍‌ତୁାନ୍, ମିକିଂଙ୍ଗ୍ କେତିତାନ୍ ।
୨୫ ବାପ୍ତିସ୍ମ ଇଦାନ୍ ଯୋହନ୍ ବେନନାଗାଙ୍ଗ୍ ଶକ୍ତି ପାଏମ୍‌ଆଡ଼୍‌ତନ୍
ଇଶ୍ୱର୍‌ତାଗାଙ୍ଗ୍ ନା ନାରୁଡ଼ାଗାଙ୍ଗ୍ ?” ଅଡ଼୍ ତାମ୍ ତାମ୍ ଲୋପେ ହେର୍କା
ମାଡ଼୍‌ତଡ଼୍, “ଇ ବିଷୟ୍‌ତେ ବାତେଏ କେତିକାଡ଼୍ ? ଯଦି କେତିକା
ଇଶ୍ୱର୍ ତାଗାଙ୍ଗ୍, ଆଲେକେ ଯୋହନ୍ ତିଙ୍ଗ୍ ବାଡ଼୍‌ତିଙ୍ଗ୍ ବିଶ୍ୱାସ୍ ମାଡ଼୍‌ୱିଡ଼୍
ଇଞ୍ଜ୍ ଅଣ୍ଡ୍ ମାନ୍ କେତିତଣ୍ଡ୍ ।

✡ **୨୧:୨୧** ମାତିଉ ୧୭:୨୦; ୧ କରନ୍ତିୟ ୧୩:୨.

୨୬ ନାରୁନାଗାଙ୍କ୍ ଇଞ୍ଜ୍ ଯଦି କେତିତାଡ଼୍, ଆଲେକେ ନାରୁଡ଼କ୍
ମାନାଙ୍କ୍ କାଲ୍‌କିନ୍ ତଡ଼୍ ରେହେତିତଡ଼୍, ବାତେଙ୍କ୍ ଇଡ଼କେ ଯୋହନ୍
ୱେରନ୍ ବାବବାଦୀ ଇଞ୍ଜ୍ ଅଡ଼୍ ବିଶ୍ୱାସ୍ ମାଡ଼ତୁଡ଼୍ ।”
୨୭ ଆଦ୍ ଏର୍କା ମାଡ଼ି ଜିସୁଙ୍କ୍ କେତ୍‌ତଡ଼୍, ମାମ୍‌ମେ ପୁନମ୍ । ଜିସୁ ଅଡ଼୍
କେତ୍‌ତାନ୍, “ବେନ୍ ଅଦିକାର୍‌ତେ ହିୱୁସାରେ ମାଡ଼ତୁାନ୍, ନାନ୍ ମିକା
ମିକିଂଙ୍କ୍ କେଲନ୍ ।”

## ଇର୍‌ୱୁଡ଼୍ ପେକଡ଼୍‌ତେ ୱେଷଡ଼୍

୨୮ “ଆଲେକେ ଇ ବିଷୟ୍‌ତେ ମିଡ଼୍ ବାତେଏ ଆଲ୍‌ସୁତିଡ଼୍,
କେଲ୍‌ମୁଟ୍ । ୱେରନ୍ ନାରୁନ୍, ଇର୍‌ୱୁଡ଼୍ ମାର୍‌କ୍ ମାତ୍‌ତଡ଼୍ । ଅନ୍‌ଦିନେ
ବେଡ଼୍‌ଇ ପେକାଙ୍କ୍ କେତ୍‌ତାନ୍, ବାବୁ ନେଣ୍ଡ୍ ମାନ୍ ଅଙ୍ଗୁର୍ ୱାୟେତାଗ୍
ଆଞ୍ଜ୍ ପାଡ଼୍‌ୟି ମାଡ଼େ ।
୨୯ ଇଲା ନାନ୍ ମାଡ଼ନ୍, ଇଞ୍ଜ୍ ବେଡ଼ିଇ ପେକାଲ୍ କେତ୍‌ତାନ୍ ।
ବାତେଙ୍କ୍ ଇଡ଼କେ ତାନ୍ ପେର୍କେ ମନ୍‌ଦାଗ୍ ଏର୍କା ମାଡ଼ି ପାଡ଼୍‌ୟି ମାଡ଼ାଙ୍କ୍
ଆଦ୍‌ତନ୍ ।
୩୦ ଆଦ୍ ନାରୁନ୍ ସୁଦୁନ୍ ପେକାଙ୍କ୍ ଆଦ୍ ପାଡ଼୍‌ୟି ମାଡ଼ାଙ୍କ୍ କେତ୍‌ତାନ୍
। ଆଲେ ବାବା, ଆଦ୍‌ତନ୍ ଇଞ୍ଜ୍ ସୁଦୁନ୍ ପେକାଲ୍ କେତ୍‌ତାନ୍ ।
ବାତେଙ୍କ୍ ଇଡ଼କେ ଅଣ୍ଡ୍ ପାଡ଼ିୟିଦାଗ୍ ମିକା ଆନନ୍ ।”
୩୧ କେଲ୍‌ମୁଟ୍ ଇର୍‌ୱୁଡ଼୍ ପେକଡ଼ାଗାଙ୍କ୍ ବେନ ତାମ୍ ବାବାନ୍ ଗଟ୍
କେଞ୍ଜ୍‌ତନ୍ । ଅଡ଼୍ କେତ୍‌ତଡ଼୍ ବେଡ଼ିଇ ପେକାଲ୍ । ଜିସୁ ଅଡ଼୍‌କିଂଙ୍କ୍
କେତ୍‌ତାନ୍, “ନାନ୍ କେତୁତାନ୍ କର ଆଦାୟ୍ ମାଡ଼ାନଡ଼ି ନୁ କଜାନଡ଼୍
ମିୟାଗାଙ୍କ୍ ମୁନେଙ୍କ୍ ଇଶ୍ୱର୍‌ତେ ରାଜ୍ୟତାଗ୍ ଆଦ୍‌ତଡ଼୍ ।”
୩୨ ✡ବାପ୍ତିଜିକ ଯୋହନ୍ ମିଇ ପାକେ ୱାସ୍ ସାୟେଡ଼୍ ଆର୍ ତଅସିସ୍
ମାତ୍‌ତନ୍, ବାତେଙ୍କ୍ ଇଡ଼କେ ମିଡ଼୍ ଅଂକିଙ୍କ୍ ବିଶ୍ୱାସ୍ ମାଡ଼୍‌ୱିଡ଼୍ । ଆଗେକ୍
ବା କର ଆଦାୟ୍ ମାଡ଼ାନଡ଼ି ନୁ କଜାନଡ଼୍ ଅନ୍ ଗଟ୍‌ତେ ବିଶ୍ୱାସ୍
ମାଡ଼୍‌ତଡ଼୍, ଆଦ୍ ଉଡ଼ିମିକା ମିଡ଼୍ ମନ୍ ବାଦ୍‌ଲାମାଡ଼ି ଅଂକିଙ୍କ୍ ବିଶ୍ୱାସ୍
ମାଡ଼ାଟ୍ ।

## ଅଙ୍ଗୁର୍ ୱାୟେତାଗ୍ ବାଗ୍ ଚାଷୀନଡ଼୍ ୱେଷଡ଼୍
## (ମାର୍କ ୧୨:୧-୧୨; ଲୁକ ୨୦:୯-୧୯)

---

✡ **୨୧:୩୨** ଲୁକ ୩:୧୨; ୭:୨୯,୩୦.

୩୩ ଜିସୁ କେଡ଼ତାନ୍, "ମେଣ୍ଡ୍ରନ୍ ୱେଷଡ଼୍ କେଞ୍ଜାଟ୍ ।" ୱେରନ୍
ୱାୟେଡ଼୍ ମାଲିକ୍ ତାନ୍ ୱାୟାନାଗ୍ ଅଙ୍ଗୁର୍ ଚାଷ୍ ମାଡ଼୍ତଣ୍ଡ୍ । ୱେଲୁମ୍
କୁର୍ତନ୍ ନୁ ମାନ୍ଦାନ୍ ସେଙ୍ଗେ ୱେରଡ଼୍ ଗୁଡ଼ସ୍ଲା ମିକା ତିଆର୍ ମାଡ଼୍ତଣ୍ଡ୍
। ତାନ୍ ପେର୍କେ ୱାୟାନାଗାଙ୍କ୍ ଚାଷିନଡ଼୍କିଙ୍କ୍ ଦୁଡ଼େ ୱିଡ଼୍ଷିସ୍ ଅଣ୍ଡ୍
ବିଦେଶ୍ ଆଡ଼୍ତନ୍ ।
୩୪ ୱାୟେତାଗ୍ ପସଲ୍ ମାଡ଼ାନ୍ ୱେଲେ ଅଣ୍ଡ୍ ଚାଷୀଡ଼୍ ଆଗାଙ୍କ୍
ନିଜେଡ଼୍ ଦୁଡ଼େ ଆଦାୟ୍ ମାଡ଼ାନ୍ ସେଙ୍ଗେ ନିଜେଡ଼୍ ଦାସଡ଼୍କ୍ ରହତନ୍
।
୩୫ ଚାଷୀଡ଼୍ ଆଦ୍ ଦାସଙ୍କ୍ ୱେରଙ୍କ୍ ପିଞ୍ଜ୍ପ୍ତଡ଼୍, ୱେରଙ୍କ୍
ହାଉକିତାଡ଼୍ ନୁ ହେସିଡ଼୍ତଡ଼୍, ମେଣ୍ଡ୍ଆର୍ତୁଙ୍କ୍ ପର୍ର କାଲ୍କ୍
ହେସ୍ତଡ଼୍ ।
୩୬ ଆଦିଙ୍କ୍ ୱାୟେଡ଼୍ ମାଲିକ୍ ନାର୍ଗେ ମାନ୍ଦେ ବାଗାଡ଼୍ ଚାକରିଡ଼୍କ୍
ମେଣ୍ଡ୍ରନ୍ ଦାମ୍ ରହତନ୍ । ଅଡ଼୍କ୍ ମିକା ଚାଷୀନଡ଼୍କ୍ ଆଦେଲେକାମ୍
କାରାପ୍ ବ୍ୟବହାର୍ ମାଡ଼୍ତଡ଼୍ ।
୩୭ ବାତେଙ୍କ୍ ଇଡ଼୍କେ ନା ମାରିଙ୍କ୍ ଅଡ଼୍ ମାନେମ୍ ଆଦ୍ତଡ଼୍, ଆଦ୍
ଆଲ୍ସି ଅଣ୍ଡ୍ ତାନ୍ ମାରିଙ୍କ୍ ଅଡ଼୍ପାକେ ରହତନ୍ ।
୩୮ ମାତର୍ ଆଦ୍ ଚାଷୀଡ଼୍ ପେକାଙ୍କ୍ ଉଡ଼ି ତାମ୍ ତାମ୍ କେଡ଼୍ତଡ଼୍, ଇଣ୍ଡ୍
ତ ମାଲିକ୍ତେ ମାର୍; ୱାଡ଼ାଟ୍ ଇଙ୍କ୍ ହାଉକିକାଡ଼୍ ମିକା ଇଣ୍ଡ୍ ଅଦିକାର୍
ମାନ୍ କାଇଦେ ମାଡ଼ିକାଡ଼୍ ।
୩୯ ଆଦ୍ କେସ୍ ଅଂକିଙ୍କ୍ ୱାୟେତାଗାଙ୍କ୍ ପେସ୍ପି ମିକା ବାଇଦେ
ହାୱୁକିତାଡ଼୍ ।
୪୦ "କେଲ୍ମୁଟ୍ ତ, ୱାୟେଡ଼୍ ମାଲିକ୍ ବେସୁଙ୍କ୍ ୱାଦ୍ତନ୍, ଅଣ୍ଡ୍
ଚାଷୀନଡ଼୍କ୍ ବାତେଏ ମାଡ଼ିତନ୍ ?"
୪୧ ଅଡ଼୍ କେଡ଼୍ତଡ଼୍, "ଆଦ୍ ଦୁଷ୍ଟନଡ଼୍କ୍ ଅଣ୍ଡ୍ ନିଜାମ୍ ରେହେଡିତନ୍
ନୁ ବେନ୍ ଚାଷୀନଡ଼୍ ଟିକ୍ ସମୟ୍ତେ ଅନ୍ ବାଗ୍ ଇଦ୍ତଡ଼୍, ୱାୟାଙ୍କ୍ ଅଡ଼୍
କାଇଦେ ୱିଡ଼୍ସିଦ୍ତନ୍ ।"
୪୨ ଜିସୁ ଅଡ଼୍କିଂଙ୍କ୍ କେଡ଼୍ତାନ୍, "ଇଦ୍ ଶାସ୍ତ୍ରତେ ଗଟି ବାତେଏ
କାର୍ୱିଡ଼୍ ?

ଲକ୍ ମାଡ଼ାନଡ଼ି ବେନ୍ କାଲ୍ଦିଙ୍କ୍ ପାସ୍କି ମାଡ଼୍ତଡ଼୍,
ଆଦ୍ ମୁଲେ ବେଡ଼୍ୟାଦ୍ ପ୍ରସ୍ତର୍ ଆଡ଼୍ତେ;
ପ୍ରବୁନାଗଙ୍କ୍ ଇଦ୍ ଆଡ଼୍ତେ,

ମେଣ୍ତେ ଆଦ୍ ମାନ୍ କଣ୍ତେତେ ବେସର୍ ବାକ୍ୱା ପାଡ଼୍ୟି ?”
୪୩ ଜିସୁ ମେଣ୍ତେ କେତ୍ତାନ୍, “ଆଦିଙ୍କ୍ କେତୁତାନ୍, ଇଶ୍ୱର୍ତେ
ରାଜ୍ୟତା ଆତ୍ତାଙ୍କ୍ ଅଦିକାର୍ ମିୟାଗାଙ୍କ୍ ଟେଣ୍ଡି ଆଦ୍ତଡ଼୍ ନୁ ବେନ୍
ନାର୍ ଇ ରାଜ୍ୟତେ ସାରେ ତଅତ୍ତେ ପାର୍ଦ୍ତଡ଼୍, ଅଡ଼କ୍ ଆଦ୍
ହିଦ୍ତଡ଼୍ ।”
୪୪ ମେଣ୍ତେ ବେନ ଇ କାଲ୍ଦାଗ୍ ପର୍ର ରାଲିତଣ୍ଡ୍, ଅଣ୍ଡ୍ ଦୁଡ଼ା ଦୁଡ଼ା
ଆଦ୍ତନ୍, ମେଣ୍ତେ ଇଦ୍ କାଲ୍ ବେନ ପର୍ର ରାଲିତ୍, ଅଂକିଙ୍କ୍ ଆଦ୍
ଗୁଣ୍ଡାଲ୍ ମାଡ଼ିତ୍ ।
୪୫ ବେଡ଼ିଇ ପୁରହିତ୍ ନୁ ପାରୁଶୀଡ଼୍ ଆଦ୍ ୱେଷଡ଼୍ ଗଟ୍ କେଞ୍ଜି ଜିସୁ
ଅଡ଼କିଂଙ୍କ୍ ଉଡ଼୍ତନ୍ ଇଞ୍ଜ୍ ପୁତ୍ତଡ଼୍ ।
୪୬ ଆଦିଙ୍କ୍ ଅଡ଼୍ ଅଂକିଙ୍କ୍ ପଇଦାନ୍ ସେଙ୍ଗେ ଆଲ୍ସି ମାଡ଼୍ତଡ଼୍,
ବାତେଙ୍କ୍ ଇତ୍କେ ନାରୁଡ଼୍କ୍ ୱେର୍ଗିଙ୍କ୍ ଅଡ଼୍ ଆଦ୍ ମାଡ଼୍ ପାର୍ୱଡ଼୍,
ବାତେଙ୍କ୍ ଇତ୍କେ ନାରୁଡ଼୍ ଜିସୁଙ୍କ୍ ୱେରଣ୍ଡ୍ ବାବବାଦୀ ଇଞ୍ଜ ଏର୍କା
ମାଡ଼ମାତ୍ତଡ଼୍ ।

# ୨୨

## ପେଣ୍ଡ୍ଲୁ ବଜିତାଦ୍ ୱେଷଡ଼୍ ଗଟ୍
## (ଲୁକ ୧୪:୧୫-୨୪)

୧ ଜିସୁ ମେଣ୍ତନ୍ଦାମ୍ ୱେଷଡ଼୍ ତଡ଼୍ ନାରୁଡ଼୍କିଂଙ୍କ୍ ଶିକ୍ଷା ଇତ୍ତଣ୍ଡ୍,
୨ “ଇଶ୍ୱର୍ତେ ରାଜ୍ୟ ବେଦ୍ପୁଟୁଙ୍କ୍, ତାନାଦ୍ ମେଣ୍ତେ ୱେରଡ଼୍
ୱେଷଡ଼୍ କେଞ୍ଜାଟ୍ । ୱେରଡ଼୍ ଦିନ୍ ୱେରନ୍ ରାଜାଲ୍ ରାଜ୍କୁମାର୍ତେ
ପେଣ୍ଡ୍ଲୁତେ ବଜି ମିଟିଙ୍କ୍ ମାଡ଼୍ତଡ଼୍ ।”
୩ କାର୍ଗିଂ ମାନ୍ଦାନ୍ ନାରୁଡ଼୍କିଂଙ୍କ୍ ବଜିତାଗେ କାର୍ଗିଂ ତାତାନ୍
ମାଇଦିଙ୍କ୍ ଅଣ୍ଡ୍ ଚାକରିଡ଼୍କ୍ ରହ୍ତଣ୍ଡ୍ । ବାତେଙ୍କ୍ ଇତ୍କେ ଆଦ୍ ନାରୁଡ଼୍
ୱାଦାଙ୍କ୍ ଇଚ୍ଛା ମାଡ଼ଡ଼୍ ।
୪ ରାଜାଲ୍ ମେଣ୍ତନ୍ଦାମ୍ ୱେରେ ଚାକରିଡ଼୍ ତଡ଼୍ ହି କବର୍ ରହ୍ତଣ୍ଡ୍,
ପେଣ୍ଡ୍ଲୁ ବଜି ତିଆର୍ ଆତ୍ତେ, ଲେକେତ୍ ମେନ୍ଦୁଲ୍ତେ କଅନ୍ଦା ନୁ
ପେୟତିଙ୍କ୍ ହେଣ୍ଡି ସାରେ ମିଟିଙ୍କ୍ ଆସ୍ମିନ୍ଦେ, ବଜିତାଗେ ସିଟ୍ପାଟ୍
ୱାଡ଼ାଟ୍ ।

୫ ବାତେଙ୍କ୍ ଇଦ୍କେ କାର୍ଙ୍ଗିମାନ୍ଦାନ୍ ନାରୁଡ଼୍ ହି ଗଟ୍ ତିଙ୍କ୍ ମନ୍
ହିୱକଟ୍ ନିଜେତ୍ ନିଜେତ୍ ପାଡ଼୍ୟି ମାଡ଼ାଙ୍କ୍ ପସ୍ପ୍ତଡ଼୍, ୱେରଣ୍ଡ୍
ତାନ୍ ୱାୟାନା ଆତ୍ତଣ୍ଡ୍, ମେଣ୍ଡେ ୱେରଣ୍ଡ୍ ଦୁକାନ୍ତା ଆତ୍ତଣ୍ଡ୍ ନୁ
୬ ମେଣ୍ଡେ ବାଗାତଡ଼୍ ରାଜାନ୍ ଚାକରିଡ଼୍କ୍ ପୟସ୍ ରେହେସ୍
ଆୱ୍କିତ୍ତଡ଼୍ ।
୭ ରାଜାଲ୍ କପାମ୍ ଆଶେ ସୌନ୍ୟଡ଼୍କିଙ୍କ୍ ରହ୍ତଣ୍ଡ୍ । ଅଡ଼୍ ଆଦ୍
ନରହନ୍ତାଲଡ଼୍କ୍ ହାୱ୍କି ଅଡ଼୍ ଶହର୍ତିଙ୍କ୍ କିସ୍ ପସ୍ପିତ୍ତଡ଼୍ ।
୮ ତାନ୍ ପେର୍କେ ରାଜାଲ୍ ଚାକରିଡ଼୍କ୍ କାର୍ଙ୍ଗି କେତ୍ତଣ୍ଡ୍,
"ପେଣ୍ଡୁଲ୍ତେ ବଜି ତିଆର୍ ଆତ୍ତେ, ବାତେଙ୍କ୍ ଇଦ୍କେ
କାର୍ଙ୍ଗିମାନ୍ଦାନ୍ ନାରୁଡ଼୍ ୱାଡ଼ଡ଼୍ ।"
୯ ଇଞ୍ଜ୍ ବେଡ଼୍ୟା ସାହିକିନାଗ୍ ଆଞ୍ଜ୍ ବେସର୍ ନାରୁଡ଼୍କିଂଙ୍କ୍
ଦର୍ସ୍କିତିଡ଼୍, ସାରେତଡ଼୍କିଂଙ୍କ୍ ମାନ୍ ବଜିତାଗେ କାର୍ଙ୍ଗି ତାଡ଼ାଟ୍
।
୧୦ ଆଦିଙ୍କ୍ ଚାକରିଡ଼୍ ସାହି ସାହିକିଙ୍କ୍ ଉଡ଼ି ଲେକେତ୍ଆଇ କି,
କାରାପ୍ ଆୟି, ବେସର୍ ନାରୁଡ଼୍କ୍ ଦର୍ସ୍କତଡ଼୍, ସାରେତଡ଼୍କ୍ କାର୍ଙ୍ଗି
ତାତ୍ତଡ଼୍ ନୁ ପେଣ୍ଡୁଲ୍ ଲନ୍ ବର୍ତ୍ତି ଆତ୍ତେ ।
୧୧ "ରାଜାଲ୍ କୁଟ୍ମାମ୍ ଉଡ଼ାନ୍ ମାଇଦିଙ୍କ୍ ୱାତ୍ତଣ୍ଡ୍ । ଅଣ୍ଡ୍
ଉଡ଼୍ତଣ୍ଡ୍, ଅଡ଼୍ ଲୋପେଙ୍କ୍ ୱେରଣ୍ଡ୍ ପେଣ୍ଡୁଲ୍ତେ ଚକାସିଲେ
କେର୍ୱଣ୍ଡ୍ ।
୧୨ ରାଜାଲ୍ ଅଂକିଙ୍କ୍ ପାଚ୍ରାମାଡ଼୍ତଣ୍ଡ୍, 'ସାଙ୍ଗ, ପେଣ୍ଡୁଲ୍ ଚକାସିଲେ
କେର୍ୱକଟ ହିଗେ ବେଲା ୱାତ୍ତିନ୍ ?' ନାରୁଡ଼୍ ଉତ୍ତର୍ ହିୱକଟ୍ କଟ
ମାତ୍ତଣ୍ଡ୍ ।
୧୩ ✡ରାଜାଲ୍ ଚାକରିଡ଼୍କ୍ କେତ୍ତଣ୍ଡ୍, 'ଅନ୍ କାୟ୍କ୍ ଡେକା ତହସ୍
ବାୟିଦେ ୱାଟିମୁଟ୍ । ଆଗେ ଅଣ୍ଡ୍ କେୟି ପାଲ୍କ୍ କର୍କିତଣ୍ଡ୍ ।' "
୧୪ ୱେଷଡ଼୍ ତେର୍ସ୍ପି ଜିସୁ କେତ୍ତଣ୍ଡ୍, "ନାର୍ଗେମାନ୍ଦେ ୱାଦୁତଡ଼୍,
ବାତେଙ୍କ୍ ଇଦ୍କେ ସୁକୁକ୍ ମାନ୍ଦ୍ ବେସ୍କ୍ ତଡ଼୍ ହେଞ୍ଜ୍ତେନଡ଼୍ ।"

## କର ହିଦାନ୍ ସମସ୍ୟା
*(ମାର୍କ ୧୨:୧୩-୧୭; ଲୁକ ୨୦:୨୦-୨୬)*

✡ **୨୨:୧୩** ମାତିଉ ୮:୧୨; ୨୫:୩୦; ଲୁକ ୧୩:୨୮.

୧୫ ବେସ୍‌କ୍‌ତୁଡ଼୍‌ ପାରୂଶୀଡ଼୍‌ ଜିସୁଙ୍କ୍‌ ପ୍ରଶ୍ନ ପାଚ୍ରାମାଡ଼ି ଅଂକିଙ୍କ୍‌
ଉଡ଼୍‌ୟ୍‌ଦାଗ୍‌ ଆର୍‌ସ୍ପାନ୍‌ ମାଇଦିଙ୍କ୍‌ ଉପାୟ୍‌ ଆଲ୍‌ସ୍‌ତଡ଼୍‌ ।
୧୬ ଅଡ଼୍‌ ନିଜେତ୍‌ ବେସ୍‌କ୍‌ତୁଡ଼୍‌ ଶିଷ୍ୟଡ଼୍‌କିଂଙ୍କ୍‌ ନୁ ହେରଦ୍‌ ପାକେ
ବେସ୍କ୍‌ତଡ଼୍‌ ନାରୁଡ଼୍‌କିଂଙ୍କ୍‌ ଜିସୁନ୍‌ ଗାର୍‌ରେ ରହ୍‌ତଡ଼୍‌ । ଇଡ଼୍‌ୱାସ୍‌ ଜିସୁଙ୍କ୍‌
ପାଚ୍ରାମାଡ଼୍‌ତଡ଼୍‌, “ଗୁରୁ, ମାମ୍‌ ପୁଡ଼୍‌ତମ୍‌, ନିମ୍‌ ସତ୍‌ ଶିକ୍ଷା ହିଦୁତିନ୍‌ ।
ନିମ୍‌ ନାରୁନ୍‌ ପଦ ମର୍ଯ୍ୟାଦାତିଙ୍କ୍‌ କାତିର୍‌ ମାଡ଼୍‌ୱାଙ୍କ୍‌ ନାରୁଡ଼୍‌ ବାତେଏ
ଆଲ୍‌ସିତିଡ଼୍‌, ଚିନ୍ତେ ମାଡ଼କଟ୍‌ ନାରୁଡ଼୍‌ ମାଇଦିଙ୍କ୍‌ ଇଶ୍ୱର୍‌ତେ ସଂକଳ୍ପ
ନାର୍‌ଗେ ବୁଜାମାଡ଼୍‌ ପାର୍‌ଦ୍‌ତଣ୍ଡ୍‌ ।
୧୭ ଆଲାଇଡ଼୍‌କେ କେଲ୍‌ମ୍‌, ଇ ବିଷୟ୍‌ତେ ନିୟାଦ୍‌ ମତ ବାତେଏ
? ରୋମ୍‌ ସମ୍ରାଟ୍‌ତିଙ୍କ୍‌ କର ଇଦାନ୍‌ ମାଇଦିଙ୍କ୍‌ ଦର୍ମଶାସ୍ତ୍ର ନିୟମ୍‌
ଲେକାମ୍‌ତେ ଟିକ୍‌ କି ଇଲ୍‌ଲେ ?”
୧୮ ବାତେଙ୍କ୍‌ ଇଡ଼୍‌କେ ଜିସୁ ଅଡ଼ାଦ୍‌ କୁଟ୍‌ ଲେକାମ୍‌ ପୁଞ୍ଜ୍‌ ମାଡ଼୍‌ତଣ୍ଡ୍‌
। ପେର୍କେ ଅଣ୍ଡ୍‌ କେଡ଼୍‌ତଣ୍ଡ୍‌, “ଆୟେ ମୁର୍କଡ଼୍‌, ନାକିଂଙ୍କ୍‌ ଉଡ଼୍‌ୟ୍‌ଦାଗ୍‌
ଆର୍‌ସ୍ପାଙ୍କ୍‌ ବାତେଙ୍କ୍‌ ଆଲ୍‌ସି ମାଡ଼୍‌ତୁଡ଼୍‌ ?
୧୯ ବେନ ମୁଦ୍ରାତେ କର ହିଦୁତିଡ଼୍‌, ଆଗାଙ୍କ୍‌ ୱେରଡ଼୍‌ ମୁଦ୍ରା ତାସ୍‌
ନାକିଂଙ୍କ୍‌ ତମୁଟ୍‌ । ଅଡ଼୍‌ ୱେରଡ଼୍‌ ମୁଦ୍ରା ତାସ୍‌ ଅଂକିଙ୍କ୍‌ ହିଡ଼୍‌ତଡ଼୍‌ ।
୨୦ ଅଣ୍ଡ୍‌ ଅଡ଼୍‌କିଂଙ୍କ୍‌ ପାଚ୍‌ରାମାଡ଼୍‌ତଣ୍ଡ୍‌, ହି ମୁଦ୍ରେତେ ପର୍‌ର
ବେନନାଦ୍‌ ପେଦେର୍‌ ନୁ ଆଦ୍‌ରକମ୍‌ ଲେକ୍‌ତାଦ୍‌ ଆସ୍‌ମିନ୍ଦେ ?”
୨୧ ଅଡ଼୍‌ ଉତ୍ତର୍‌ ହିଡ଼୍‌ତଡ଼୍‌, “ସମ୍ରାଟ୍‌ତାଦ୍‌ ।” ଜିସୁ ଅଡ଼୍‌କିଂଙ୍କ୍‌
କେଡ଼୍‌ତଣ୍ଡ୍‌, “ଆଲାଇଡ଼୍‌କେ ବେଦ୍‌ ସମ୍ରାଟ୍‌ତାଦ୍‌, ଆଦ୍‌ ସମ୍ରାଟ୍‌ତିଙ୍କ୍‌
ହିମୁଟ୍‌ ନୁ ବେଦ୍‌ ଇଶ୍ୱର୍‌ତାଦ୍‌, ଆଦ୍‌ ଇଶ୍ୱର୍‌ତିଙ୍କ୍‌ ହିମୁଟ୍‌ ।”
୨୨ ହାଦ୍‌ କେଞ୍ଜି ଅଡ଼୍‌ ସୁୟ୍‌ମୁୟ୍‌ ଆଶେ ଆଦ୍‌ତଡ଼୍‌ ।

## ପୁନରୁତ୍‌ତାନ୍‌ ବିଷୟ୍‌ତେ ପ୍ରଶ୍ନ

*(ମାର୍କ ୧୨:୧୮-୨୭; ଲୁକ ୨୦:୨୭-୪୦)*

୨୩ ✡ଆଦିନ୍‌ ସାଦୁକିଡ଼୍‌ ମାନ୍ଦେତେ ବେସ୍‌କ୍‌ତୁଡ଼୍‌ ଜିସୁନ୍‌ ଗାର୍‌ରେ
ୱାଡ଼୍‌ତଡ଼୍‌ । ସାଦୁକିଡ଼୍‌ ବିଶ୍ୱାସ୍‌ ମାଡ଼ମାଡ଼୍‌ତଡ଼୍‌ ଯେ, ମେଣ୍ଡେ
ପୁନରୁତ୍‌ତାନ୍‌ ଇଲା ।
୨୪ ଅଡ଼୍‌ ଜିସୁଙ୍କ୍‌ ପାଚ୍ରାମାଡ଼୍‌ତଡ଼୍‌, “ଗୁରୁ, ମଶାଲ୍‌ ବ୍ୟବସ୍ଥା ମାଡ଼ିସ୍‌
ମିନ୍ଦେଣ୍ଡ୍‌ ଯେ, ଯଦି ୱେରଣ୍ଡ୍‌ ନାରୁଡ଼୍‌ ପିଲାଜିଲା ଆୟ୍‌ୟକଟ

✡ **୨୨:୨୩** ପ୍ରେରିତ ୨୩:୮.

ଡଲିଆଦ୍‌ତଣ୍ଡ୍‌, ଆଲାଇତ୍‌କେ ଅନ୍‌ ତାମୁଣ୍ଡ୍‌ ଅନ୍‌ ରାଣ୍ଡି ମୁତେଙ୍କ୍‌
ପେଣ୍ଡଲ୍ଲୁ ଆଦ୍‌ତନ୍‌ ନୁ ଅଡ଼୍‌ ପିଲାକି ଆଦ୍‌ ଡଲିମାନ୍ଦାନ୍‌ ନାରୁନ୍‌ ପିଲାନ୍‌
ଲେକାମ୍‌ ଆଲେ ଆଦ୍‌ତେ ।
୨୫ ୱେରଡ଼୍‌ ଗଟ୍‌ କେଞ୍ଜାଟ୍‌ । ଇଗେ ମା ସାତ୍‌ଟାନ୍‌ ଦାଦାଲଡ଼୍‌
ମାତ୍‌ତଡ଼୍‌ । ବେଡ଼ୟ୍‌ ଦାଦାଲ୍‌ ପିଲାଜିଲା ଇଲକଟ୍‌ ଡଲ୍‌ତାଙ୍କ୍‌ ଅନ୍‌
ଦ୍ୱିତିୟ ତାମୁଣ୍ଡ୍‌ ତାନ୍‌ ଦାଦାନ୍‌ ମୁତେଙ୍କ୍‌ ପେଣ୍ଡଲ୍ଲୁ ମାଡ଼୍‌ତଣ୍ଡ୍‌ ।
୨୬ ବାତେଙ୍କ୍‌ ଇଡ଼୍‌କେ ଇ ଦ୍ୱିତିୟ, ତୃତୀୟ ନୁ ସାରେ ଶେଷତେ
ସାତ୍‌ଜାନ୍‌ ଦାଦାନାଦ୍‌ ମିକା ଆଦେରକମ୍‌ ଗଟେମ୍‌ ଆତ୍‌ତେ ।
୨୭ ଶେଷତେ ଆଦ୍‌ ମୁତ୍‌ତେ ଆନ୍‌ତେ ଡଲିଆତ୍‌ତେ ।
୨୮ ବେନ୍‌ ଦିନ୍‌ ଡଲିମନ୍ଦାନ୍‌ ନାରୁଡ଼ାଦ୍‌ ମେଣ୍ଡନ୍‌ନ୍ଦାମ୍‌ ଆଦ୍‌ତେ, ହି
ମୁତ୍‌ତେ ବେନନ୍‌ ମୁତ୍‌ତେ ଇଞ୍ଜ ପୁନ୍ଦାଙ୍କ୍‌ ଆଦ୍‌ତେ ? ସାରେତଡ଼୍‌ ତ
ତାଙ୍କ୍‌ ପେଣ୍ଡଲ୍ଲୁ ଆସ୍‌ ମାତ୍‌ତଡ଼୍‌ ।”
୨୯ ଜିସୁ ଉତ୍ତର୍‌ ହିତ୍‌ତଣ୍ଡ୍‌, “ମିଡ଼୍‌ ବେସର୍‌ ନଷ୍ଟ ! ଶାସ୍ତ୍ର ବା ଇଶ୍ୱର୍‌ତେ
ଶକ୍ତି ବିଷୟ୍‌ତେ ମିକିଂଙ୍କ୍‌ ଟିକ୍‌ ଏର୍କା ହିଲ୍‌ୱାଙ୍କ୍‌ ହି ଗଟ୍‌ ପାତ୍‌ରାମାଡ଼୍‌ତ୍ରିଡ଼୍‌
।
୩୦ ପୁନରୁତ୍‌ତାନ୍‌ ପେର୍କେ ଡଲ୍‌ତେ ନାରୁଡ଼୍‌ ଦୂତତେ ଲେକାମ୍‌
ଆଦ୍‌ତଡ଼୍‌ । ଅଡ଼୍‌ ପେଣ୍ଡଲ୍ଲୁ ମାଡ଼ଡ଼୍‌ ।
୩୧ ଡଲ୍‌ତେ ନାରୁଡ଼୍‌ ମେଣ୍ଡନ୍‌ନ୍ଦାମ୍‌ ଆଦ୍‌ଦାନ୍‌ ବିଷୟ୍‌ତେ ଇଶ୍ୱର୍‌
ବାତେଏ କେସ୍‌ମିନ୍ଦେଣ୍ଡ୍‌, ମିଡ଼୍‌ ବାତେଏ ଶାସ୍ତ୍ରତାଗ୍‌ ବେସୁଙ୍କ୍‌ କାତ୍‌ୱିଡ଼୍‌
?
୩୨ ଇଶ୍ୱର୍‌ କେତ୍‌ତଣ୍ଡ୍‌, ମାମ୍‌ମେ ଅବ୍ରାହାମ୍‌, ଇସ୍‌ହାକ୍‌ ନୁ ଯାକୁବ୍‌ତେ
ଇଶ୍ୱର୍‌ । ଇଶ୍ୱର୍‌ ତ ଜିୱୁନ୍‌ ମାନ୍ଦାନଡ଼୍‌ ଇଶ୍ୱର୍‌ ଡଲି ମାନ୍ଦାନ୍‌ନଡ଼୍‌ତେ
ଇଶ୍ୱର୍‌ ଆୟ୍‌ୟକଟ ମାନ୍‌ତଣ୍ଡ୍‌ ।”
୩୩ ନାରୁଡ଼୍‌ ଜିସୁନ୍‌ ଶିକ୍ଷା କେଞ୍ଜି ବକୁୱା ଆତ୍‌ତଡ଼୍‌ ।

### ବେଡ଼୍‌ୟାଦ୍‌ ଗଟ୍‌

*(ମାର୍କ ୧୨:୨୮-୩୪; ଲୁକ ୧୦:୨୫-୨୮)*

୩୪ ବେସୁଙ୍କ୍‌ ପାରୂଶୀଡ଼୍‌ କେଞ୍ଜ୍‌ତଡ଼୍‌ ଯେ, ଜିସୁ ସାଦୁକିଡ଼୍‌କ୍‌ ଉତ୍ତର୍‌
ହିୱ୍‌ଲେକାମ୍‌ ମାଡ଼ିସ୍‌ ମିନ୍ଦେଣ୍ଡ୍‌, ଅଡ଼୍‌ ଅଣ୍ଡୟ୍‌ ଆଶ୍‌ ଜିସୁନ୍‌ ଗାତ୍‌ରେ
ୱାତ୍‌ତଡ଼୍‌
୩୫ ଅଡ଼୍‌ ଲୋପେଙ୍କ୍‌ ୱେରଣ୍ଡ୍‌ ଜିସୁଙ୍କ୍‌ ଉଡ଼୍‌ୟ୍‌ଦାଗ୍‌ ରାପାନ୍‌ ମାଇଦିଙ୍କ୍‌
ୱେରଡ଼୍‌ ପ୍ରଶ୍ନ ପାତ୍‌ରାମାଡ଼୍‌ତଣ୍ଡ୍‌,

୩୬ "ଗୁରୁ, ମାନ୍ ଦର୍ମଶାସ୍ତ୍ରତେ ବ୍ୟବସ୍ଥାତାଗ୍ ବେନ୍ ଗଟ୍ ସାରେତିଙ୍ଗ୍
ବେଡ଼୍ୟାଦ୍ ?"
୩୭ ଜିସୁ କେତ୍ତଣ୍ଡ୍, "ମିଇ ପ୍ରବୁ ଇଶ୍ୱର୍ତିଙ୍ଗ୍ ସାରେ ହୃଦୟ୍, ସାରେ
ଆତ୍ମା ନୁ ସାରେ ମନ୍ ଇସ୍ ପ୍ରେମ ମାଡ଼ାଟ୍ ।
୩୮ ହିଦ୍ ଆଦୁଡ୍ ସାର୍ରେ ବେଡ଼୍ୟାଦ୍ ନୁ ଲେକେଡ୍ ଗଟ୍ ।
୩୯ ଦ୍ୱିତିୟ ଲେକେଡ୍ ଗଟ୍ ଆଦୁଡ୍, ମିଇ ଗାର୍ରେତଡ଼୍କିଂଙ୍ଗ୍
ଆତ୍ମାତଡ଼୍ ପ୍ରେମ ମାଡ଼ାଟ୍ ।
୪୦ ✡ହି ରେଣ୍ଡ୍ ଗଟ୍ ମୋଶାନ୍ ସାରେ ବ୍ୟବସ୍ଥାତେ ନୁ ବାବବାଦୀଡ଼୍
ଶିକ୍ଷାତେ ଗଟ୍ ।"

## ମସିହଙ୍ଗ୍ ସଂକ୍ରାନ୍ତିୟତେ ପ୍ରଶ୍ନ

*(ମାର୍କ ୧୨:୩୫-୩୭; ଲୁକ ୨୦:୪୧-୪୪)*

୪୧ ବେସ୍କ୍ ତଡ଼୍ ପାରୂଶୀଡ଼୍ ଜିସୁନ୍ ଗାର୍ରେ ମାନ୍ଦାନ୍ୱେୟ୍ ଜିସୁ
ଅଡ଼୍କିଂଙ୍ଗ୍ ପାଚ୍ରାମାଡ଼୍ତଣ୍ଡ୍,
୪୨ "ମସିହନ୍ ବିଷୟ୍ତେ ମିଡ଼୍ ବାତ୍ ଆଲ୍ସୁତିଡ଼୍ ? ଅଣ୍ଡ୍ ବେନନ୍
ବଂଶତଣ୍ଡ୍ ?" ଅଡ଼୍ ଉତ୍ତର୍ ଇଡ଼୍ତଡ଼୍, "ଅଣ୍ଡ୍ ଦାଉଦ୍ତେ ବଂଶତଣ୍ଡ୍ ।"
୪୩ ଜିସୁ ପାଚ୍ରାମାଡ଼୍ତଣ୍ଡ୍, "ଆଲାଇତ୍କେ ଦାଉଦ୍ ମସିହଙ୍ଗ୍ 'ନା
ପ୍ରବୁ' ଇଞ୍ଜ ବାତେଙ୍ଗ୍ କେସ୍ମିନ୍ଦେଣ୍ଡ୍ ? ପରମାଆତ୍ମାତେ ପ୍ରେରନାତେ
ଅଣ୍ଡ୍ ଲେକିମିନ୍ଦେଣ୍ଡ୍,"

୪୪ "ଇଶ୍ୱର୍ ନା ପ୍ରବୁଙ୍ଗ୍ କେତ୍ତଣ୍ଡ୍,
ମାମ୍ ନି ଶତ୍ରୁଡ଼୍କ୍ ନି ଡେକେଡ୍ ମଦଲ୍ ମାଡ଼୍ନା ଯାକ
ନିମ୍ ମା ତିନ୍ଦେ ପାକେ କୁଦା ।"

୪୫ "ଯଦି ଦାଉଦ୍ ମସିହଙ୍ଗ୍ ପ୍ରବୁ ଇଞ୍ଜ ସମ୍ବଦନ ମାଡ଼ିମିନ୍ଦେଣ୍ଡ୍,
ଆଲାଇତ୍କେ ମସିହ ବେଦ୍ପୁଟୁଙ୍ଗ୍ ତାମ୍ ବଂଶତଣ୍ଡ୍ ଆଦ୍ ପାର୍ଦ୍ତଣ୍ଡ୍
?"
୪୬ ଜିସୁଙ୍ଗ୍ ବେନ ହିଦିନ୍ ଉତ୍ତର୍ ହିଦ୍ପାର୍ୱଡ଼୍ । ଆଦ୍ ଦିନ୍କଞ୍ଜ୍
ଅଂକିଙ୍ଗ୍ ମେଣ୍ଡେ ବାତେମେଣ୍ଡେ ପ୍ରଶ୍ନ ପାଚ୍ରାମାଡ଼ାଙ୍ଗ୍ ବେନ ବା ସାହାସ୍
ମାଡ଼ଡ଼୍ ।

---

✡ **୨୨:୪୦** ଲୁକ ୧୦:୨୫-୨୮.

# ୨୩

## ଦର୍ମଗୁରୁ ନୁ ପାରୂଶୀଡ଼୍ ବିରୁଦ୍‌ତେ ଜିସୁନ୍ ସତର୍କ ବାଣି
## (ମାର୍କ ୧୨:୩୮-୩୯; ଲୁକ ୧୧:୪୩-୪୬; ୨୦:୪୫-୪୬)

୧ ଜିସୁ ଶିଷ୍ୟଡ଼୍‌କିଂଙ୍କ୍ ନୁ ଗୁଡ଼ିମାନ୍ଦାନ୍ ନାରୁଡ଼୍‌କିଂଙ୍କ୍ କେତ୍‌ତଣ୍ଡ୍,
୨ "ଦର୍ମଗୁରୁ ନୁ ପାରୂଶୀଡ଼୍ ମୋଶାନ୍ ବ୍ୟବସ୍ଥାତାଗ୍ କ୍ୟମତା
ପାହେମ୍‌ଆଦ୍‌ତେ ବାକ୍ୟାକାରିଡ଼୍,"
୩ ଆଦିଙ୍କ୍ ଅଡ଼୍ ବାତେଏ ମାଡ଼ାଙ୍କ୍ କେତୁତଡ଼୍, ଆଦ୍ ମାଡ଼ାଟ୍ ।
ବାତେଙ୍କ୍ ଇଡ଼୍‌କେ ଅଡ଼୍ ପାଡ଼ିୟିଦିଙ୍କ୍ ଏର୍କା ମାଡ଼୍‌ମାଟ୍ । ବାଡ଼୍‌ତେଙ୍କ୍
ଇଡ଼୍‌କେ ଅଡ଼୍ ନିଜେ ହିସମାନ୍ଦାନ୍ ଶିକ୍ଷା ଲେକାମ୍‌ତେ ପାଡ଼୍‌ୟି ମାଡ଼ଡ଼୍
।
୪ ଅଡ଼୍ ନାରୁଡ଼୍ ମେନ୍ଦୁଲ୍‌ତେ ପର୍‌ର ଦୁର୍ବହ ବଜ୍ କାଞ୍ଜାନ୍ ମାଇଦିଙ୍କ୍
ନିଜେଡ଼୍ ୱାଡ଼୍‌ଞ୍ଜ୍‌କିନ୍‌ତଡ଼୍ ସୁଦୁର୍ ଆନ୍‌ତେ ସାହାଯ୍ୟ ମାଡ଼ଡ଼୍ ।
୫ ✡ଅଡ଼୍ ନାରୁଡ଼୍‌କ୍ ତଅତାନ୍ ମାଇଦିଙ୍କ୍ ନିଜେଡ଼୍ ନିଜେତାଦ୍ ସାରେ
ପାଡ଼୍‌ୟି ମାଡ଼ିତଡ଼୍, ବାଡ଼୍‌ତେଙ୍କ୍ ଇଡ଼୍‌କେ ଅଡ଼୍ ନିଜେଡ଼୍ ନିଜେଡ଼୍ କବଚ
ଆସର୍ ମାଡ଼ିତଡ଼୍ ନୁ ଚକେତାଦ୍ ଜୁମୁକା ବେଡ଼୍‌ୟ୍ ମାଡ଼ିତଡ଼୍ ।
୬ ମେଣ୍ଡେ ବଜିତାଗେ ବେଡ଼୍‌ୟ୍ ପଡ଼୍‌ୟି ନୁ ପ୍ରାର୍ତନା ଲଡ଼୍‌ତାଗେ
ବେଡ଼୍‌ୟାଦ୍ ମିଟିଙ୍କ୍‌ତାଗେ,
୭ ମେଣ୍ଡେ ହାଟିନାଗେ ନମସ୍କାର୍ ପାହେମ୍‌ଆଦାଙ୍କ୍ ନୁ ନାରୁଡ଼୍‌ତଡ଼୍
ଗୁରୁ ଇଞ୍ଜ ସମ୍ବୋଦିତ ଆଡ଼୍‌ତାଙ୍କ୍ ଅଡ଼୍ ଇଚ୍ଛା ଆଦ୍‌ତଡ଼୍ ଆଦୁତଡ଼୍ ।
୮ ବାତେଙ୍କ୍ ଇଡ଼୍‌କେ ମିଡ଼୍ ଗୁରୁ ଇଞ୍ଜ ସମ୍ବଦିତ ଆୟ୍‌ମାଟ୍, ବାଡ଼୍‌ତେଙ୍କ୍
ଇଡ଼୍‌କେ ମିଇ "ଗୁରୁ," ୱେରଣ୍ଡେ ମେଣ୍ଡେ ମିଡ଼୍ ସାରେ ତାମୁଣ୍ଡ୍ ।
୯ ମେଣ୍ଡେ, ପୃତିବିତାଗେ ବେନଙ୍କ୍ ମେଣ୍ଡେ ବାବା ଇଞ୍ଜ ସମ୍ବଦନ
ମାଡ଼୍‌ମାଟ୍, ବାତେଙ୍କ୍ ଇଡ଼୍‌କେ ମିଇ ବାବାଲ୍ ୱେରଣ୍ଡେ, ସ୍ୱର୍ଗତାଗ୍
ମିନ୍ଦେଣ୍ଡ୍ ।
୧୦ ମେଣ୍ଡେ, ମିଡ଼୍ ନେତା ଇଞ୍ଜ ସମ୍ବଦିତ ଆୟ୍‌ମାଟ୍, ବାତେଙ୍କ୍
ଇଡ଼୍‌କେ ମିଇ ନେତାଲ୍ ୱେରଣ୍ଡେ, ଅଣ୍ଡ୍ ମସୀହ ।
୧୧ ✡ମିଇ ଲୋପେ ଯେ ସାରେତଡ଼୍‌କ୍ ବାଡ଼୍‌ୟଣ୍ଡ୍, ଅଣ୍ଡ୍ ମିଇ ସେବା
ମାଡ଼ିଣ୍ଡ୍ ।

---

✡ **୨୩:୫** ମାତିଉ ୬:୧. ✡ **୨୩:୧୧** ମାତିଉ ୨୦:୨୬,୨୭; ମାର୍କ ୯:୩୫; ୧୦:୪୩,୪୪; ଲୁକ ୨୨:୨୬.

୧୨ ✡ମେଣ୍ଡ୍ରେ, ବେନ ନିଜ୍‌ତିଙ୍କ୍ ଉନ୍ନତ ଇଞ୍ଚ ତହ୍‌ତିତଣ୍ଡ୍ରେ, ଅଂକିଙ୍କ୍
ଆୱେକେ ମାଡ଼୍‌ୱେୟ୍‌ତିତ୍, ମେଣ୍ଡ୍ରେ ବେନ ନିଜ୍‌ତିଙ୍କ୍ ମାଡ଼ିତନ୍,
ଅଂକିଙ୍କ୍ ଉନ୍ନତ ମାଡ଼୍‌ୱେୟ୍‌ତିତ୍ ।

## ଚଲ ଦାମର୍‌କନଡ଼୍ ଜିସୁ ବର୍‌ସା ମାଡ଼୍‌ତଣ୍ଡ୍
## (ମାର୍କ ୧୨:୪୦; ଲୁକ ୧୧:୩୯-୪୨,୪୪,୫୨; ୨୦:୪୭)

୧୩ ଆୟେ ଦର୍ମଗୁରୁ ନୁ ପାରୂଶୀଡ଼୍, ମିୟାଦ୍ ଶେଷ ଦଶା ବେସର୍
ବୟଙ୍କାର୍, ଆର୍ ଚଲ ଦାମର୍‌କମାନ୍ଦେ, ସର୍ଗରାଜ୍ୟତେ ଆସାନ୍
ଆର୍‌ଦିଙ୍କ୍ ବନ୍ଦ୍ ମାଡ଼ି ନେହେସ୍ ମିନ୍ଦେଡ଼ି । ନିଜେ ଆଦିନାଗେ
ନେଙ୍ଗ୍‌ୱିଡ଼୍ ନୁ ବେନଡ଼୍ ନେଙ୍ଗାଙ୍କ୍ ଆଲ୍‌ସି ମାଡ଼୍‌ତୁଡ଼୍ ଅଡ଼୍‌କିଂଙ୍କ୍ ଆର୍
ୱିଡ଼୍‌ସିୱିଡ଼୍ ।
୧୪ ହାୟ, ଦଣ୍ଡ୍ରେତେ ନାରୁଡ଼୍ ମୁର୍କ ଦର୍ମଗୁରୁ ନୁ ପାରୂଶୀଡ଼୍ ଦଣ୍ଡ୍
ସଶନିୟ*, ବାତ୍‌ତେଙ୍କ୍ ଇଡ଼୍‌କେ ମିଡ଼୍ ଚଲତେ ନାର୍ଗେଜେଲ୍ ପ୍ରାର୍ଥନା
ମାଡ଼ାନ୍ ସାଙ୍ଗେ ସାଙ୍ଗେ ରାଣ୍ଡିକିନ୍ ଲକ୍‌ସାରେ ନଷ୍ଟ ମାଡ଼୍‌ତୁଡ଼୍; ଆଦିଙ୍କ୍
ମିଡ଼୍ ଗୁରୁଦତେ ଦଣ୍ଡ୍ ଦର୍‌କିତ୍ ।
୧୫ ଆୟ୍‌ୟ, ଦଣ୍ଡ୍ରେତେ ନାରୁଡ଼୍ ମୁର୍କ ଦର୍ମଗୁରୁ ନୁ ପାରୂଶୀଡ଼୍,
ବାତ୍‌ତେଙ୍କ୍ ଇଡ଼୍‌କେ ମିଡ଼୍ ଅର୍‌ତୁଙ୍କ୍ ମିଇ ଦର୍ମଲେଟ୍ ମାଡ଼ାନ୍ ମାଇଦିଙ୍କ୍
ଏର୍‌ଦେ ଗାର୍‌ରେ ଉଡ଼୍ ମାନ୍‌ତିଡ଼୍, ମେଣ୍ଡ୍ରେ ବେସୁଙ୍କ୍ ଅଣ୍ଡ୍ ଆଦ୍‌ତନ୍,
ଆସୁଟେ ଅଂକିଙ୍କ୍ ମିଇ ୱିଡ଼୍‌ସି ରେଣ୍ଡ୍ ଗୁଣ୍ ନର୍‌କ ପଡ଼ିୟେ ମାଡ଼୍‌ତୁଡ଼୍ ।
୧୬ "ଆର୍ କାନାଙ୍କ୍ ଆର୍ ତଅତାନଡ଼ି, ମିୟାଦ୍ ଦଶା ବେସର୍
ବୟଙ୍କାର୍ ଆଦ୍‌ତେ । ମିଡ଼୍ କେସମାନୁଟ୍ ଶିକ୍ଷା ହିସମାନ୍ତ୍‌ତିଡ଼୍, ବେନ
ମନ୍ଦିର୍‌ତାଗ୍ ମାନ୍ଦାନାଦ୍ ସୁବର୍ଣ୍ଣ ପେଦେର୍‌ତେ ବେନ ପ୍ରତିଜ୍ଞା ମାଡ଼ିତନ୍,
ଅଂକିଙ୍କ୍ ଆଦ୍ ପାଲନ୍ ମାଡ଼୍‌ୱେୟ୍‌ତିତ୍ ।"
୧୭ ଆର୍ କାନାଲ୍ ମଣ୍ଡ୍ରିଡ଼ି, ଆଶେ ବେଡ଼୍‌ୟାଦ୍ ନା ଆଶେତିଙ୍କ୍ ପବିତ୍ର
ମାଡ଼୍‌ମାନ୍ଦାନ୍ ମନ୍ଦିର୍ ବେଡ଼୍‌ୟାଦ୍ ?
୧୮ ମିଡ଼୍ ଶିକ୍ଷା ଇସ୍‌ମାନ୍ତ୍‌ତିଡ଼୍ ଯେ, ମିଡ଼୍‌ଆନ୍‌ନ୍ତେ ୱେରନ୍
ନାରୁଡ଼୍ ବେଦି ପେଦେର୍‌ତେ ଶପତ୍ ମାଡ଼୍‌କେ, ଅଣ୍ଡ୍ ଆଦ୍ ପାଲନ୍
ମାଡ଼ାଙ୍କ୍ ବାଦ୍ୟ ଆୟ୍‌ୟଣ୍ଡ୍ । ବାତେଙ୍କ୍ ଇଡ଼୍‌କେ ବେଦିତେ ପର୍‌ର

✡ **୨୩:୧୨** ଲୁକ ୧୪:୧୧; ୧୮:୧୪.
* **୨୩:୧୪** ହିଦ୍ ପଦ ବେସ୍‌କ୍ ପାଽନେ ପାଣ୍ଡୁଲିପିତାଗ୍ ଇଲେ

ନେହ୍‌ସ୍‌ମାନ୍ଦାନ୍ ନୈବେଦ୍ୟ ପେଦେର୍‌ତେ ପ୍ରତିଜ୍ଞା ମାଡ଼୍‌କେ, ଆଦ୍ ଆଲଙ୍ଗନୀୟ ।
୧୯ ବେସର୍ କାନାନି ନିମ୍ । ବେଗେ ବେଡ଼୍‌ୟାଦ୍ ନୈବେଦ୍ୟ ନା
ନୈବେଦ୍ୟତିଙ୍କ୍ ପବିତ୍ର ମାଡ଼ାନାଦ୍ ବେଦି ?
୨୦ ଇଦ୍‌କେ ବେନ ବେଦି ପେଦେର୍‌ତେ ଶପତ୍ ମାଡ଼୍‌କେ, ଅଣ୍ଡ୍
ବେଦି ନୁ ଆଦିନ୍ ପର୍‌ର ମାନ୍ଦାନ୍ ସୁଦୁଟ୍ ନୈବେଦ୍ୟ ସାମଗ୍ରି
ପେଦେର୍‌ତେ ଶପତ୍ ମାଡ଼େଣ୍ଡ୍ ।
୨୧ ବେନ ମନ୍ଦିର୍ ପେଦେର୍‌ତେ ଶପତ୍‌ମାଡ଼୍‌କେ ଅଣ୍ଡ୍ ମନ୍ଦିର୍‌ତାଗ୍
ମାନ୍‌ତାନ୍ ଇଶ୍ୱର୍‌ତେ ପେଦେର୍‌ତେ ଶପତ୍ ମାଡ଼ିତନ୍ ।
୨୨ ✡ବେନ ସ୍ୱର୍ଗ ପେଦେର୍‌ତେ ଶପତ୍ ମାଡ଼ିତନ୍, ଅଣ୍ଡ୍ ଇଶ୍ୱର୍
ସିଂହାସନ ନୁ କୁଦିମାନ୍ତାନ୍ ଇଶ୍ୱର୍‌ତେ ପେଦେର୍‌ତେ ଶପତ୍ ମାଡ଼ିତନ୍ ।
୨୩ ଆର୍, ମୁର୍କ ଦର୍ମଗୁରୁ ନୁ ଫାରୂଶୀଡ଼୍, ମିୟାଦ୍ ପରିଣତି ବେସର୍
ଶଚନିୟ, ମିଡ଼୍ ଇଶ୍ୱର୍‌ତେ ଗଟ୍‌ତେ ପଦିନା, ପାନ ମହୁରୀ ନୁ ଜିରାର
ଆନ୍‌ତେ ଦଶମାଂଶ ଦାନ ହିସମିନ୍ଦେଡ଼ି, ବାତେଙ୍କ୍ ଇଦ୍‌କେ ନ୍ୟାୟ
ଦୟା ସାଦୁତା ସାରେ ବ୍ୟବସ୍ଥାତାଉ ଲେକେତ୍ ବିଷୟ୍‌ଆନ୍‌ତେ ୱିଡ଼୍‌ସି
ମିନ୍ଦେଡ଼ି । ବ୍ୟବସ୍ଥାତା ହି ବିଷୟ୍‌ତାଉ ମୁନେଙ୍କ୍ ପୁଞ୍ଜ୍‌ମାନ୍ଦାନାଦ୍
ଲେକାମ୍ ।
୨୪ ଆର୍ କାନାଙ୍କ୍ ଆର୍ ତଅତାନଡ଼ି, ମିଡ଼୍ ବାତେଏ ତିନ୍ଦାନ୍ ୱେଲେ
ଆଗେ ପୁଡ଼ିୟି ରାଲିମାନ୍‌ତେ ହିଞ୍ଜ ଆଦିଙ୍କ୍ ଚାନାମାଡ଼ିତିଡ଼୍, ଇଦ୍‌କେ
ମିଡ଼୍ ୱେର୍‌ର ଉଟ୍‌ତିଙ୍କ୍ ଲୋପିତିଡ଼୍ ।
୨୫ ହାୟ, ଦଣ୍ଡତେ ନାରୁଡ଼୍ ମୁର୍କ ଶାସ୍ତ୍ରୀ ନୁ ପାରୂଶୀଡ଼୍, ମିଡ଼୍ ଗିନା ନୁ
ତାଲିତେ ବାୟିଦେ ନର୍‌ଦ୍‌ତିଡ଼୍, ମାତର୍ ଲୋପେ ଆଦ୍ ସାରେ ବୁସା
ପାଡ଼୍‌ୟି ନୁ ଇନ୍ଦ୍ରିୟ କାମ୍‌ଦେ ବର୍ତ୍ତି ଆସ୍‌ମିନ୍ଦେ ।
୨୬ ହୋ କାନାଲ୍ ଫାରୁଶି, ମୁନେଙ୍କ୍ ଗିନେତ୍ ଲପ୍ ନର୍‌ମୁଟ୍,
ବେଦ୍‌ପୁଟୁଙ୍କ୍ ଆଦିନାଗେ ବାୟିଦେ ଆନ୍‌ତେ ନର୍‌ସ୍ ଆଦ୍‌ତେ ।
୨୭ ✡ଆୟ୍, ଦଣ୍ଡତେ ନାରୁଡ଼୍ କପଟି ଶାସ୍ତ୍ରୀ ନୁ ପାରୂଶୀଡ଼୍, ବାତ୍‌ତେଙ୍କ୍
ଇଦ୍‌କେ ମିଡ଼୍ ଚୂନ୍ ଆକ୍‌ତେ ସମାଦିତ୍ ଲେକାମ୍ ଆଦ୍ ବାଇଦେ ସୁନ୍ଦର୍
ଇଦ୍‌କେ ଲୋପେ ଡଲ୍‌ତେ ମେନ୍ଦୁଲ୍ ନୁ ଡଲ୍‌ତେ ବୁଲା ।

✡ **୨୩:୨୨** ମାତିଉ ୫:୩୪. ✡ **୨୩:୨୭** ପ୍ରେରିତ ୨୩:3.

୨୮ ରକମ୍ ମିଡ଼୍ଆନ୍ତେ ବାୟ଼ଦେଡ଼୍ ନାରୁଡ଼୍ କଣ୍ଡେତେ ଦାମର୍ିକ୍
ତନ୍ଦିତିଡ଼୍, ବାତେଙ୍କ୍ ଇଡ଼୍କେ ମିଇ ଲୋପେ ଅପରାଦ୍ ନୁ ପାପ୍ତେ
ବର୍ଡି ଆଶେ ମାନ୍ତେ ।

## ଜିସୁ ଅଡ଼ାଦ୍ ଦଣ୍ଡ୍ ତିପାଲ୍ ଗଟ୍ ହିଡ଼୍ତଣ୍ଡ୍ (ଲୁକ ୧୧:୪୭-୫୧)

୨୯ ହାୟ଼, ଦଣ୍ଡତେ ନାରୁଡ଼୍ ମୁର୍କ ଶାସ୍ତ୍ରୀ ନୁ ପାରୂଶୀଡ଼୍, ବାଡ଼୍ତେଙ୍କ୍
ଇଡ଼୍କେ ମିଡ଼୍ ବାବବାଦୀଲଡ଼ାଦ୍ ସମାଦି ତିଆର୍ ମାଡ଼ି ନୁ
ଦାମର୍ିକ୍ଡ଼ାଦ୍ ସମାଦିସ୍ତମ୍ ସୁଶବିତ ମାଡ଼ି ମାନ୍ତିଡ଼୍,
୩୦ ମାମ୍ ବେସୁଙ୍କ୍ ମା ଆନିଦାଦିଡ଼୍ ସମୟ଼ତେ ମାନେମ୍ ଆଡ଼୍କେ,
ଆଲେକ୍ ବାବବାଦୀଡ଼୍ ନେତୁର୍ତେ ଅଡ଼୍ ତୋଡ଼୍ ଅୟ଼ମ୍ ଆୟ଼େମ୍ ।
୩୧ ଆଦ୍ଦିଙ୍କ୍ ମିଡ଼୍ ଯେ ଆୱ୍କାନ୍ ବାବବାଦୀ ବଂଶତଡ଼ି, ଆଦ୍
ସମ୍ବନ୍ଦତେ ମିଡ଼୍ ହି ନିଜେଡ଼୍ ନିଜେଡ଼୍ ବିଷୟ଼ତେ ସାକ୍ଷ୍ୟ ଇସମିନ୍ଦେଡ଼ି ।
୩୨ ଆଲାଇଡ଼୍କେ ମୁନେ ଦାଟ୍, ମିଇ ମୁନେଡ଼୍ ଆନିଦାଦିଡ଼ାଦ୍ ସାରେ
ଆୟ଼ୱେ ପାଡ଼ିୟ଼ିତିଙ୍କ୍ ସାରେ ମାଡ଼ିମୁଟ୍ ।
୩୩ ✡ଆର୍ ତାଡ଼ାକିନଡ଼ି, କାଲସର୍ପର ବଂଶତଡ଼ି ! ନର୍କ ଦଣ୍ଡକଞ୍ଜ୍
ରକ୍ଷା ପାହେମ୍ ଆଦ୍ତିଡ଼୍ ?
୩୪ ଆଦିଙ୍କ୍ ଉଡ଼େ, ନାନ୍ନେ ମିଇ ଗାର୍ରେ ବାବବାଦୀ, ଜ୍ଞାନି ନୁ
ଶାସ୍ତ୍ରିଡ଼ିକ୍ ରୟ଼ସ୍ ମିନ୍ଦେନ୍; ଅଡ଼୍ ଲୋପେଙ୍କ୍ ବେନ ବେନଙ୍କ୍ ମିଡ଼୍
ଆୱ୍କିତିଡ଼୍ ନୁ କ୍ରୁଶତାଗେ ଆୱୁକିତିଡ଼୍, ମେଣ୍ଡେ ବେନ ବେନଙ୍କ୍ ମିଇ
ଉପାସନା ଲଡ଼୍ତାଗେ କରଡ଼ା ରେହ୍ତିତିଡ଼୍ ନୁ ନାର୍ଦେ ନାର୍ ତାଡ଼ନା
ମାଡ଼ିତିଡ଼୍ ।
୩୫ ସାରେଲେକେଡ଼୍ ହେବଲ୍ତାଗାଙ୍କ୍ ଆରାମ୍ ମାଡ଼ି ମନ୍ଦିର୍ ନୁ ବେଦି
ମଦ୍ୟସ୍ଥଳତାଗେ କାୟ଼ି ମାନ୍ଦାନ୍ ଜିକରିୟ଼ ବରକିଅନ୍ତେ ମାର୍ ଦେ
କଞ୍ଜ୍ ପୃତିବିତେ ସାରେତଡ଼୍ ଦାମର୍ିକ୍ ନାରୁଡ଼ାଦ୍ ଆୱୁକାନ୍ ମାଇଦିଙ୍କ୍
ମିଡ଼୍ ଦଣ୍ଡିଡ଼୍ ଆଦ୍ତିଡ଼୍ ।
୩୬ ନାନ୍ନେ ମିକିଂଙ୍କ୍ ନିଜାମ୍ କେତୁତାନ୍, ହି ସାରେ ନାରିଡ଼୍
ଆୱୁକାନ୍ ମାଇଦିଙ୍କ୍ ହି ଯୁଗ୍ତେ ନାରୁଡ଼୍ ଦଣ୍ଡଡ଼୍ ତିପାଲ୍ ଆଦ୍ତିନ୍ ।

✡ **୨୩:୩୩** ମାତିଉ 3:୭; ୧୨:3୪; ଲୁକ 3:୭.

## ଯିରୁଶାଲେମ୍‌ତେ ସେଙ୍ଗେ ଜିସୁନ୍ ପ୍ରେମ
*(ଲୁକ ୧୩:୩୪-୩୫)*

୩୭ “ହୋ ଯିରୁଶାଲେମ୍, ହୋ ଯିରୁଶାଲେମ୍ । ମିଡ଼୍‌ ବାବବାଦୀଡ଼୍‌କ୍
ଆଖୁକୁଡିଡ଼୍‌ ନୁ ଇଶ୍ୱର୍ ରୟସ୍‌ମାନ୍ଦାନ୍ ଗଟିକେ ଅଡ଼୍‌କିଂଙ୍କ୍ କାଲ୍‌କ୍
ହେସି ରେହ୍‌ଡୁଡିଡ଼୍‌ । କର୍ ତାନ୍ ରେକାନ୍ ମଦଲ୍ ପିଲାଙ୍କ୍ ପୟସ୍
ନେହେତାନ୍ ଲେକାମ୍, ମିଇ ନାରୁଡ଼୍‌କିଂଙ୍କ୍ ନା ବାହୁଡ଼୍ ମଦଲ୍ ରକ୍ଷା
ମାଡ଼ାନ୍ ମାଇଦିଙ୍କ୍ ନାନ୍ ବେସଦାମ୍ ଆଲ୍‌ସି ମାଡ଼୍‌ତାନ୍ । ବାତେଙ୍କ୍
ଇଡ଼୍‌କେ ମିଡ଼୍‌ ନାକିଂଙ୍କ୍ ଆଦ୍ ମାଡ଼ାନଙ୍କ୍ ଇୱିଡ଼ି ।”
୩୮ ଉଡ଼େ, ମିଇ ମନ୍ଦିର୍ ମିୟିକାଇଦେ ୱିଡ଼୍‌ସିଦୁତମ୍ ।
୩୯ ବାତେଙ୍କ୍ ଇଡ଼୍‌କେ ନାନ୍ ମିକିଂଙ୍କ୍ କେତୁତାନ୍, ପ୍ରବୁନ୍
ପେଦେର୍‌ତେ ବେନ ୱାଦୁତଣ୍ଡ୍, ଅଣ୍ଡ୍ ଦନ୍ୟ, ମିଡ଼୍‌ ହି ଗଟ୍ କେଲକଟ
ମାନ୍‌ନା ଯାକ ନାକିଂଙ୍କ୍ ମେଣ୍ଡେ ଉଡ଼େ ପାର୍‌ୱିଡ଼୍‌ ।

# ୨୪

## ମନ୍ଦିର୍ ଦଂସ ବିଷୟ୍‌ତେ ଗଟ୍
*(ମାର୍କ ୧୩:୧-୨; ଲୁକ ୨୧:୫-୬)*

୧ ଜିସୁ ମନ୍ଦିର୍‌ତାଗାଙ୍କ୍ ପେୟିସ୍ ଆଦ୍‌ଦାନ୍ ୱେୟ୍ ଶିଷ୍ୟଡ଼୍‌ ମନ୍ଦିର୍
ବେଡ଼େତାଗେ ମାନ୍ଦାନ୍ ବେଡ଼୍‌ୟା ସୌଦଡ଼୍ ପାକେ ଜିସୁନ୍ ଦୃଷ୍ଟି ତିଆର୍
ମାଡ଼୍‌ତେ ।
୨ ବାତେଙ୍କ୍ ଇଡ଼୍‌କେ ଜିସୁ ସଡ଼୍ କେଡ଼୍‌ତଣ୍ଡ୍, “ଇଞ୍ଜେ ସିନା ଇସାର୍‌ରେ
ଉଡ଼୍‌ତିଡ଼୍‌ । ନାନ୍ ମିକିଂଙ୍କ୍ କେତୁତାନ୍, ହି ମନ୍ଦିର୍‌ତାଗ୍ ୱେରଡ଼୍‌ଆନ୍‌ତେ
କାଲ୍ ଅନ୍ ପଡ଼ିୟେତାଗ୍ ମାନ୍‌ନ । ସାରେ ବୂମିସାଡ଼୍ ଆଦ୍‌ତେ ।”

## ଦୁଃକାମ୍ ନୁ ତାଡ଼ନା
*(ମାର୍କ ୧୩:୩-୧୩; ଲୁକ ୨୧:୭-୧୯)*

୩ ଜିସୁ ଜିତ ମେଟେଡ଼୍ ପର୍‌ର କୁଦି ମାନ୍ଦାନ୍‌ୱେଲେ ଶିଷ୍ୟଡ଼୍‌
ଅଣ୍ଡ୍‌ୟଦାମ୍ ୱାସ୍ ପାଚ୍ରା ମାଡ଼୍‌ତଡ଼୍, “ଇସାର୍‌ରେ ବେସୁଟ୍ ଗଟେମ୍
ଆଦ୍‌ତେ, ମାକିଂଙ୍କ୍ କେଲ୍‌ମ୍ । ବାତେଏ ଗଟେମ୍ ଆଡ଼୍‌କେ ମାମ୍‌ମେ
